
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୬ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 26 February 2026
Vol.No. 36 ■ No.54 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଏନସିଇଆରଟି ବହିରେ 'ନ୍ୟାୟିକ ଦୁର୍ନୀତି': ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ : ଜଷ୍ଟିସ୍ ସୂର୍ଯ୍ୟକାନ୍ତ

ନୂଆଦିଲ୍ଲୀ,୨୫/୨ : ବୁଧବାର ଦିନ ସୁପ୍ରିମକୋର୍ଟ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ଏନ୍‌ସିଇଆରଟି ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକର କିଛି ଅଂଶ ଉପରେ କଡ଼ା ଆପତ୍ତି ଉଠାଇଛନ୍ତି। ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ ନ୍ୟାୟପାଳିକାରେ ଦୁର୍ନୀତି ବିଷୟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି। ବରିଷ୍ଠ ଆଇନଜୀବୀ କପିଲ ସିବଲ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମ୍ମୁଖରେ ଏହି ପ୍ରସଙ୍ଗ ଉଠାଇଥିଲେ। ପ୍ରଧାନ ବିଚାରପତି କହିଥିଲେ ଯେ, କୋର୍ଟ ଏହି ମାମଲାର ସ୍ୱତଃସ୍ପୃତ ବିଚାର କରିଛନ୍ତି। ରିପୋର୍ଟ ଅନୁଯାୟୀ, ବରିଷ୍ଠ ଆଇନଜୀବୀ କପିଲ ସିବଲ ସିଜେଆଇଙ୍କ ବେଞ୍ଚ୍ ସମ୍ମୁଖରେ ଅଭିଯୋଗ କରିଥିଲେ,




ଏନସିଇଆରଟି ପକ୍ଷରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟପାଳିକାରେ ଦୁର୍ନୀତି ବିଷୟରେ ପଢ଼ାଯାଉଛି। ଏହା ଏକ ଅତ୍ୟନ୍ତ ଚିନ୍ତାଜନକ ବିଷୟ। ମୁଁ ବାର ପକ୍ଷରୁ ଏଠାରେ ଉପସ୍ଥିତ ହୋଇଛି। ସିଜେଆଇ ସୂର୍ଯ୍ୟକାନ୍ତ ଉତ୍ତର ଦେଇଥିଲେ, ଦୟାକରି କିଛି ଦିନ ଅପେକ୍ଷା କରନ୍ତୁ। ବାର ଏବଂ ବେଞ୍ଚ ସମସ୍ତେ ଏନେଇ ଚିନ୍ତିତ। ସମସ୍ତ ହାଇକୋର୍ଟ ବିଚାରପତି ଚିନ୍ତିତ। ମୁଁ ଏହି ପ୍ରସଙ୍ଗର ସ୍ୱତଃସ୍ପୃତ ବିଚାର କରିବି। ମୁଁ କାହାକୁ ସଂସ୍ଥାକୁ ବଦନାମ କରିବାକୁ ଦେବି ନାହିଁ। ଆଇନ ନିଜ କାର୍ଯ୍ୟ କରିବ। ଏକ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାଯିବ। ମୁଁ ଅଧିକ କିଛିକହିବି ନାହିଁ। ଜଷ୍ଟିସ୍ ଜୟମାଲ୍ୟ ବାଗଚି କହିଥିଲେ,ଏହା ସମ୍ବିଧାନର ମୌଳିକ ଢାଞ୍ଚା ଉପରେ ଏକ ସିଧାସଳଖ ଆକ୍ରମଣ। ପୁସ୍ତକଟି ମୌଳିକ ଢାଞ୍ଚାର ବିରୋଧୀ ପରି ମନେ ହେଉଛି । ପୁସ୍ତକରେ ଆମ ସମାଜରେ ନ୍ୟାୟପାଳିକାର ଭୂମିକା ଶୀର୍ଷକ ଅଧ୍ୟାୟରେ ନ୍ୟାୟପାଳିକାରେ ଦୁର୍ନୀତି ସମ୍ପର୍କରେ ରହିଛି। ସେଥିରେ ବିଚାରପତିଙ୍କ ଅଭାବ, ଜଟିଳ ଆଇନଗତ ପ୍ରକ୍ରିୟା ଏବଂ ଦୁର୍ବଳ ଭିତ୍ତିଭୂମି ନ୍ୟାୟିକ ବ୍ୟବସ୍ଥା ପାଇଁ ଏକ ଚ୍ୟାଲେଞ୍ଜ୍ ଭାବରେ ଉଲ୍ଲେଖ କରାଯାଇଛି।

## ଆଜି ଆସିବ ଟ୍ରିବ୍ୟୁନାଲ ଟିମ୍ : ମହାନଦୀ ପାଇବ କି ନ୍ୟାୟ ?

ଭୁବନେଶ୍ୱର, ୨୫/୨ (ନି.ପ୍ର): ୨୦୨୩ରେ ଟ୍ରିବ୍ୟୁନାଲ ଟିମ୍ ମହାନଦୀ ବୁଲି ଦେଖିଥିଲେ। ସେତେବେଳେ ଓଡ଼ିଶାକୁ ମିଳିନଥିଲା ନ୍ୟାୟ । ବରଂ ମହାନଦୀର ତଣ୍ଟି ଚିପାଯାଉଥିବା ବେଳେ ଚୁପ୍ ରହିଥିଲା ଟ୍ରିବ୍ୟୁନାଲ। ଏବେ ପୁଣିଥରେ ଟ୍ରିବ୍ୟୁନାଲ ଟିମ୍ ଓଡ଼ିଶା ଆସିବ। ହେଲେ ରାଜ୍ୟ ସରକାର ଆପୋଷ ଆଲୋଚନାରେ ମହାନଦୀ ବିବାଦର ସମାଧାନ ସୂତ୍ର ଖୋଜୁଥିବା ବେଳେ ଟ୍ରିବ୍ୟୁନାଲ ଗସ୍ତରୁ ଓଡ଼ିଶା ଯେ ଲାଭବାନ ତାହାର ସମ୍ଭାବନା କ୍ଷୀଣ । ଓଡ଼ିଶା ଟଣାଓଟରା ଭିତରେ ମହାନଦୀରେ ଅନେକ ପାଣି ବହି ଯାଇଛି। ଏବେ କିନ୍ତୁ ମହାନଦୀ ଶୁଖିଲା ପଡିଛି। ଯେଉଁ ଶୁଖିଲା ମହାନଦୀକୁ ଦେଖିବାକୁ ରାତିପାହିଲେ ଆସିବେ ଟ୍ରିବ୍ୟୁନାଲ ଟିମ୍। ହୀରାକୁଦ ଡ୍ୟାମର ସ୍ପିଲ୍‌ୱେ, କମାଣ୍ଡ ଏରିଆ, ବୁର୍ଲା ପାୱାର ହାଉସ, ଚିପିଲିମା ପାୱାର ହାଉସ ସହ ଅନ୍ୟାନ୍ୟ ଅଞ୍ଚଳ ବୁଲି ସ୍ଥିତି ପରଖିବ ଟିମ୍। ହେଲେ ମହାନଦୀର ତଣ୍ଟି ଛତିଶଗଡ ଯେଉଁଠି ଚିପି ଦେଇଛି, ସେହି ଶୁଖାସୋଢାରେ ପଡିବନି ଟ୍ରିବ୍ୟୁନାଲର ପାଦ। ତେଣୁ ଟ୍ରିବ୍ୟୁନାଲର ଗସ୍ତକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ମହାନଦୀ ବଞ୍ଚାଅ ଆନ୍ଦୋଳନ ସ୍ପଷ୍ଟ ଭାବେ କହିଛି, ଟ୍ରିବ୍ୟୁନାଲ ଓଡ଼ିଶାକୁ ପିକନିକ୍ କରିବାକୁ ନ ଆସୁ। ଗସ୍ତ ପରେ ଅଣମୌସୁମୀ ସମୟରେ ମହାନଦୀକୁ ଛତିଶଗଡ଼ କେତେ ପାଣି ଛାଡ଼ିବ ତାହା ସ୍ପଷ୍ଟ ହେବା ଦରକାର। ନଚେତ୍ ସତ୍ୟାଗ୍ରହକୁ ଓହ୍ଲାଇବ ଚେତାବନୀ ଦେଇଛନ୍ତି ସୁଦର୍ଶନ । ଶୁକୁଶୁକୁ ହେଉଥିବା ମହାନଦୀକୁ ଦେଖିବାକୁ ଟ୍ରିବ୍ୟୁନାଲ ଟିମ୍ ଓଡ଼ିଶା ପ୍ରଥମଥର ପାଇଁ ଆସୁନି। ୨୦୨୩ରେ ବି ଟ୍ରିବ୍ୟୁନାଲ ଟିମ୍ ଓଡ଼ିଶା ଆସିଥିଲା, ମହାନଦୀର ସ୍ଥିତି ପରଖିଥିଲା। ହେଲେ ମହାନଦୀକୁ ନ୍ୟାୟ ଦିଅ ବୋଲି ଅଢେଇ ବର୍ଷ ପରେ ବି ଓଡ଼ିଶାକୁ ନେହୁରା ହେବାକୁ ପଡୁଛି। ନ୍ୟାୟ ଆଶାରେ ଥିବା ଓଡ଼ିଶାକୁ ଟ୍ରିବ୍ୟୁନାଲରୁ ମିଳୁଛି କେବଳ ନୂଆ ତାରିଖ । ଯାହାକୁ ନେଇ ଟ୍ରିପଲ ଇଞ୍ଜିନ ସରକାରରେ କାହିଁକି ମହାନଦୀ ଜଳ ବିବାଦର ସମାଧାନ ହେଉନି ବୋଲି ପ୍ରଶ୍ନ କରିଛି ବିଜେଡି । ଜବାବ ରଖି ବିଜେପି କହିଛି, ପୂର୍ବ ସରକାର ଭଳି କଥା ଲୁଚାଇବନି ବିଜେପି ସରକାର । ଖୁବଶୀଘ୍ର ମହାନଦୀ ବିବାଦର ହେବ ସମାଧାନ। ଟ୍ରିବ୍ୟୁନାଲ ଟିମ୍‌ର ଗସ୍ତ ଭିତରେ ଆପୋଷ ଆଲୋଚନା ଓ କେନ୍ଦ୍ରର ମଧ୍ୟସ୍ଥତାକୁ ଭରସିଛି ଓଡ଼ିଶା। ହେଲେ କେବେ ଛତିଶଗଡ଼ ସହ ଆଲୋଚନା ହେବ, କେବେ ମହାନଦୀରେ ଜଳ ଲହଡ଼ି ମାରିବ ତାକୁ ଅପେକ୍ଷା ।

## ହେମନ୍ତ ସୋରେନଙ୍କୁ ବଡ଼ ଆଶ୍ୱସ୍ତି ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୫/୨ : ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସୁପ୍ରିମକୋର୍ଟ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ସୋରେନଙ୍କ ବିରୋଧରେ ଟ୍ରାଏଲ୍ କୋର୍ଟରେ ଚଲାଇଥିବା କାର୍ଯ୍ୟଧାରାକୁ ସ୍ଥଗିତ ରଖିଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଇଡି ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରିଛନ୍ତି। କୋର୍ଟ ଇଡିକୁ ଏକ ନୋଟିସ ଜାରି କରିବା ସହ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, ଆପଣ ଅନେକ ବଡ଼ ମାମଲା ଦାୟର କରିଛନ୍ତି। ସେଗୁଡ଼ିକ ଉପରେ ଧ୍ୟାନ ଦେଲେ ଭଲ ହେବ। ହାଇକୋର୍ଟଙ୍କ ଆଦେଶ ଉପରେ ସ୍ଥଗିତାଦେଶ

◆◆ପୃଷ୍ଠା ୭

## ସରୁନି ମଣ୍ଡି ଯନ୍ତ୍ରଣା: ହନ୍ତସନ୍ତ ଚାଷୀ, ମିଳୁନି ଟୋକନ୍

ଭୁବନେଶ୍ୱର, ୨୫/୨ (ନି.ପ୍ର): ଚାଷୀ ଓ ଆଉ ମଣ୍ଡି । ଏହି ଗୋଟିଏ ପ୍ରସଙ୍ଗରେ ପୂରା ବିଧାନସଭା ବଜେଟ୍ ଅଧିବେଶନର ପ୍ରଥମାର୍ଦ୍ଧ ଧୋଇଗଲା । ନା ବିଧାନସଭା ସୁରୁଖୁରୁରେ ଚାଲିପାରିଲା, ନା ଚାଷୀଙ୍କ ସମସ୍ୟାର ସମାଧାନ ହେଲା । ସରକାର ଓ ବିରୋଧୀଙ୍କ ତୁତୁ ମେମେ ଭିତରେ ପେଷି ହୋଇଛନ୍ତି ଚାଷୀ । ରାଜ୍ୟରେ ଧାନ ମଣ୍ଡିକୁ ନେଇ ଲାଗି ରହିଛି ସମସ୍ୟା । କେଉଁଠି କଟନିଛଟନି ତ କେଉଁଠି ଟୋକନ ଅବଧି ସରିବାକୁ ବସିଲାଣି । କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଅମଳ ହୋଇଥିଲେ ବି ସେହି ତୁଳନାରେ ମିଳୁଛି କମ୍



ଟୋକନ । ଫଳରେ ମାସମାସ ଧରି ମଣ୍ଡିରେ ପଡ଼ି ରହୁଛି ଧାନ । ଖୋଲା ଆକାଶ ତଳେ ଶୀତକାକରକୁ ଖାତିର ନକରି ନିଜ ଅମଳ ଚାଷକୁ ଜଗି ରହୁଛନ୍ତି ଚାଷୀ । ଧାନ ମଣ୍ଡିରେ ପଡ଼ି ରହିଥିବା ବେଳେ ମିଲର ଆସୁନାହାନ୍ତି କି ଧାନ ନେଉନାହାନ୍ତି । ବଳକା ଧାନକୁ କ'ଣ କରିବୁ ବୋଲି କହି ଚିନ୍ତାରେ ପଡିଛନ୍ତି ଚାଷୀ । ଏମିତିକି ଅଦିନିଆ ବର୍ଷାରେ କୁଇଣ୍ଟାଲ କୁଇଣ୍ଟାଲ ଧାନ ବର୍ଷାରେ ବତୁରି ଯାଇଛି । ଯାହା ଚାଷୀଙ୍କ ନିଦ ହଜାଇ ଦେଇଛି । ଚାଷୀ ଓ ମଣ୍ଡି ସମସ୍ୟା ଭିତରେ ବିଧାନସଭା ବଜେଟ ଅଧିବେଶନର ପ୍ରଥମାର୍ଦ୍ଧ ପୂରା ଧୋଇଗଲା । କୌଣସି ଗୋଟିଏ ଦିନ ପ୍ରଶ୍ନକାଳ କିମ୍ବା ଶୂନ୍ୟକାଳ ସୁରୁଖୁରୁରେ ଚାଲିପାରିଲାନି। ସରକାର କହୁଛନ୍ତି, ମଣ୍ଡିରେ ସବୁକିଛି ଠିକଠାକ୍ ଚାଲିଛି । କିନ୍ତୁ ଗ୍ରାଉଣ୍ଡ ଜିରୋରେ ଚାଷୀଙ୍କ ସମସ୍ୟା ଯାହାକୁ ସେୟା । ସେପଟେ ମନ୍ତ୍ରୀ କହିଛନ୍ତି ଟୋକନ ଅବଧି ସରିଥିଲେ ୧୫ଦିନ ବଢ଼ାଯିବ । ପ୍ରଶ୍ନ ଉଠୁଛି, ଖାଲି ବିଧାନସଭାରେ ହୋହଲ୍ଲା କରିଦେଲେ ସମସ୍ୟାର ସମାଧାନ ହୋଇଯିବ କି ? ପ୍ରକୃତରେ ଚାଷୀଙ୍କ ପାଇଁ କାହାର ଆନ୍ତରିକତା ଅଛି କି ?

## ରେଳଲାଇନ ବିସ୍ଫୋରଣ ଘଟଣା : ମାଓବାଦୀ ରୁପୁ ସିଂକୁ ୬ ଦିନିଆ ରିମାଣ୍ଡରେ ନେଲା ଏନଆଇଏ

ଭୁବନେଶ୍ୱର , ୨୫/୨ (ନି.ପ୍ର): ରାଉରକେଲା ରେଳ ଲାଇନ ବିସ୍ଫୋରଣ ଘଟଣାରେ ଗିରଫ ହାର୍ଡକୋର ମାଓବାଦୀ ରୁପୁ ସିଂକୁ ୬ ଦିନିଆ ରିମାଣ୍ଡରେ ନେଇଛି ଏନଆଇଏ ଟିମ୍ । ଏନଆଇଏ ଟିମ୍ ବୁଧବାର ଦିନ ଭୁବନେଶ୍ୱର ଝାରପଡା ଜେଲରେ ପହଂଚି ରୁପୁ ସିଂକୁ ରିମାଣ୍ଡରେ ନେଇଛି। ରାଉରକେଲା ଟୋପଡ଼ିହି ରେଂଜେଡି ନିକଟରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ଏଥବା ଓରାମ ନାମକ ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ କର୍ମଚାରୀ ଗୁରୁତର ଆହତ ହୋଇଥିଲେ।

## କିଶୋରୀଙ୍କୁ ମିଳିବ ସର୍ଭିକାଲ କ୍ୟାନ୍ସର ଟିକା

ଭୁବନେଶ୍ୱର, ୨୫/୨ (ନି.ପ୍ର): ରାଜ୍ୟରେ କିଶୋରୀମାନଙ୍କୁ ସର୍ଭିକାଲ କ୍ୟାନ୍ସର ଟିକା ଦିଆଯିବ। ଫେବୃଆରୀ ୨୮ ତାରିଖରୁ ସାରା ଦେଶରେ ଟିକାକରଣ ଆରମ୍ଭ ହେବ। ରାଜ୍ୟରେ ଟିକାରକଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୧୪ ବର୍ଷ ବୟସ୍କ ଯାଏଁ ଝିଅମାନଙ୍କୁ ଗୋଟିଏ ଡୋଜ୍ ଦିଆଯିବ। ୧୪ରୁ ଅଧିକ ବୟସ୍କ ଝିଅଙ୍କୁ ୩ଟି ଡୋଜ୍ ଦିଆଯିବ। ୨୦୨୬-୨୭ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ଆରମ୍ଭ ହେବ।

## ଲାଞ୍ଚ ଖୋଲିଦେଲା କୁଖ୍ୟାତ ଖଣି ବାବୁଙ୍କ ମହାଗୁମର: ଭିଜିଲାନ୍ସ ଇତିହାସରେ ସର୍ବକାଳୀନ ରେକର୍ଡ କ୍ୟାସ୍ ଠାବ

ଭୁବନେଶ୍ୱର, ୨୫/୨ (ନି.ପ୍ର): ବିଡ଼ା ବିଡ଼ା ଖଡ଼ ଖଡ଼ିଆ ନୋଟ । ୧୦୦, ୨୦୦ ରୁ ୫୦୦ ଟଙ୍କିଆ ନୋଟ ଚଟାଣ ଉପରେ ଚକ ଚକ କରୁଛି । ମେସିନ ଲାଗିଛି, ଗଣା ଚାଲିଛି । ମଝିରେ ମଝିରେ ବ୍ୟାଙ୍କ କର୍ମଚାରୀଙ୍କ ମେସିନ ବି ଜାମ ଧରୁଛି । ଗୋଟିଏ ପରେ, ଗୋଟିଏ ଟଙ୍କା ବିଡ଼ା ଗଣା ଚାଲିଛି । ଥାକ ଥାକ କରି ଟ୍ରଲି ବ୍ୟାଗରେ ଖଞ୍ଜା ହୋଇ ରଖା ଯାଉଛି । ଘରର ପ୍ରତିଟି



କୋଣରୁ ମିଳୁଛି ପୁଳାପୁଳା ଟଙ୍କା । ଯୁଆଡେ ହାତ ବୁଲାଉଥିଲେ ଭିଜିଲାନ୍ସ ଅଧିକାରୀ ସିଆଡୁ ମିଳୁଥିଲା ଟ୍ରଲି ବ୍ୟାଗ ଭିତରୁ ନଗଦ ଟଙ୍କା । ଦୃଶ୍ୟ ଦେଖି ଭିଜିଲାନ୍ସ ଅଧିକାରୀ ତାଜୁବ ହୋଇଗଲେ ଓ ଗଣି ଗଣି ହାଲିଆ ବ୍ୟାଙ୍କ ଓ ଭିଜିଲାନ୍ସ କର୍ମଚାରୀ । କୁବେର ଅଫିସରଙ୍କ ଘରୁ ମିଳିଛି ନଗଦ ୪ କୋଟି ୨୭ ଲକ୍ଷ ଟଙ୍କା ଆଉ ସୁନା ଗହଣା । ଯାହା ହେଉଛି ଓଡିଶା ଭିଜିଲାନ୍ସ ଇତିହାସର ସର୍ବାଧିକ । ୮ହଜାର ଟଙ୍କାରୁ ଚାକିରି , ୨୨ବର୍ଷରେ କୁବେର ଭଳି ସମ୍ପତ୍ତି । ମାଇନିଂ ଅଫିସର ଭାବେ ୨୦୦୪ରୁ କ୍ୟାରିୟର ଆରମ୍ଭ । ବଲାଙ୍ଗୀର, ବାରିପଦା,

◆◆ପୃଷ୍ଠା ୭

## ମାର୍ଚ୍ଚ ପ୍ରଥମ ସପ୍ତାହରେ ରତ୍ନଭଣ୍ଡାର ଗଣତି-ମଣତି ସମ୍ଭାବନା: ଦୁଇଟି ଟିମ୍ କରିବେ ରତ୍ନଭଣ୍ଡାର ଗଣନା

ପୁରୀ, ୨୫/୨ (ନି.ପ୍ର): ମାର୍ଚ୍ଚ ପ୍ରଥମ ସପ୍ତାହରେ ହେବ ରତ୍ନଭଣ୍ଡାର ଗଣତି ମଣତି । ଏନେଇ ବଡ଼ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କହିଲେ, ଛତିଶା ନିଯୋଗ ସହିତ ଆଲୋଚନା ହୋଇଛି । ଖୁବଶୀଘ୍ର ସମୟ ନିର୍ଘଣ୍ଟ ସ୍ଥିର ହେବ । ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଗଣତିମଣତି ଆରମ୍ଭ କରିବା ପାଇଁ ସରକାର ଯୋଜନା କରୁଛନ୍ତି । ମ୍ୟାନେଜିଂ କମିଟି ଓ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି । ସେମାନେ ଛତିଶା ନିଯୋଗ ସହିତ



କଥା ହୋଇ ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ ଦିନ ଓ ସମୟ ଧାର୍ଯ୍ୟ କରାଯିବ ବୋଲି କହିଛନ୍ତି ଆଇନମନ୍ତ୍ରୀ । ଗତକାଲି ରତ୍ନଭଣ୍ଡାର ଗଣତିମଣତି ଏସ୍‌ଓପି ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗଣତି ମଣତି ଏସଓପି ଉପରେ ଆଲୋଚନା ହୋଇଥିଲା । ଦୁଇଟି ଟିମ୍ ଗଣତି ମଣତିରେ ନିୟୋଜିତ ହେବା ନେଇ ନିଷ୍ପତ୍ତି ହୋଇଛି ।

## ପୁଣି ଥରେ ଟାରିଫ୍ ବୋମା ପକାଇଲେ ଟ୍ରମ୍ପ

ନୂଆଦିଲ୍ଲୀ,୨୫/୨ : ଡୋନାଲ୍ଡ ଟ୍ରମ୍ପ ପାରସ୍ପରିକ ଶୁଳ୍କ ମାମଲାରେ ଆମେରିକାର ସୁପ୍ରିମକୋର୍ଟରେ ପରାଜୟବରଣ କରିବା ପରେ ମଧ୍ୟ ତାଙ୍କର ଶୁଳ୍କ ଅଭିଯାନ ଜାରି ରଖିଛନ୍ତି। ପ୍ରାରମ୍ଭରେ, ୧୦% ବିଶ୍ୱ ଶୁଳ୍କ ଲାଗୁ କରାଯାଇଥିଲା, ଯାହାକୁ ପରେ ୧୫% କୁ ବୃଦ୍ଧି କରାଯାଇଥିଲା। ଫଳରେ ଆନ୍ତର୍ଜାତୀୟ ବାଣିଜ୍ୟରେ ଉତ୍ତେଜନା ବୃଦ୍ଧି ହୋଇଥିଲା। ଏବେ ଆମେରିକା ଭାରତ, ଇଣ୍ଡୋନେସିଆ ଓ ଲାଓସରୁ ଆମଦାନି ହେଉଥିବା ସୌର ଶକ୍ତି ଉତ୍ପାଦଗୁଡ଼ିକୁ ମଧ ଟାର୍ଗେଟ



କରିଛି। ରିପୋର୍ଟ ଅନୁଯାୟୀ, ଆମେରିକାର ବାଣିଜ୍ୟ ବିଭାଗ ସୌରଶକ୍ତି ଉତ୍ପାଦ ଉପରେ ଭାରୀ ଶୁଳ୍କ ଘୋଷଣା କରିଛି। ବାଣିଜ୍ୟ ବିଭାଗ ଅନୁସାରେ ଏହି ପଦକ୍ଷେପ ରପ୍ତାନିକାରୀ ଦେଶଗୁଡ଼ିକୁ ଘରୋଇ ଆମେରିକୀୟ ସୌର ଉତ୍ପାଦ ଅପେକ୍ଷା କମ୍ ମୂଲ୍ୟରେ ନିଜର ଉତ୍ପାଦ ବିକ୍ରି କରିବାରୁ ରୋକିବ। ଏହି ନିଷ୍ପତ୍ତି ଆମେରିକାର ସୌରଶକ୍ତି ନିର୍ମାତାମାନଙ୍କୁ ଲାଭ ଦେବା ତଥା ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ।

◆◆ପୃଷ୍ଠା ୭

## ଇସ୍ରାଏଲରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ: ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ,୨୫/୨ : ପ୍ରଧାନମନ୍ତ୍ରୀ ମୋଦୀଙ୍କ ଐତିହାସିକ ଇସ୍ରାଏଲ୍ ଗସ୍ତ । ଭାରତ-ଇସ୍ରାଏଲ୍ ସମ୍ପର୍କରେ ଯୋଡ଼ା ହେବ ଏକ ନୂତନ ଅଧ୍ୟାୟ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୯ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଇସ୍ରାଏଲ୍ ଗସ୍ତ କରିଛନ୍ତି । ଇସ୍ରାଏଲରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭବ୍ୟ ସ୍ୱାଗତ, ସମ୍ବର୍ଦ୍ଧନା କରାଯାଇଛି । ଇସ୍ରାଏଲ




ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନିଜେ ବିମାନ ବନ୍ଦରରେ ପହଞ୍ଚି ନିଜ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପାଛୋଟି ନେଇଛନ୍ତି । ମୋଦୀଙ୍କ ଏହି ଗସ୍ତ କେବଳ ଦୁଇ ଦେଶ ମଧ୍ୟରେ ଥିବା ବନ୍ଧୁତାକୁ ସୁଦୃଢ଼ କରିବ ନାହିଁ, ବରଂ ଏସିଆ ଏବଂ ମଧ୍ୟ-ପ୍ରାଚ୍ୟର ଭୂ-ରାଜନୈତିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନ ଆଣିବାର ସମ୍ଭାବନା ରଖିଛି । ଯଦିଓ ଏହି ଗସ୍ତକୁ ନେଇ ଉଭୟ ଦେଶରେ ଉତ୍ସାହ ରହିଛି, ଇସ୍ରାଏଲର ଆଭ୍ୟନ୍ତରୀଣ ରାଜନୀତିରେ ବିରୋଧୀଦଳଙ୍କ ବର୍ଜନ ଧମକ ଏହାକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କରିଛି। ୯ ବର୍ଷ ପରେ ଏହି ଗସ୍ତ କେବଳ ଫାଇଲ୍ ଚୁକ୍ତିରେ ସୀମିତ ନୁହେଁ।

◆◆ପୃଷ୍ଠା ୭

# ପ୍ରେମ ପାଇଁ ମା' ଓ ଭାଇକୁ ହତ୍ୟା

ଜୟପୁର, ୨୫/୨ (ନି.ପ୍ର): ନିଖୋଜ ମା ପୁଅଙ୍କ ମୃତଦେହ ଉଦ୍ଧାର ହୋଇଛି । ଗତ ୨୧ ତାରିଖ ଦିନ ବୋରିଗୁମ୍ମା ଥାନାରେ ମା ଓ ପୁଅ ନିଖୋଜ ନେଇ ଅଭିଯୋଗ ହୋଇଥିଲା । ଏବେ ସେହି ନିଖୋଜ ଘଟଣାରେ ଅଲଗା ରୂପ ଦେଖିବାକୁ ମିଳିଛି। ସୋମବାର କୋଟପଡ଼ ଥାନା ଅଂଚଳ ଏକ କେନାଲ ଭିତରୁ ବସ୍ତା ଭିତରେ ବନ୍ଧା ହୋଇ ନିଖୋଜ ପୁଅର ଶବ ଉଦ୍ଧାର ହୋଇଥିବା ବେଳେ ମଙ୍ଗଳବାର ସକାଳୁ ମା'ଙ୍କ ମୃତଦେହ ଜୟନ୍ତଗିରି ନିକଟସ୍ଥ କେନାଲରୁ ଉଦ୍ଧାର ହୋଇଛି। ଏପରି ଘଟଣାକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହୋଇଛି । ପ୍ରେମ ପାଇଁ ଏହି ହତ୍ୟାକାଣ୍ଡ କି ବୋଲି ପ୍ରଶ୍ନ ଉଠୁଛି । ପ୍ରେମ ପାଇଁ ଜନ୍ମ ଦେଇଥିବା ମାଆ ଓ ଭାଇକୁ ପ୍ରେମିକ ସହ ମିଶି ମାରିଦେଲା କି ଯୁବତୀ ? ମୃତ ଭାଇ ଏହେମ ପରିଡ଼ା ଓ ମା ଅନୁଷ୍କା ପରିଡାଙ୍କ ଶବ ଉଦ୍ଧାର ହୋଇଛି। ମା ଓ ପୁଅଙ୍କ ଶବ ଉଦ୍ଧାର ପରେ ବୋରିଗୁମ୍ମାରେ ଚାଂଚଲ୍ୟ ଖେଳିଯାଇଛି। ଯୁବତୀ ଜଣକ ସ୍ଥାନୀୟ ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ଏହି ପ୍ରେମ ସମ୍ପର୍କକୁ ବିରୋଧ କରିଥିଲେ ତାଙ୍କ ମାଆ ଓ ଭାଇ। ଏଥିପାଇଁ ପ୍ରେମିକଙ୍କ ସହ ମିଶି ନିଜ ମା ଓ ଭାଇକୁ ହତ୍ୟା କରି କେନାଲରେ ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରୁଛି କ୍ଷଏହି ଘଟଣାରେ ଯୁବତୀ ଏବଂ ତାଙ୍କ ପ୍ରେମିକକୁ ଅଟକ ରଖି ଅଧିକ ପଚରା ଉଚରା କରୁଛି ପୋଲିସ। ଖୁବ୍ ଶୀଘ୍ର ଏହି ହତ୍ୟା ଘଟଣାର ପର୍ଦ୍ଦାଫାଶ ହେବ ବୋଲି ବୋରିଗୁମ୍ମା ଏସଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି । କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଂଚଳରେ ଗତ ୧୮ ତାରିଖରେ ଘଟିଥିବା ଏହି ଚାଂଚଲ୍ୟକର ଘଟଣା ଉପରେ ନିଖୋଜ ମାମଲା ବଦଳିଗଲା ସୁଚିନ୍ତିତ ହତ୍ୟା ମାମଲାରେ । ବସ୍ତା ଭିତରୁ ମିଳିଲା ମା ଓ ପୁଅର ଶବ । ପୋଲିସ କହିଲା ହୋଇ ଥାଇପାରେ ହତ୍ୟା । ସୂଚନା ମୁତାବକ, ଭଉଣୀର ପ୍ରେମକୁ ବିରୋଧ କରିବାରୁ ଆରମ୍ଭ ହୋଇଥିଲା ଏହି ସୁଚିନ୍ତିତ ହତ୍ୟା ମାମଲାର ବଡ ଷଡ଼ଯନ୍ତ୍ର । ସାମିଲ୍ ହୋଇଥିଲେ ପ୍ରେମିକା, ପ୍ରେମିକଙ୍କ ସହ ଆଉ ଜଣେ ବନ୍ଧୁ । ଅନ୍ୟପଟେ ଆଜି ପୋଲିସ ଉଭୟଙ୍କ ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିବା ବେଳେ ଅଟକ ରଖି ଜେରା କରିଥିଲା ଉଭୟ ପ୍ରେମିକା, ପ୍ରେମିକ ଓ ଅନ୍ୟ ଜଣ ବନ୍ଧୁଙ୍କୁ । ଗତ ୧୮ ତାରିଖ ରାତିରେ ହିଁ ହୋଇଥିଲା ଏହି ହତ୍ୟାକାଣ୍ଡ । ନିଜ ଘରେ ପ୍ରେମିକଙ୍କ ସହାୟତାରେ ମାଆ ଓ ଭାଇକୁ ହତ୍ୟା କରିଥିଲେ ଯୁବତୀ। ଏହି ଘଟଣାକୁ ଲୁଚେଇବା ପାଇଁ ଉଭୟଙ୍କ ଶବକୁ ବସ୍ତାରେ ବାନ୍ଧି ଏକ ସ୍କୁଟି ଯୋଗେ ଜୟନ୍ତୀ ଗିରି କେନାଲରେ ଫିଙ୍ଗି ଦେଇଥିଲେ। ଘଟଣାର ଦୁଇ/ତିନି ପରେ ଗତ ୨୧ ତାରିଖ ଦିନ ଯୁବତୀଙ୍କ ମାମୁଁ ଏ ସମ୍ପର୍କରେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପୋଲିସ ଘଟଣାର ଛାନଭିନ ଆରମ୍ଭ କରିଥିଲା। ଗତକାଲି ମୃତ ଭାଇଙ୍କ ଶବ କେନାଲ ପାଣିରେ ବସ୍ତା ଭିତରେ ବନ୍ଧା ହୋଇ ଭାସୁଥିବା ବେଳେ ଉଦ୍ଧାର କରିଥିଲା।ଶବ ଉଦ୍ଧାର ପରେ ପୋଲିସ ଜାଣିବାକୁ ପାଇଲା ଏହା ଏକ ହତ୍ୟାକାଣ୍ଡ। ପ୍ରେମ ପାଇଁ ହୋଇଛି ଏହି ହତ୍ୟାକାଣ୍ଡ। ପୋଲିସର ତଦନ୍ତ ପରେ ସାମ୍ନାକୁ ଆସିଥିଲା ହତ୍ୟା ଷଡଯନ୍ତ୍ରର ଅସଲ ସତ । ପ୍ରେମ ସମ୍ପର୍କକୁ ବିରୋଧ କରିବାରୁ ମିଳିମିଶି ରଚିଥିଲେ ହତ୍ୟା ଷଡ଼ଯନ୍ତ୍ର । ପ୍ରେମ ପାଇଁ ନିଜ ମାଆ ଓ ଭାଇଙ୍କ ଜୀବନ ନେବା ପାଇଁ ପଛେଇ ନାହାନ୍ତି ଯୁବତୀ।ତମାମ ହତ୍ୟା ଘଟଣାର ସିନ ରିକ୍ରିଏସନ ପରେ ପୋଲିସ ହତ୍ୟା ଘଟଣାର ପର୍ଦ୍ଦାଫାସ କରିବ ବୋଲି ସୂଚନା ମିଳିଛି ।

# ବିକଶିତ ଭାରତ ଯୁବ ସଂସଦ-୨୦୨୬ ପାଳନ ନେଇ ସାମ୍ବାଦିକ ସମ୍ମିଳନୀ

ମାଲକାନଗିରି, ୨୫/୨ (ନି.ପ୍ର): ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ଜାତୀୟ ସେବା ଯୋଜନା ଏବଂ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରି ଅନୁକୁଲ୍ୟରେ ଆସନ୍ତା ମାର୍ଚ୍ଚ ୧ ତାରିଖରେ ମାଲକାନଗିରି ଜିଲ୍ଲା ସଂସ୍କୃତି ଭବନ ଠାରେ –"ବିକଶିତ ଭାରତ ଯୁବ ସଂସଦ-୨୦୨୬'' ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଆଲୋକ କୁମାର ପାତ୍ର, ଡଃ. ଦେବାଶିଷ ପାହି ଏନ୍.ଏସ୍.ଏସ୍ ପ୍ରୋଗ୍ରାମ ଅଫିସର ଓ ଭିବିଏଓ୍ୱାଇପି ସମନ୍ୱୟକାରୀ, ଡଃ. ହିମାଂଶୁ ଶେଖର ସାହୁ ଆକାଉଂଟ ବର୍ସର, ଡ଼ଃ. ପ୍ରସନ୍ନ କୁମାର ବରାଳ ପ୍ରଶାସନିକ ବର୍ସର, ଡ଼ଃ. ନାଇଜେଲ ପିଟର ଓ'ବ୍ରାଏନ ନାଆକ୍ ସମନ୍ୱୟକାରୀ ଏବଂ ଶ୍ରୀମତୀ କଳ୍ପନା ଦଳାଇ ଆଇ.ସି.ସି. ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଡଃ. ଆଲୋକ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ଓ ଏହି କାର୍ଯ୍ୟକ୍ରମଟି ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ମିନିଷ୍ଟ୍ରି ଅଫ ୟୁଥ ଆଫଇରସ ଏଣ୍ଡ ସ୍ପୋର୍ଟ୍ସ ଏବଂ ଏନଏସଏସ ବ୍ୟୁରୋ ଭୁବନେଶ୍ୱରଙ୍କ ସହଯୋଗୀତାରେ ଆୟୋଜନ ହେବା ନେଇ ସମସ୍ତ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୨୦୦ ଛାତ୍ର ଛାତ୍ରୀ ଯୋଗଦାନ କରିପାରିବା ନେଇ ଅକାଳନ କରାଯାଇଥିବା ବେଳେ, ଏହି କାର୍ଯ୍ୟକ୍ରମରେ ୧୮ ରୁ ୨୫ ବର୍ଷର ଯୁବକ ଓ ଯୁବତୀ ଅଂଶଗ୍ରହଣ କରିପାରିବେ ବୋଲି ସୂଚନା ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମରେ ତିନୋଟି ଭାଷାରେ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ ଯାହା -ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଓ ଏହି ପ୍ରତିଯୋଗିତାରେ ଯେଉଁମାନେ କୃତିତ୍ୱ ଅର୍ଜନ କରିବେ ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସ୍ତରୀୟ ଏବଂ ଜାତୀୟ ସ୍ତରୀୟରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ ସୂଚନା ଦିଆଯାଇଥିଲା ଓ ଏହି ପ୍ରତିଯୋଗିତାର ଶୀର୍ଷକ –"୫୦ ବର୍ଷର ଜରୁରୀକାଳୀନ ପରିସ୍ଥିତି: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ରଖାଯାଇଛି । ସମସ୍ତ ପ୍ରତିଯୋଗୀଙ୍କ ପ୍ରତିଯୋଗିତା ସମାପ୍ତ ପରେ ଚୂଡ଼ାନ୍ତ ଫଳାଫଳ ନିର୍ଣ୍ଣୟ କରାଯିବ ବୋଲି ଡଃ. ଦେବାଶିଷ ପାହି ସୂଚନା ପ୍ରଦାନ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀମାନେ -ମାଇଁ ଭାରତ.ଗଭେଂଟ.ଇନ ଓ୍ୱେବସାଇଟକୁ ଯାଇ ପଞ୍ଜିକରଣ କରିପାରିବାର ସମ୍ପୂର୍ଣ୍ଣ ସୋପାନ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ଭବାନୀପାଟଣା, ୨୫/୨ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାକୁ ସାଂସଦ କଳାହାଣ୍ଡି ଶ୍ରୀମତୀ ମାଳବିକା ଦେବୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଏହି ମେଳାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୁଆନ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଏବଂ ସରକାରୀ ବହୁବୃତି ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଉପସ୍ଥିତ ରହି ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦୁର୍ଗା ଚରଣ ଦାସ ଏବଂ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୁବିଦିତ ସାମନ୍ତରାୟ ପରିଚାଳନା କରିଥିଲେ । ଏହି ନିଯୁକ୍ତି ମେଳାରେ ମୋଟ ୧୮ଗୋଟି ନିଯୁକ୍ତି ଦାତା କମ୍ପାନୀ ଏବଂ ୯ ଜଣ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ଏହି ମେଳାରେ ବିଭିନ୍ନ ବ୍ଲକ ରୁ ସର୍ବମୋଟ ୧୨୫୪ ଜଣ ଛାତ୍ର ଛାତ୍ରୀ ଏବଂ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ମାନେ ଯୋଗଦେଇ ନିଜର ପସନ୍ଦର ନିଯୁକ୍ତି ଦାତାଙ୍କ ପାଖରେ ନାମ ପଞ୍ଜିକରଣ କରିଥିଲେ ।

# ମା' ତାରାତାରିଣୀଙ୍କ ଚଇତି ମଙ୍ଗଳବାର ଯାତ୍ରା ପାଇଁ ପ୍ରାକ୍ ପ୍ରସ୍ତୁତି

ଗଞ୍ଜାମ, ୨୫/୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ଚଇତି ମଙ୍ଗଳବାର ଯାତ୍ରା ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ମାର୍ଚ୍ଚ ମାସ୧୦,୧୭, ୨୪ ଓ ୩୦ ତାରିଖରେ ଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ଜିଲ୍ଲାପାଳ ଭି କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ପୂର୍ବପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁ ତଥା ମାନସିକଧାରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ମାନେ ପ୍ରାକ୍ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭକ୍ତଙ୍କ ଯାତାୟତ ପାଇଁ ଅଧିକ ବସ୍ ର ବ୍ୟବସ୍ଥା ପାନୀୟ ଜଳର ସୁବିଧା, ଅର୍ଣ୍ଣ ପ୍ରସାଦ ବିତରଣ, ସାଜସଜ୍ଜା ଆଲୋକୀକରଣ, ଟ୍ରାଫିକ ନିୟନ୍ତ୍ରଣ, ଭ୍ରାମ୍ୟମାଣ ଶୌଚାଳୟ, ସ୍ୱାସ୍ଥ୍ୟ ସେବା, ଅଂଶୁଘାତ ଚିକିତ୍ସା, ଆମ୍ବୁଲାନ୍ସ ସେବା, ରାସ୍ତାଘାଟ ମରାମତି, ଅସ୍ଥାୟୀ ସୂଚନା କେନ୍ଦ୍ର, ଭଜନ ସମାରୋହ, ରୋପ ଓ୍ୱେ ଏବଂ ପରିବହନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ଚାରୋଟି ସ୍ଥାନରେ ମୁଣ୍ଡନ ପାଇଁ ସ୍ଥାନ ନିରୂପଣ କରାଯାଇଛି। ଯାତ୍ରାକୁ ଶୃଙ୍ଖଳିତ କରିବାକୁ ୧୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ଏହି ଆଲୋଚନା ସମୟରେ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ମନ୍ଦିର ଟ୍ରଷ୍ଟ ର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଓ ସେବାୟତମାନେ ଅଂଶଗ୍ରହଣ କରିଥିଲେ।

# ଚୋରା ମଦ ଜବତ: ୯ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୨୫/୨ (ନି.ପ୍ର): ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା, ମହାକାଳପଡ଼ା ଓ ଜମ୍ବୁ ମେରେଇନ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଓରିଶବିନ୍ଧ ଗ୍ରାମର ବୁଲୁପତି ଦାସଙ୍କ ଠାରୁ ୪୨ ଲିଟରବିଦେଶୀ ମଦ, ନିକିରାଇ ଗ୍ରାମର ଦୀପକ ସେଠୀଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ଏକଲପୁର ଗ୍ରାମର ସରୋଜ ରାଉତଙ୍କ ଠାରୁ ୫୬ ଲିଟର ବିଦେଶୀ ମଦ, କଂସାର ଗ୍ରାମର ହିମାଂଶୁ ମାନାଙ୍କ ଠାରୁ ୨୫୦ କିଗ୍ରାର ଗୁଡପୋଚଓ ମନୋରଂଜନ ସ୍ୱାଇଁଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, କାଂଟିଆ ଗ୍ରାମର ଜଗବନ୍ଧୁ ରାଉତଙ୍କ ଠାରୁ ୨୬ ଲିଟର ବିଦେଶୀ ମଦ, ରମନଗର ଗ୍ରାମର ବୀର କିଶୋର ସାହୁଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ଆମ୍ବିଲାରୀ ଗ୍ରାମର ସୁମନ୍ତ ହାଉଳିଙ୍କ ଠାରୁ ୧୫ ଲିଟର ଦେଶୀ ରନ୍ଧା ମଦ ଓ ଧନିଆପଡ଼ା ଗ୍ରାମର ସରୋଜ ମହାନ୍ତିଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି।

# ଏମଏସ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ତରଫରୁ ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ପାଳିତ

ଜୟପୁର, ୨୫/୨ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ସଦର ମହକୁମା ସ୍ଥିତ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଏମ ଏସ ସ୍ୱାମୀନାଥନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ୨୦୨୬ ପାଳିତ ହୋଇଯାଇଛି । ମିଳିତ ଜାତିସଂଘ ଦ୍ୱାରା ୨୦୨୬ ବର୍ଷକୁ ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ଭାବେ ଘୋଷଣା କରାଯାଇଛି, ଯାହାର ଲକ୍ଷ୍ୟ କୃଷିକ୍ଷେତ୍ରରେ ମହିଳାଙ୍କ ଅବଦାନକୁ ସ୍ୱୀକୃତି ଦେବା ଏବଂ ସେମାନଙ୍କୁ ସଶକ୍ତ କରିବା । ଏହି ଅବସରରେ ମହିଳା ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା, ପୁଷ୍ଟିଶସ୍ୟ ଚାଷକୁ ପ୍ରୋତ୍ସାହନ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ଆଜି ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ତରଫରୁ ବୈପାରୀଗୁଡା ଠାରେ ଏକ ବ୍ଲକ ସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମୁଖ୍ୟ ପ୍ରକଳ୍ପ ପ୍ରଶାସିକା ତୃପ୍ତି ବାରାହୀ, ବ୍ଲକ ଉପାଧ୍ୟକ୍ଷା ପୁର୍ଣିମା ବାରିକ, କୋରାପୁଟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସନ୍ତୋଷ କୁମାର ଦଳ ବେହେରା, ଜିଲ୍ଲା କୃଷି ଅଧିକାରୀ ଜୟପୁର ଲୋଲାଟେନ୍ଦୁ ମହାପାତ୍ର, ବୈପାରୀଗୁଡା ସହକାରୀ କୃଷି ଅଧିକାରୀ ନନ୍ଦୁ ଜାନି, ସମନ୍ୱିତ ଶିଶୁ ବିକାଶ ଯୋଜନା କ୍ଷେତ୍ର ପରିଦର୍ଶିକା ଲାଲମତି ସରକାର, ମାଣ୍ଡିଆ ରାଣୀ, ଡ଼ାକ୍ତର ରାଇମତି ଘିଉରିଆ, ସ୍ୱାମୀନାଥନର ଜେଣ୍ଡର ଏକ୍ସପର୍ଟ ସୂର୍ଜିତା ତୁରକ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକର ବିଭିନ୍ନ ପଂଚାୟତରୁ ପ୍ରାୟ ସତୁରି ମହିଳା ଚାଷୀ ଏଥିରେ ଯୋଗ ଦେଇଥିଲେ । ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ସମସ୍ତ କର୍ମକର୍ତା ସହଯୋଗ କରିଥିବା ବେଳେ ସଂଯୋଜକ ଅନ୍ତର୍ଯ୍ୟାମୀ ବିଶୋଇ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ବୁଲା କୁକୁରଙ୍କ ଆକ୍ରମଣରୁ ଶିଶୁଙ୍କୁ ସୁରକ୍ଷା ବୈଠକ

ପୁରୀ, ୨୫/୨ (ନି.ପ୍ର): ବୁଲା କୁକୁର ଆକ୍ରମଣରୁ ଶିଶୁ ମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ,ଗୃହରେ ଜିଲ୍ଲାର ଅଧିକାରୀମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସା। ଅଧିକାରୀ ଡା. ଅକ୍ଷୟ କୁମାର ଶତପଥି, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା କାର୍ଯ୍ୟସୂଚୀ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜିକା, ମିଶନ ଶକ୍ତି ଓ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ, ଅଙ୍ଗନୱାଡି ପରିବେଶରେ ଅଙ୍ଗନୱାଡିକର୍ମୀ ମାନେ ନୋଡ଼ାଲ-ଅଫିସର ଭାବେ ଶିଶୁମାନଙ୍କୁ ବୁଲା କୁକୁର ଓ ଗାଈ ମାନଙ୍କ ଠାରୁ କିପରି ସୁରକ୍ଷିତ ରଖିବେ, ବଳକା ଖାଦ୍ୟ ଏଠିସେଠି ନପକାଇ ଡଷ୍ଟବିନ୍ ରେ ପକାଇବେ ଓ ଏ ସମ୍ବନ୍ଧରେ ଅନ୍ୟ ମାନଙ୍କୁ ସଚେତନ କରିବା ସହ ନିଜର ଅର୍ଥାତ ଅଙ୍ଗନୱାଡି କର୍ମୀଙ୍କର ନାମ, ପଦବୀ ଓ ଫୋନ ନମ୍ବର ଅଙ୍ଗନୱାଡି ବାହାର କାନ୍ଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲେଖିବେ ବୋଲି ଜଣାଇଥିଲେ । ସେହିପରି ଜିଲ୍ଲାର ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଶରତ କୁମାର ବେହେରା କୋର୍ଟଙ୍କ ଆଦେଶ ମୁତାବକ ବୁଲା କୁକୁର ମାନଙ୍କୁ ରାସ୍ତାଘାଟ ବା ଏଣେତେଣେ ଖାଇବାକୁ ଦେବା ଦଣ୍ଡନୀୟ ଅପରାଧ ଅଟେ ବୋଲି କହିବା ସହ ଏଥିରୁ ନିବୃତ ରହିବାକୁ ଅନୁରୋଧ କରିଥିଲେ।

# ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୨୫/୨ (ନି.ପ୍ର): ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ଆନୁକୁଲ୍ୟରେ ଆଜି ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଏକ 'ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ' କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ଲକର ବିଭିନ୍ନ ଅଂଚଳରେ କାର୍ଯ୍ୟରତ ବହୁ ସଂଖ୍ୟକ ସିଆରପି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସେ ଭାରତ ସରକାରଙ୍କ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା ବିଷୟରେ ଉପସ୍ଥିତ ସମସ୍ତ ପ୍ରତିନିଧିଙ୍କୁ ସବିଶେଷ ସୂଚନା ଦେଇଥିଲେ।ଏହି ସଭାରେ ଜିଲ୍ଲା ଅଗ୍ରଣୀ ପ୍ରବନ୍ଧକ ଶୀରପାଣି ନାୟକ ଯୋଗଦେଇ ଚିଟ୍ ଫଣ୍ଡର ଅପକାରିତା ଏବଂ ଜନସାଧାରଣ କିଭଳି ପ୍ରତାରଣାର ଶିକାର ନହେବେ ସେ ବିଷୟରେ ସତର୍କ କରାଇଥିଲେ। ଏହାସହ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିମା ଓ ପେନସନ ଯୋଜନାର ଲାଭ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଝାରସୁଗୁଡ଼ା ଓ.ଏଲ୍.ଏମର ଡି.ପି.ଏମ୍ ପୁଷ୍ପଶ୍ରୀ ନାୟକ ଯୋଗଦେଇ ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିବା ବେଳେ, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ ଝାରସୁଗୁଡ଼ା ଶାଖାର ଅଧିକାରୀ ସୁମିତ ପ୍ରମାଣିକ ବର୍ତ୍ତମାନ ସମୟର ଚିନ୍ତାର ବିଷୟ ପାଲଟିଥିବା ସାଇବର ଅପରାଧ ଏବଂ ଏହାର ନିରାକରଣ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

# ଝାମିଯାତ୍ରା ପାଇଁ ଉତ୍ସବ ମୁଖର ଜୟପୁର

ଜୟପୁର, ୨୫/୨ (ନି.ପ୍ର): ଝାମିଯାତ୍ରା ପାଇଁ ଉତ୍ସବ ମୁଖର ହୋଇଛି ଜୟପୁର । ଝାମି ଯାତ୍ରାରେ ସୀରଲୀ ଦେବୀଙ୍କୁ ପୂଜା କରାଯାଇଥାଏ । ଶିବରାତ୍ର ଠାରୁ ଆରମ୍ଭ ହୋଇଥାଏ ଏହି ଯାତ୍ରାର ପ୍ରସ୍ତୁତି । ଶିବରାତ୍ର ଦିନ ଶିବ ମନ୍ଦିରରେ ଏକ ପୂଜା କରାଯାଇଥାଏ । ପରେ ଝାମି ଦେବୀଙ୍କ ଆଜ୍ଞାମାଳ ଅଣାଯାଇ ଗୋଟିଏ ବାଳକକୁ ହଳଦି ଲଗାଯାଇ ସଜ୍ଜିତ କରାଯାଇଥାଏ ଏବଂ ଏକ ଶୋଭାଯାତ୍ରାରେ ବାଜା ବଜାଇ ସହର ପରିକ୍ରମା କରାଯାଇ ଥାଏ । ଏହି ପୂଜା ପାଇଁ ବିଶେଷ କରି ତେଲୁଗୁ ସଂମ୍ପ୍ରଦାୟର ଲୋକ ବେଶି ଆସୁଥିବା ବେଳେ ଅନ୍ୟ ସଂମ୍ପ୍ରଦାୟର ଲୋକଙ୍କ ଭିଡ ମଧ୍ୟ ଜମିଥାଏ । ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ ସହ ନବରଙ୍ଗପୁର, ମାଲକାନଗିରି, କୋରାପୁଟ ସହ ବହୁ ସ୍ଥାନରୁ ଭକ୍ତ ମାନେ ଏହି ଯାତ୍ରା ଦେଖିବାକୁ ଆସନ୍ତି । ହାତରେ ନଡିଆ, କଦଳି, ଫୁଲ ସହ ଝାମି ଦେବିଙ୍କ ପାଖରେ ମାନସିକ ଥିବା ଲୋକମାନେ ନିଜ ଇଛାରେ ବହୁ ଉପହାର ମଧ୍ୟ ସେଠାରେ ଦାନ କରିଥାନ୍ତି । ପରେ ରାତ୍ର ୧୨ଟାରେ ପରମ୍ପରା ଅନୁଯାୟୀ ଲାଲ ଘରକୁ ଯାଇ ଝାମି ଦେବି ଫେରିଥାନ୍ତି ପିଠକୁ । ସୀରଲୀ ଦେବୀଙ୍କ ଦର୍ଶନ କରି ମୁଆଁ, ରାଶି ଖଜା ଆଦି କ୍ରୟ କରି ଯିବାର ପରମ୍ପରା ରହିଛି । ମାରାତ୍ମକ ରୋଗରୁ ମୁକ୍ତି ପାଇବା ପାଇଁ ରାଜ ରାଜୁଡା ଅମଳରୁ ଜୟପୁରରେ ପାଳିତ ହୋଇଆସୁଛି ଝାମିଯାତ୍ରା । ଲୋକଙ୍କ ବିଶ୍ୱାସ ଓ ପରମ୍ପରାକୁ ନେଇ ଏହି ଯାତ୍ରା ପାଳିତ ହୋଇ ଆସୁଅଛି । ଶିବରାତ୍ର ପରେ ଫାଲଗୁନ ମାସ ଶୁକ୍ଲପକ୍ଷ ନବମୀ ତିଥି ଅନୁଯାୟୀ ମଙ୍ଗଳବାର ଝାମି ଦେବୀଙ୍କୁ ଜୟପୁର ବାଙ୍କମଠ ଠାରେ ଅସ୍ଥାୟୀ ରୂପେ ଏକ ମଣ୍ଡପ କରାଯାଇ ପୂଜା କରାଯାଇଛି । ଶିବରାତ୍ରରେ ମହାଦେବଙ୍କ ଦର୍ଶନ କରିବା ପରେ ସ୍ଥାନୀୟ ପୁଜକ ପରିବାର ବାଜା ଓ ଫୁଲ ଚାଙ୍ଗୁଡି ଧରି ସହରର ସାହି ସାହି ଘରେ ହଳଦୀ ଓ ନିମ୍ବପତ୍ର ଭଗବାନଙ୍କ ଆଶୀର୍ବାଦ ଭାବେ ବାଂଟିଥାନ୍ତି । ଏହାକୁ ମୁଣ୍ଡରେ ଟିକା ଭାବେ ମଧ୍ୟ ନିଅନ୍ତି । ଶୁକ୍ଲପକ୍ଷ ନବମୀରେ ଝାମିଦେବୀଙ୍କୁ ଗୋପବନ୍ଧୁ ନଗର ସ୍ଥିତ ପୁଜକଙ୍କ ଘରୁ ପୀଠରୁ ଢାମ୍ପ ବାଜା ବଜାଇ ଅଣାଯାଇ ଅସ୍ଥାୟୀ ଭାବେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଏ । ମାନସିକ ରଖି ଭକ୍ତ ମାନେ ଫୁଲ ଝାଡୁ, କୁକୁଡା ଅଣ୍ଡା, ନଡିଆ, କଦଳୀ, ଫୁଲ ଦେବୀଙ୍କୁ ସମର୍ପଣ କରିଥାନ୍ତି ।

# ଝାରସୁଗୁଡ଼ାରେ ସଡ଼କ ସୁରକ୍ଷା ଗମ୍ଭୀର ସମସ୍ୟା : ତୁରନ୍ତ ପଦକ୍ଷେପ ଦାବି କଲା ବିଜୁ ଜନତା ଦଳ

ଝାରସୁଗୁଡ଼ା, ୨୫/୨ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ବଢୁଥିବା ସଡ଼କ ଦୁର୍ଘଟଣାକୁ ନେଇ ସ୍ଥାନୀୟ ରାଜନୈତିକ ମଂଚରେ ଚିନ୍ତା ବୃଦ୍ଧି ପାଇଛି। ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ଦିପାଳୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ସଡ଼କ ସୁରକ୍ଷା ପାଇଁ ତୁରନ୍ତ ଏବଂ କଠୋର ପଦକ୍ଷେପ ନେବାକୁ ଦାବି କରିଛି। ଦଳର ଅଭିଯୋଗ ଅନୁସାରେ, ଜିଲ୍ଲାର ରାଜପଥ ଓ ଆଭ୍ୟନ୍ତରୀଣ ସଡ଼କଗୁଡ଼ିକ ଦିନକୁ ଦିନ ଅସୁରକ୍ଷିତ ହେଉଛି। ବିଶେଷକରି ଭାରୀ ଶିଳ୍ପ ଯାନବାହାନ ଚଳାଚଳ ଯୋଗୁଁ ମାରାତ୍ମକ ଦୁର୍ଘଟଣା ବୃଦ୍ଧି ପାଇଛି, ଯାହାରେ ସାଧାରଣ ଲୋକ ଓ ଯାତ୍ରୀମାନଙ୍କ ଜୀବନ ସଙ୍କଟାପନ୍ନ ହେଉଛି। ଫେବୃଆରୀ ୨୨ ତାରିଖରେ ୪୯ ନମ୍ବର ଜାତୀୟ ରାଜପଥ ନିକଟରେ ଘଟିଥିବା ଏକ ଭୟାବହ ଦୁର୍ଘଟଣାରେ ପାଂଚ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଘଟଣାକୁ ଉଦ୍ଧୃତ କରି ବିଜେଡି ଏହାକୁ ରାସ୍ତାରେ ଚାଲିଥିବା ଅବ୍ୟବସ୍ଥାର ଜ୍ୱଳନ୍ତ ଉଦାହରଣ ବୋଲି କହିଛି। ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ଏହି ଘଟଣା ପରେ ସଡ଼କ ସୁରକ୍ଷା ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ପରିଚିତ। ଏଠାରେ କୋଇଲା ଖଣି ଓ ଶତାଧିକ ଶିଳ୍ପ ସଂସ୍ଥା ଚାଲୁ ଥିବାରୁ ସରକାରଙ୍କୁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ରାଜସ୍ୱ ମିଳୁଛି। ତଥାପି, ସୁରକ୍ଷିତ ଓ ସୁଗମ ପରିବହନ ପାଇଁ ପର୍ଯ୍ୟାପ୍ତ ସଡ଼କ ଭିତିଭୂମିର ଅଭାବ ଥିବା ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି। ଦାବିପତ୍ରରେ କୋଇଲା ଖଣି, ଶିଳ୍ପ ଗୃହ ଓ ସହଯୋଗୀ ଶିଳ୍ପ ଦ୍ୱାରା ବ୍ୟବହୃତ ଭାରୀ ଯାନବାହାନ ପାଇଁ ଏକ ପୃଥକ୍ ବାଇପାସ୍ ସଡ଼କ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦାଖଲ କରିବାକୁ ମଧ୍ୟ ଦାବି କରାଯାଇଛି। ସେଥିପାଇଁ ଟ୍ରାଫିକ୍ ନିୟନ୍ତ୍ରଣ କଠୋର କରିବା, ସିସିଟିଭି ବ୍ୟବସ୍ଥା ବୃଦ୍ଧି କରିବା ଓ ଅବୈଧ ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦଳ ଦାବି କରିଛି।ଏହି ଅବସରରେ ଝାରସୁଗୁଡ଼ା ପୌରାଧକ୍ଷା ରାନୀ ହାତୀ, ବିଜେଡି ଜିଲ୍ଲା ସଭାପତି ହରିଶ ଗଣତ୍ରା, ବରିଷ୍ଠ ନେତା ରବି ସିଂ, ରଘୁମଣି ପଟେଲ, ସନ୍ଦିପ ଅବସ୍ତି, ପ୍ରତାପ ନନ୍ଦ, ମଦନ ହାତୀ, ରବିନ ପାଣ୍ଡେ, ଆଲୋକ ତ୍ରିପାଠୀ, ତୁଳସୀ ଦାସ ଓ ପଓ୍ୱନ୍ ସିଂ ଯାଦବଙ୍କ ସହ ଅନେକ କାଉନସିଲର ଓ କର୍ମକର୍ତା ଉପସ୍ଥିତ ଥିଲେ।

# ଫୁଲବାଣୀ ବନଜ୍ୟୋସ୍ନା ସାହିତ୍ୟ ସଂସଦର ଷୋଡଶ ବନଜ୍ୟୋସ୍ନା ପୁସ୍ତକ ମେଳା ଓ ବାର୍ଷିକ ଉତ୍ସବ ଉଦ୍‌ଘାଟିତ

କନ୍ଧମାଳ, ୨୫/୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦର ଷୋଡଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦଘାଟିତ ହୋଇଯାଇଛି । ଉଦଘାଟନ ଦିବସରେ ବରେଣ୍ୟ ମୁଖ୍ୟ ଅତିଥିଭାବେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଯୋଗଦେଇ ଅନୁଷ୍ଠାନିକ ଭାବେ ଏହି ୧୨ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଉତ୍ସବକୁ ଉଦଘାଟନ କରି, ପୁସ୍ତକର ଉପାଦେୟତା ଏବଂ ଆବଶ୍ୟକତା ବାବଦରେ, ନିଜ ଜୀବନରେ କିପରି ପୁସ୍ତକ ସହ ଜୋଡି ହୋଇଥିଲେ ସେହି ଅଭିଜ୍ଞତା ବାବଦରେ କହିଥିଲେ ଏବଂ ପୁସ୍ତକ ଇତିହାସ ଓ ସର୍ବପୁରାତନ ବିଷୟ ବସ୍ତୁ ର ଦୁରତାକୁ, ପାଠକର ଅତି ନିକଟତର କରିଦିଏ ବୋଲି କହିଥିଲେ । କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସନ୍ତୋଷ କୁମାର ପାଢ଼ୀ, ଯୋଗ ଦେଇ ଅଭିଭାବକ ମାନେ ପିଲାମାନ ଛୋଟ ବେଳୁ ହିଁ ତାଙ୍କ ମନରେ ବହି ପଢିବା ଆଗ୍ରହ ସୃଷ୍ଟି କରିବା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ନାଗରିକ ମଂଚର ସଭାପତି ଡଃ. ଅରୁପ କୁମାର ଜେନା ଯୋଗ ଦେଇ ବନଜ୍ୟୋସ୍ନା ସାହିତ୍ୟ ସଂସଦର ଷୋଡଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବର ଆୟୋଜନ ତଥା ଗତ ୩୫ ବର୍ଷ ଧରି ଅନୁଷ୍ଠାନକୁ ସାହିତ୍ୟର ପ୍ରସାର ପାଇଁ କାର୍ଯ୍ୟ କରିବା ଏବଂ ପ୍ରତିବର୍ଷ ଭବ୍ୟ ଆୟୋଜନରେ କୌଣସି ସରକାରୀ ଅନୁଦାନ ବିନା ଦିର୍ଘ ୧୨ ଦିନ ଧରି ପରିଚାଳନା କରିବା ଭଳି ପଦକ୍ଷେପକୁ ପ୍ରସଂଶା କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ପ୍ରେସ କ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ କୁମାର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ସୁଚାରୁ ଆୟୋଜନର ପ୍ରସଂଶା କରିଥିଲେ । ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ସାମ୍ବାଦିକ, ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ସଭାରେ ସଭାପତିତ୍ୱ କରି କନ୍ଧମାଳର ଏକମାତ୍ର ଅନୁଷ୍ଠାନ, ପ୍ରତି ବର୍ଷ ଜିଲ୍ଲାରେ ଥିବା ସର୍ବ ବୟୋଜ୍ୟେଷ୍ଠ ବରିଷ୍ଠ ନାଗରିକଙ୍କ ଠାରୁ ଆରମ୍ଭ କରି, କୃତି ଛାତ୍ରଛାତ୍ରୀ, ଶ୍ରେଷ୍ଠ କ୍ରୀଡାବିତ୍, ଶ୍ରେଷ୍ଠ ସମାଜ ସେବୀ, ଶ୍ରେଷ୍ଠ କୁଟୀର ଶିଳ୍ପ ଉଦ୍ୟୋଗୀ, ଶ୍ରେଷ୍ଠ ନାରୀ ପ୍ରତିଭା, ସମାଜସେବୀ, ବିଜ୍ଞାନ ପ୍ରତିଭା, ଶ୍ରେଷ୍ଠ ପୁରୁଷ ଓ ମହିଳା ରକ୍ତଦାତା, ଶ୍ରେଷ୍ଠ ସଙ୍ଗୀତ ସାଧକ, ଶ୍ରେଷ୍ଠ ଶିକ୍ଷାବିତ୍ ସମ୍ମାନ ଭଳି ବିଭିନ୍ନ ୧୮ଟି ପ୍ରତିଭାବାନ୍ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ନୂତନ ଓ ଯୁବ ପିଢ଼ିକୁ ପ୍ରୋତ୍ସାହନ ଦେବା କାର୍ଯ୍ୟକ୍ରମ କରୁଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରେଣ୍ୟ ଅତିଥି ମାନେ ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତିରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ମନୋଜ ନାୟକ ଏବଂ ସାଥି ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ମଂଚାସୀନ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଉତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ଏବଂ କାର୍ଯ୍ୟସୂଚୀ ପ୍ରକାରେ ଏହି କାର୍ଯ୍ୟକ୍ରମ ଫେବୃଆରୀ ୨୩ ତାରିଖରୁ ମାର୍ଚ୍ଚ ୭ ତାରିଖ ଯାଏ ଚାଲିବାର କାର୍ଯ୍ୟକ୍ରମ ସ୍ଥିରକୃତ ହୋଇଥିବା ଜଣାପଡିଛି । ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ୫୫ଟି ରୁ ଅଧିକ ପୁସ୍ତକ ପ୍ରକାଶକ ଓ ବିକ୍ରେତା, ବିପଣୀ ସାମଗ୍ରୀ ସମେତ ବହୁ ପ୍ରତିଷ୍ଠିତ ସାହିତ୍ୟକ, କବି, ଯୋଗଦାନ କରିବା ସହିତ ରାଜ୍ୟର ସୁନାମଧନ୍ୟ ନୃତ୍ୟାନୁଷ୍ଠାନର କଳାକାର ମାନେ ନିଜର ପ୍ରତିଭା ପ୍ରଦର୍ଶନ କରିପାରିବେ । ପ୍ରତିଦିନ ସାହିତ୍ୟ-କଳା-ସଂସ୍କୃତି ସହିତ ଓଡ଼ିଆ ଅସ୍ମିତାର ଏହି ମହା ସଙ୍ଗମ, ଭରପୁର ମନୋରଞ୍ଜନ ଯୋଗାଇବା ସହିତ ଶିକ୍ଷାପ୍ରଦ ହେବ ଓ ବର୍ଣ୍ଣାଢ୍ୟ ଦିବସ ଗୁଡିକରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ସ୍ୱାଦ ଚାଖିବା ସହିତ ସାହିତ୍ୟ ସନ୍ଧ୍ୟାକୁ ଲୋକେ ଭରପୁର ଉପଭୋଗ କରିପାରିବେ ବୋଲି ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁଚରଣ ଶତପଥି ସଭା ପରିଚାଳନା କରିବା ସହିତ କହିଥିଲେ । ପରେ ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଗୁଡିକରେ ଅଂଶଗ୍ରହଣ କରି କୃତି ଛାତ୍ରଛାତ୍ରୀ, ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଧାରାବାହିକ:

ଭାଗ-୩୩

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୭୨ ଅଧ୍ୟାୟ, (ପାଣ୍ଡବମାନଙ୍କ ରାଜସୂୟ ଯଜ୍ଞ ନିମନ୍ତେ ଆୟୋଜନ ଓ ଜରାସନ୍ଧ ବଧ)

ଶ୍ରୀଶୁକଦେବ କହିଲେ, ହେ ରାଜା, ତୁମର ପଞ୍ଚପିତାମହଙ୍କ ସହ ଭଗବାନ ଶ୍ରୀକୃଷ୍ଣ ରାଜସଭାରେ ବିରାଜମାନ କରିବାରୁ ସ୍ୱର୍ଗର ସୁଧର୍ମା ସଭାଠାରୁ ଅଧିକ ଶୋଭା ଧାରଣ କଲା । ସଭାସଦମାନଙ୍କ ମଧ୍ୟରେ ସିଦ୍ଧ, ତପସ୍ୱୀ, ବ୍ରହ୍ମଋଷି, ବ୍ରାହ୍ମଣାଦି ଚାରିବର୍ଣ୍ଣ ଆସନ ଅଳଂକୃତ କରିଥାନ୍ତି ଓ ସମସ୍ତଙ୍କ ଦୃଷ୍ଟି ଭଗବାନଙ୍କ ଜ୍ୟୋତିର୍ମୟ ମୁଖମଣ୍ଡଳ ଉପରେ ଥାଏ । ଯୁଧିଷ୍ଠିର କର ଯୋଡି ଜଣାଇଲେ, ହେ ଗୋବିନ୍ଦ, ଏହି ରାଜସୁୟ ଯଜ୍ଞର ଆୟୋଜନ ନିମନ୍ତେ ଆଦେଶ ପ୍ରଦାନ କରନ୍ତୁ । ତୁମେ ବିଶ୍ୱବ୍ରହ୍ମାଣ୍ଡର କର୍ତ୍ତା ଓ ସର୍ବ ବିଭୂତିଦାତା । ତୁମର ବିଭୂତି ସ୍ୱରୂପ ସ୍ୱର୍ଗର ଦେବତାମାନଙ୍କୁ ମୁଁ ତୁମରି ପାଦପଦ୍ମରେ ପୂଜା କରିବି । ଯେଉଁ ପ୍ରାଣୀ ଶୁଦ୍ଧ ଓ ନିଶ୍ଚଳ ଚିତ୍ତରେ ଧ୍ୟାନ କରି ତୁମର ପୂଜା କରେ ଓ ପବିତ୍ର ନାମୋଚ୍ଚାରଣ କରି ବ୍ରତୋପବାସ ପାଳନ କରେ ସେ ଇହ ଓ ପରଲୋକରେ ସୁଖ ସୌଭାଗ୍ୟ ଲାଭ କରିଥାଏ । ଯେ ଏହା କରିନପାରେ ସେ ଅଶେଷ ଦୁର୍ଗତି ଭୋଗକରେ । ହେ ଭେଦବର୍ଜିତ ପ୍ରଭୁ ! ତୁମେ ସମସ୍ତଙ୍କ ସ୍ରଷ୍ଟା, ପାଳକ ଓ ସଂହାରକ । ରାଜସୂୟ ଯଜ୍ଞ ପାଳନ ମଧ୍ୟରେ ତୁମର ଏହି ସର୍ବମୟତ୍ୱ ପ୍ରକାଶିତ ହେଉ । ତୁମର ମହିମା ଦର୍ଶନ କରି ଜନସାଧାରଣ କୃତାର୍ଥ ହୁଅନ୍ତୁ । ଯୁଗ ଯୁଗ ଧରି ତୁମତ କୀର୍ତ୍ତି ଓ ଅଲୌକିକ ମହିମା ଲୋକମୁଖରେ କୀର୍ତ୍ତିତ ହେଉ । ତୁମେ ସର୍ବଭୂତାଶ୍ରୟୀ, ଜଗତରେ ଧର୍ମର ସଂସ୍ଥାପନ ନିମିତ୍ତ ମାୟାମାନବ ରୂପେ ଅବତୀର୍ଣ୍ଣ ହୋଇଅଛ । ଜ୍ଞାନୀମାନେ କହନ୍ତି ତୁମର ବିନା ଇଚ୍ଛାରେ ପତ୍ରଟିଏ ଝଡେ ନାହିଁ କି ଶିଶୁ ମାତାର ବକ୍ଷରୁ କ୍ଷୀରପାନ କରେନାହିଁ । ତେଣୁ ଏହି ଯଜ୍ଞର ଅନୁଷ୍ଠାନ ଆରମ୍ଭ ହେଉ । ପ୍ରଭୁ ଯୁଧିଷ୍ଠିରଙ୍କ ବାକ୍ୟ ଶୁଣି ଦରସ୍ମିତ ମୁଖରେ କହିଲେ, ହେ ଧର୍ମରାଜ ! ତୁମ ପୁଣ୍ୟର ପଟ୍ଟାନ୍ତର ନାହିଁ । ତୁମର ଧର୍ମ ଫଳରେ ଜଗତର ସମସ୍ତ ଶତ୍ରୁ ନଷ୍ଟଯିବେ, ପୃଥିବୀର ଭାରା ନିବାରଣ ହେବା ସଙ୍ଗେ ସଙ୍ଗେ ତୁମର ରାଜସୁୟ ଯଜ୍ଞ ଯଥାବିଧି ସମ୍ପନ୍ନ ହେବ ଏବଂ ସାମାନ୍ୟ ବାଧା ସୃଷ୍ଟିକାରୀ ମୋର ଚକ୍ରାଘାତରେ ବଧ ହେବେ । ଭଗବାନ ଶ୍ରୀକୃଷ୍ଣଙ୍କଠାରୁ ଏହିପରି ଅଭୟ ବାଣୀଶୁଣି ଯୁଧିଷ୍ଠିର କୃତକୃତ୍ୟ ହେବାସହ ତାଙ୍କରି ଆଦେଶରେ ଭୀମ, ଅର୍ଜୁନ, ନକୁଳ ଓ ସହଦେବଙ୍କୁ ରାଜାମାନଙ୍କୁ ନିମନ୍ତ୍ରଣ କରିବା ଲାଗି ଚତୁର୍ଦ୍ଦିଗକୁ ପ୍ରେରଣ କଲେ । ଯେଉଁ ରାଜା ବଶ୍ୟତା ସ୍ୱୀକାର ନ କରିବେ ତାଙ୍କୁ ଯୁଦ୍ଧରେ ପରାସ୍ତ କରି ଧନରତ୍ନାଦି ସଂଗ୍ରହ କରି ଯୁଧିଷ୍ଠିର ମହାରାଜାଙ୍କୁ ଅର୍ପଣ କରିବା ନିମିତ୍ତ ଶ୍ରୀକୃଷ୍ଣ ନିର୍ଦ୍ଦେଶ ଦେଲେ । ଏହି ସମୟରେ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ କହିଲେ, ପ୍ରଭୁ, ଦୁଷ୍ଟ ଦୁର୍ଜେୟ ମଗଧପତି ଜରାସନ୍ଧ ଏବେ ମଧ୍ୟ ଅପ୍ରତିହତ ହୋଇ ରହିଅଛି । ଆମର ରାଜସୁୟ ଯଜ୍ଞ ପ୍ରତି ସେ ଏକା ବାଧକ । ତାକୁ କବଳିତ କରିପାରିଲେ ବନ୍ଦୀଥିବା ଲକ୍ଷେରାଜା ଆମର ବଶ୍ୟତା ସ୍ୱୀକାର କରିବେ । ଶ୍ରୀକୃଷ୍ଣ ଏହା ଶୁଣି ଭୀମ ଓ ଅର୍ଜୁନଙ୍କ ସଙ୍ଗରେ ନେଇ ବ୍ରାହ୍ମଣ ଭିକ୍ଷୁକ ବେଶରେ ଜରାସନ୍ଧ ପୁରକୁ ବାହାରିଲେ । ସେଠାରେ ପହଞ୍ଚି ଶ୍ରୀକୃଷ୍ଣ ଗମ୍ଭୀର ସ୍ୱରରେ ବେଦପାଠ କରିବାରୁ ଜରାସନ୍ଧ ଆସି ଏହି ଶୁଦ୍ଧ ବେଦପାଠକାରୀ ଅପୂର୍ବ ଜ୍ୟୋତିର୍ମୟ ବ୍ରାହ୍ମଣଙ୍କୁ ଦର୍ଶନ କରି ମନେ ମନେ ନିଜକୁ ଭାଗ୍ୟବାନ ମନେକଲେ ଓ ଯଥାବିଧି ପୂଜା କରି ଉତ୍ତମ ଆସନରେ ବସାଇ ଆସିବାର କାରଣ ଜିଜ୍ଞାସ କରନ୍ତେ କପଟରୂପୀ ଭଗବାନ କହିଲେ ତୁମ ଦାନବ୍ରତର ମହିମା ଆମେ ଶ୍ରବଣ କରି ବହୁ ଦୂରରୁ ପଥଶ୍ରାନ୍ତ କରି ଆସିଛୁ । ଦାନଠାରୁ ବଳି ପୁଣ୍ୟକର୍ମ ଜଗତରେ ନାହିଁ, ଅତୀତରେ ପୁଣ୍ୟାତ୍ମା ରାଜା ହରିଶ୍ଚନ୍ଦ୍ର, ଶିବିରାଜା, ବୈଲୋଚନ ପୁତ୍ର ବଳିରାଜା ପ୍ରମୁଖ ପରମଗତିକୁ ପ୍ରାପ୍ତ ହୋଇଛନ୍ତି । ଆମେ ତୁମଠାରୁ ଦାନ ଗ୍ରହଣ କରିବାକୁ ହିଁ ଆସିଛୁ । ଜରାସନ୍ଧ ନିରୀକ୍ଷଣ କରି ଦେଖିଲେ ଏହି ତିନିଜଣ ଆଦୌ ବ୍ରାହ୍ମଣ ନୁହଁନ୍ତି, ତାଙ୍କଠାରେ ଧନୁର୍ଦ୍ଧାରଣ ଓ ଶରଚାଳନା ଜନିତ ଚିହ୍ନ ଓ କର୍କଶତା ରହିଛି । ବୋଧହୁଏ କପଟ ବେଶ ଧାରଣ କରି ଆସିଛନ୍ତି, ଏମାନେ ନିଶ୍ଚୟ କ୍ଷତ୍ରିୟ ଏବଂ ଚିହ୍ନା ବୋଧ ହେଉଛନ୍ତି ମାତ୍ର ବ୍ରାହ୍ମଣ ବେଶରେ ଆସିଥିବା କାରଣରୁ ଏମାନଙ୍କୁ ନିଶ୍ଚିତ ଦାନଦେବି ଏପରିକି ପ୍ରାଣ ମାଗିଲେ ବି ଦେବି । ଅତୀତରେ ବଳିରାଜା ନିଜ ଗୁରୁଙ୍କ କଥା ନମାନି ତିନିପାଦ ଭୂମି ପ୍ରଦାନ କରି ପାତାଳରେ ଇନ୍ଦ୍ର ସୁଖରେ ଅଛନ୍ତି ଏବଂ ତାଙ୍କର ଦାନର ଗାଥା ସବୁଠି କୀର୍ତ୍ତିତ ହେଉଛି । ଏହିଭଳି ଭାବି ସେ କୋମଳ ବଚନରେ ବ୍ରାହ୍ମମାନଙ୍କୁ କହିଲେ, ହେ ବିପ୍ରବୃନ୍ଦ ତୁମେମାନେ ଯେ କୌଣସି ଦାନ ମାଗିଲେ ମଧ୍ୟ ମୁଁ ଦେବି ଏପରିକି ପ୍ରାଣ ମାଗିଲେ ବି ପ୍ରଦାନ କରିବି । ତୁମେ ନିଃସଙ୍କୋଚରେ ତୁମର ବାଞ୍ଛିତ ଦାନ ମାଗିପାର । ଶ୍ରୀକୃଷ୍ଣ କହିଲେ, ହେ ବୀର ଶିରୋମଣି, ତୁମେ ତୁମର ଯଥାଯୋଗ୍ୟ ବଚନ କହିଲ । ଦାନବ୍ରତର ଏପରି ନିଷ୍ଠା ପ୍ରଶଂସନୀୟ । ଆମେ ଯୁଦ୍ଧ ମାଗୁଛୁ, ଏହା ଶସ୍ତ୍ର ଯୁଦ୍ଧ ନହୋଇ ବାହୁ ଯୁଦ୍ଧ ହେବ । ବ୍ରାହ୍ମଣଙ୍କ କଥା ଶୁଣି ଜରାସନ୍ଧ ଚକିତ ଓ ସ୍ତମ୍ଭିତ ହୋଇଗଲା । ଭଗବାନ ମଧ୍ୟ ନିଜର ପରିଚୟ ପ୍ରଦାନ କରିବାରୁ ଜରାସନ୍ଧ ଅଟ୍ଟହାସ୍ୟ କରି କହିଲା, ତୁ କି ଯୁଦ୍ଧ କରିବୁ । ମୋର ଭୟରେ ଯୁଦ୍ଧରେ ସତରଥର ପରାଜିତ ହୋଇ ପଳାୟନ କରି ସମୁଦ୍ରରେ ପଶିଛୁ । ଅର୍ଜୁନ ଶରୀର କ୍ଷୀଣକାୟ ଏଣୁ ଏହି ହୃଷ୍ଟପୁଷ୍ଟ ଭୀମ ମୋ ସହ ଯୁଦ୍ଧ କରିପାରେ । ଏହା କହି ସେ ନିଜେ ଏକ ଗଦା ଏବଂ ଭୀମଙ୍କୁ ଏକ ଗଦା ପ୍ରଦାନ କରି ଭୟଙ୍କର ଯୁଦ୍ଧରେ ଲିପ୍ତହେଲେ । ଯୁଦ୍ଧରେ ଉଭୟଙ୍କ ଗଦା ହସ୍ତଚ୍ୟୁତ ହେବାରୁ ମଲ୍ଲ ଯୁଦ୍ଧରେ ଲାଗିଗଲେ । ସତରଦିନ ଯୁଦ୍ଧ କରି ଭୀମ ଅଶକ୍ତ ହୋଇ ଭଗବାନଙ୍କୁ ଚାହିଁବାରୁ ଶ୍ରୀକୃଷ୍ଣଙ୍କର ଜରା ମରଣ ରହସ୍ୟ ମନେ ପଡିଲା । ଦୁଇଫାଳ ହୋଇ ଜନ୍ମ ନେଇଥିବା ଶିଶୁକୁ ତାର ପିତା ଫୋପାଡି ଦେଇଥିଲେ ଯାହାକୁ ଜରା ନାମ୍ନି ରାକ୍ଷସୀ ପାଇ ଯୋଡିଦେଇ ଜୀବଦାନ ଦେଇ ବର ଦେଇଥିଲା ଯେ ସେ ପୃଥିବୀର ଅଦ୍ୱିତୀୟ ବୀର ହେବ । କେହି ତାର ସମକକ୍ଷ ଯୋଦ୍ଧା ତାକୁ ଦୁଇଫାଳ କରି ଚିରି ଗୋଟାଏ ଫାଳକୁ ଅନ୍ତରୀକ୍ଷ ଓ ଅନ୍ୟଫାଳକୁ ସମୁଦ୍ରକୁ ଫିଙ୍ଗିଦେଲେ ଏବଂ ତାହା ବଡବାନନଳରେ ଧ୍ୱଂସ ହେଲେ ସେ ମରିବ । ଭଗବାନ ଏହି କଥା ସ୍ମରଣ କରି ଗୋଟାଏ ତୃଣକୁ ଦୁଇଫାଳ କରି ଚିରିଦେଇ ଉପରକୁ ଫୋପାଡି ଦେଲେ ଏବଂ ନିଜର ବିଷ୍ଣୁତେଜକୁ ଭୀମ ଶରୀରରେ ପ୍ରବେଶ କରାଇଲେ । ଭୀମ ହୁଁକାର ଶବ୍ଦ କରି ଜରାସନ୍ଧକୁ ମାଡିବସିଲା ଏବଂ ଦୁଇଫାଳ କରି ଚିରି ଦେଇ ଗୋଟାଏ ଫାଳ ଅନ୍ତରୀକ୍ଷକୁ ଫୋପାଡିଦେଲା ଓ ଅନ୍ୟ ଫାଳକୁ ସମୁଦ୍ରକୁ । ଜରାର ମୃତ୍ୟୁ ହେବାରୁ ଭଗବାନ ଭୀମଙ୍କୁ କୋଳାଗ୍ରତ କରି ଜରାର ପୁତ୍ରକୁ ଯଥାବିଧି ସିଂହାସନ ଅର୍ପଣ କରି ଅଭିଷିକ୍ତ କରାଇଲେ । ପରେ ଭୀମ, ଅର୍ଜୁନ ଏବଂ ଜରାପୁତ୍ର ସହ ବନ୍ଦୀରାଜାମାନଙ୍କୁ ମୁକ୍ତ କରିବାକୁ ବନ୍ଦୀଶାଳାକୁ ଗମନ କଲେ ।

### ୭୩ ଅଧ୍ୟାୟ, ( ବନ୍ଦୀ ରାଜାମାନଙ୍କର ଉଦ୍ଧାର ଓ ଶ୍ରୀକୃଷ୍ଣଙ୍କ ଇନ୍ଦ୍ରପ୍ରସ୍ଥ ପ୍ରସ୍ଥାନ)

ଶ୍ରୀଶୁକଦେବ କହିଲେ, ହେ ରାଜା !ଦୁଷ୍ଟ ଜରାସନ୍ଧ ଲକ୍ଷେ ରାଜାଙ୍କୁ ଧରିଆଣି ଏକ ବିରାଟ ଅନ୍ଧକାର ଗିରି ଗହ୍ୱରରେ ରଖିଥିଲା । ସେମାନେ କ୍ଷୁଧା ଓ ତୃଷାରେ କଙ୍କାଳସାର ହୋଇଯାଇଥିଲେ ଏବଂ ଅତ୍ୟନ୍ତ ମଳିନ ବସ୍ତ୍ର ପରିଧାନ କରିଥିଲେ । ସେମାନଙ୍କ ଶ୍ମଶ୍ରୁ ବହୁଳ ମୁଖରେ ଚକ୍ଷୁ କୋଟରଗତ ହୋଇଯାଇଥିଲା ଏବଂ ସେମାନେ ନିର୍ଯ୍ୟତନା ଭୋଗି ମୃତ୍ୟୁ ଅପେକ୍ଷାରେ ଥିଲେ । ସେମାନେ ଗୁପ୍ତ ଭାବରେ ପଠାଇଥିବା ଦୂତଠାରୁ ଶ୍ରୀକୃଷ୍ଣଙ୍କ ନିର୍ଭର ବାଣୀ ଶ୍ରବଣ କରି ବଞ୍ଚିବାର ମୋହରେ ପୁନର୍ଜୀବିତ ହୋଇଥିଲା । ଆଜି ସେହି ପରମ କାରୁଣିକ ଭଗବାନଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରି ସେମାନେ କୃତାର୍ଥ ହେଲେ । ସେମାନେ ଶ୍ରୀକୃଷ୍ଣଙ୍କ ଆଜାନୁଲମ୍ବିତ ବାହୁ, କନ୍ଦର୍ପ ଜିଣି ମୁଖମଣ୍ଡଳ, ଶ୍ୟାମତନୁ, ପୀତବସନ, ରତ୍ନମେଖଳା, ଶ୍ରୀବତ୍ସଚିହ୍ନ, ପଦ୍ମପଳାଶ ଲୋଚନ, ଦରସ୍ମିତ ମୁଖମଣ୍ଡଳକୁ ଦେଖି ଅମୃତ ନିଧି ପ୍ରାପ୍ତ ହେବା ମନେ କରି ପ୍ରଭୁଙ୍କ ଚରଣରେ ଲୋଟିଗଲେ । ଭାବ ଗଦଗଦ ହୋଇ କହିଲେ, ପ୍ରଭୁ ଅକାଳ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଆମ୍ଭେମାନେ ତୁମ ଶ୍ରୀଚରଣ ଦର୍ଶନ କଲୁ । ହେ ଆର୍ତ୍ତତ୍ରାଣ ! ତୁମରି ମାୟାଗ୍ରସ୍ତ ହୋଇ ଆମେ ଐଶ୍ୱର୍ଯ୍ୟ ମଦରେ ଭଳିଯାଇ ଏହି ଦୁଃଖ ପ୍ରାପ୍ତ ହେଲୁ । ଜରାସନ୍ଧ ଆମକୁ ଧରି ଆଣି ନିର୍ଯ୍ୟାତନା ଦେବା ମଧ୍ୟ ତୁମର ଭିଆଣ । ତୁମେ ଦୟାବନ୍ତ ପୁଣି କଠୋର ଦଣ୍ଡଦାତା । ଆମେମାନେ ପାର୍ଥୀବ ସୁଖ ପଛରେ ଧାଇଁ ଧାଇଁ ନାନା ଦୁଷ୍କର୍ମରେ ଲିପ୍ତ ହୋଇ ତୁମରି ଭିଆଣ ଦଣ୍ଡରେ ଦଣ୍ଡିତ ହେବାରୁ ଆମ ପାପ କ୍ଷୟ ହେବା କାରଣରୁ ତୁମ ଦର୍ଶନ ଲାଭ କଲୁ । ହେ ପ୍ରଭୁ, ଆମକୁ ଏତିକି ଦୟା ହେଉ ଆଉ ତୁମ ମାୟା ଆମକୁ ନଲାଗୁ ଏବଂ ଆପଣଙ୍କ ପାଦପଦ୍ମ ଆମର ବିସ୍ମୃତ ନହେଉ । ଭଗବାନ ରାଜାମାନଙ୍କର ସ୍ତୁତି ବାକ୍ୟ ଶୁଣି ସ୍ମିତମୁଖରେ କହିଲେ, ହେ ନୃପଗଣ ! ଐଶ୍ୱର୍ଯ୍ୟ ସମ୍ପଦ, କ୍ଷମତା, ମଦମତ୍ତ ମାନବର ଦୁଷ୍କର୍ମର ମୋର ଅଜ୍ଞାତ ରହେନାହିଁ । ଯଥାକାଳରେ ସେଥିପାଇଁ ତାକୁ କଠୋର ପ୍ରାୟଶ୍ଚିତ କରିବାକୁ ପଡିଥାଏ । ଅତୀତରେ ରାଜା ସହସ୍ରାର୍ଜୁନ, ନହୁଷ, ଅଙ୍ଗ ନୃପତି ପୁତ୍ର ବେନ, ନାରକାସୁର ଆଦି ଉତ୍ପୀଡକ ରାଜାମାନଙ୍କର ପରିଶେଷରେ କଠୋର ଦଣ୍ଡରେ ଦଣ୍ଡିତ ହୋଇଛନ୍ତି । ତୁମେମାନେ ଏହାକୁ ସ୍ମରଣ ରଖି ଶରୀରକୁ ଅନିତ୍ୟ ମନେକରି ନ୍ୟାୟଧର୍ମରେ ପ୍ରଜାପାଳନ କରିବ । ଯଜ୍ଞ ଦ୍ୱାରା ମୋତେ ପୂଜା କରିବ, ମୋର ଅନୁଗ୍ରହରେ ତୁମକୁ ମୋ ମାୟା ଗ୍ରାସ କରିବ ନାହିଁ, ନିଶ୍ଚଳ ଚିତ୍ତରେ ମୋର ଧ୍ୟାନ, ସର୍ବଜୀବରେ ଦୟା କରି ଶେଷରେ ଆତ୍ମ ଜ୍ଞାନଲାଭ କରି ମୋଠାରେ ଲୀନ ହେବ । ଏହାପରେ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଜରାସନ୍ଧ ପୁତ୍ର ସହଦେବ ରାଜାମାନଙ୍କୁ ଯଥାବିଧି ମାଜଣା କରାଇ ନୂତନ ବସ୍ତ୍ର, ଭୂଷଣ ଆଦି ସୁସଜ୍ଜିତ କରାଇଲେ । ପରେ ରାଜାମାନେ ଶ୍ରୀକୃଷ୍ଣଙ୍କ ଚରଣ ବନ୍ଦନା କରି ନିଜ ନିଜ ରାଜ୍ୟକୁ ଫେରିଗଲେ । ଶ୍ରୀକୃଷ୍ଣ ମଧ୍ୟ ଭୀମ ଓ ଅର୍ଜୁନଙ୍କ ସହ ଇନ୍ଦ୍ରପ୍ରସ୍ଥ ଫେରିଗଲେ । ଯୁଧିଷ୍ଠିର ଓ ଅନ୍ୟମାନେ ଜରାସନ୍ଧର ମୃତ୍ୟୁ ଖବର ପାଇ ଆନନ୍ଦିତ ହେବା ସହ କୃତଜ୍ଞତା ଭଗବାନଙ୍କ ପ୍ରତି ପ୍ରକାଶ କଲେ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗଣ୍ଠି

# ଗୋଟିଏ ଦିନର ଜୀବନ



ଶ୍ୱେତା ରାଉତ୍

ସମାଜରେ ଏମିତି ଅନେକ ଅଛନ୍ତି, ଯେଉଁମାନେ ନିଜେ ପରିଶ୍ରମ ନକରି ଅନ୍ୟର ଦୟାକୁ ଅପେକ୍ଷା କରିଥାନ୍ତି । ଅପମାନିତ ହୁଅନ୍ତୁ ପଛେ କଷ୍ଟ କରିବାକୁ ଚାହିଁନଥାନ୍ତି । ସଦାସର୍ବଦା ଅନ୍ୟ କାନ୍ଧରେ ପାଦ ରଖି ଉପରକୁ ଉଠିବାକୁ ଚାହାନ୍ତି । ଅନ୍ୟ ଉପରେ ବୋଝ ଲଦି ନିଜେ ଆରାମ କରନ୍ତି । ଅନ୍ୟର ନିନ୍ଦା କରି ନିଜେ ପ୍ରଶଂସା ସାଉଣ୍ଟୁଥାନ୍ତି, ଅନ୍ୟକୁ ଉପହାସ କରି ନିଜେ ଭଲ ବୋଲି ଦେଖେଇ ହୁଅନ୍ତି । ଅନ୍ୟକୁ ପ୍ରଶଂସା ବା ସାହାଯ୍ୟ କରି ଖୁସି ହେଉଥିବା ଲୋକ ଖୁବ୍ କମ୍ ମିଳନ୍ତି । ସେଥିମଧ୍ୟରୁ କେତେଜଣ ମୁହଁରେ ପ୍ରଶଂସା ତ କରନ୍ତି ହେଲେ ହୃଦୟରୁ ନୁହେଁ, କେବଳ ଛଳନାରେ । ଏମିତି କେତେଜଣ ମଧ୍ୟ ଅଛନ୍ତି ଆପଣ ତାଙ୍କୁ ଟିକେ ଆଦର ବା ଉଦାର ଭାବ ଦେଖାନ୍ତୁ ସଙ୍ଗେ ସଙ୍ଗେ ସାହାଯ୍ୟ ମାଗିବେ ।ଅନେକ ପ୍ରକାରର ସାହାଯ୍ -ଯଥା 'ମୋ ପୁଅକୁ ଟିକେ ଭଲ ଚାକିରିରେ ରଖେଇ ଦିଅନ୍ତୁ, ମୋତେ କିଛି ଆର୍ଥିକ ସହାୟତା କରନ୍ତୁ, ମୋ ଲେଖା ଟିକେ ମେଗଜିନ୍‌ରେ ବାହାର କରେଇ ଦିଅନ୍ତୁ, ଆପଣଙ୍କ ଚିହ୍ନାଜଣାଙ୍କୁ କହି ହସପିଟାଲ ଖର୍ଚ୍ଚ ଟିକେ କମ୍ କରେଇ ଦିଅନ୍ତୁ, ମୋତେ ଗୋଟେ କାମର କଣ୍ଟ୍ରାକ୍ଟ ଦିଅନ୍ତୁ, ମୋ ପାଇଁ ଗୋଟେ ଫ୍ଲାଟ୍ ଖୋଜିଦିଅନ୍ତୁ, ମୋ ପିଲାର ଲୋକାଲ୍ ଗ୍ରାଡିଆନ ହୁଅନ୍ତୁ, ମୋତେ ଅନୁଷ୍ଠାନରୁ ଆୱାର୍ଡ଼୍ କରାଇ ଦିଅନ୍ତୁ ଇତ୍ୟାଦି କେତେ କଣ !

ଯାହାକୁ ଆପଣ ସାହାଯ୍ୟ ସହଯୋଗ କରିଥିବେ ସେଇ ବ୍ୟକ୍ତି ଆପଣଙ୍କ ଅସୁବିଧା ସମୟରେ ଧରାଛୁଆଁ ଦେବେ ନାହିଁ । ଏମିତି ସମୟ ବି ବେଳେ ବେଳେ ଆସିଥାଏ, ଆପଣଙ୍କ ଦ୍ୱାରା ଉପକୃତ ଚାରିକଡର ଲୋକମାନେ ଦିନେ ଆପଣଙ୍କ ଦୁଃସମୟରେ ଛତ୍ରଭଙ୍ଗ ଦିଅନ୍ତି । ସମବେଦନା ତ ସମସ୍ତେ ଜଣାନ୍ତି କିନ୍ତୁ ସହଯୋଗ କରନ୍ତି ନାହିଁ । ବେଳେବେଳେ ଏମିତି ବି ପରିସ୍ଥିତି ଆସେ ମଣିଷ ଉପାୟଶୂନ୍ୟ ହୋଇ ଆତ୍ମହତ୍ୟା କରିଦିଏ, ଅଥଚ ତା ପରିସ୍ଥିତିର ସମାଧାନ ହୁଏନାହିଁ ।ଜୀବନର ଏମିତି କ୍ଷଣଟିଏ ବହିର ଗୋଟିଏ ପୃଷ୍ଠା ଭଳି । ଯେମିତି ୧୦୦ ପୃଷ୍ଠା ବହିର ଗୋଟିଏ ପୃଷ୍ଠା ଚିରିଗଲେ ଆଉ ୯୯ ପୃଷ୍ଠାର ଉପଯୋଗିତା ନଷ୍ଟ ହୁଏନାହିଁ, ଠିକ୍ ସେମିତି ଜୀବନ ବହିର ଗୋଟିଏ ପୃଷ୍ଠା ଚିରିଗଲେ ଅର୍ଥାତ୍ ଆମର ଗୋଟିଏ ଦୁଃସମୟରେ ଭୟଭୀତ ହୋଇ ଆମେ ଆଦୌ ଭୟଭୀତ ହେବା ଉଚିତ୍ ନୁହେଁ ।

ଜୀବନ ସବୁବେଳେ ଗୋଟେ ଆଶ୍ଚର୍ଯ୍ୟ ଆଗନ୍ତୁକ । କେହି ଜାଣିନଥାଏ ଆସନ୍ତା ସମୟରେ କିଭଳି ଚମତ୍କାର, ଜୀବନର ମୋଡ ବଦଳେଇଥାଏ । ଯେମିତି ଆମେ ଜାଣିନଥାନ୍ତି କେବେ ଆଉ କେମିତି ଆମର ମୃତ୍ୟୁ ଶିରୋଧାର୍ଯ୍ୟ ହୋଇଛି ! ଜୀବନର ଏ ରଙ୍ଗମଞ୍ଚରେ ଅଭିନୟ କଲାବେଳେ ଆମେ ଭାବିବା ଉଚିତ୍ ଆମେ କିଭଳି ଅଭିନୟ (କର୍ମ) କରୁଛନ୍ତି,ଏହା ଆମ ଅପେକ୍ଷା ଆମ ନିର୍ଦ୍ଦେଶକ (ପରମାତ୍ମା) ଭଲଭାବେ ଜାଣନ୍ତି ଏବଂ ନାଟକ ସଫଳ ହେବାର ଦାୟିତ୍ୱ ସବୁବେଳେ ନିର୍ଦ୍ଦେଶକଙ୍କ ଉପରେ ଥାଏ ।

ଆପଣଙ୍କ ଭିତରେ ଯଦି ଖୁବ୍ ଦୁଃଖ ଅଛି, ଜୀବନକୁ ନ୍ୟୁନ ଭାବୁଛନ୍ତି ଏବଂ କୌଣସି ଅସାଧୁ, ଅସାମାଜିକ, ଅସଂସ୍କାରୀ ନିର୍ଯ୍ୟାତନାର ଶୀକାର ହେଉଛନ୍ତି, ତେବେ ହତୋତ୍ସାହ ହୁଅନ୍ତୁ ନାହିଁ, ଜୀବନକୁ କେବଳ 'ଗୋଟିଏ ଦିନ' ଭାବନ୍ତୁ । ସେଇ ଦିନଟି ଖୁବ୍ ଖୁସିରେ ରହିବାକୁ ଚେଷ୍ଟା କରନ୍ତୁ, ମନ ଭରି ଖାଆନ୍ତୁ, ନିଜ କକ୍ଷକୁ ପରିଷ୍କାର, ପରିଚ୍ଛନ୍ନ କରି ସଜାନ୍ତୁ, ପରିବାରରେ ସମସ୍ତଙ୍କ ସହିତ ଭଲରେ କଥା ହୁଅନ୍ତୁ କାରଣ 'ଜୀବନ ଗୋଟିଏ ଦିନ' । ତେଣୁ କାଲି କଣ ହୋଇଯାଇଛି କିମ୍ୱା ଆସନ୍ତା କାଲି କଣ ହେବ ଭାବନ୍ତୁ ନାହିଁ । ଆଜି ଉପରେ ଗୁରୁତ୍ୱ ଦିଅନ୍ତୁ, ଆଜି ପାଇଁ ବଞ୍ଚନ୍ତୁ,ଆଜିକୁ ସ୍ମରଣୀୟ କରନ୍ତୁ । ଆଜି ଆପଣଙ୍କ ସହିତ ଯିଏ ଅନ୍ୟାୟ କରିଛନ୍ତି ତାଙ୍କୁ କ୍ଷମା କରିଦିଅନ୍ତୁ ଅଥବା ଆପଣ କାହାପ୍ରତି ଅନ୍ୟାୟ କରିଛନ୍ତି କ୍ଷମା ମାଗି ନିଅନ୍ତୁ । ପ୍ରତିଦିନ ସକାଳୁ ଏହି ଭାବନା ରଖନ୍ତୁ ଯେ 'ଜୀବନ ଆଜି ଗୋଟିଏ ଦିନ'ତାକୁ ମନଭରି ଜିଇଁବା ଉଚିତ୍ । ଆମର ପ୍ରତିଟି ଦିନ ଆମ ନିୟନ୍ତ୍ରଣରେ ରହିଲେ ଜୀବନ ବି ଧିରେ ଧିରେ ସୁନ୍ଦର ପାଲଟିଯିବ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପିରିୟଡ୍ ଯନ୍ତ୍ରଣାକୁ କୁହନ୍ତୁ ଅଲବିଦା: ଅଦା, ଅଖରୋଟ୍, ଗୁଡ଼ ଚା' ଦେବ ତୁରନ୍ତ ଆରାମ୍



ମାସର ସେ ଦିନ , ଅନେକଙ୍କ ପାଇଁ ଯନ୍ତ୍ରଣା, ଚିଡ଼ଚିଡ଼ାପଣ ଆଉ ହାଲିଆରେ ଭରିଥିବା ସମୟ । ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ମେଡିସିନ୍ ଖାଇଥାନ୍ତି, ଯାହାର ସାଇଡ୍ ଇଫେକ୍ଟ ବି ଦେଖାଯାଇପାରେ । ହେଲେ କିଛି ଘରୋଇ ଉପଚାର ବି ପିରିୟଡ୍ସ ଯନ୍ତ୍ରଣାରୁ ମୁକ୍ତି ଦେଇପାରିବ । ଘରେ ଏଭଳି ମ୍ୟାଜିକାଲ ଚା' ବନାନ୍ତୁ ଯାହା ମାସିକ ଯନ୍ତ୍ରଣାରୁ ରିଲିଫ୍ ଦେଇପାରିବ । ଅଦା, ଅଖରୋଟ୍ ଏବଂ ଗୁଡ଼ିକୁ ମିଶାଇ ହର୍ବାଲ ଚା' ବନାଇପାରିବେ ଯାହା କେବଳ ପେଟ ଯନ୍ତ୍ରଣାରୁ ମୁକ୍ତି ଦେବା ତା ନୁହେଁ ବରଂ ମୁଡ୍ ସ୍ୱିଙ୍ଗ ସମସ୍ୟାରୁ ବି ରିଲାକ୍ସ କରିବ । ସୋସିଆଲ ମିଡିଆରେ ଏଭଳି ଚା'ର ରେସିପି ସେୟାର କରିଛନ୍ତି ନ୍ୟୁଟ୍ରିସନିଷ୍ଟ ଶ୍ୱେତା ଶାହ ।

ଏବେ ଜାଣିବା ଏ ଚା'କୁ ପ୍ରସ୍ତୁତ କରିବେ କିପରି ?

ଅଖରୋଟ୍ ଗୁଣ୍ଡ ୧ ବଡ଼ ଚାମଚ, ଅଦା ଛେଚା ଅଧା ଚାମଚ, ଗୁଡ଼ ୧ ବଡ଼ ଚାମଚ ମାତ୍ରାରେ ନେଇ ୨ କପ୍ ପାଣିରେ ଫୁଟାନ୍ତୁ । ଧୀମା ଅଞ୍ଚରେ ଫୁଟାଇବେ । ପାଣି ଫୁଟି ଗୋଟିଏ କପ୍ ମାତ୍ରାରେ ରହିଲେ ଏହାକୁ ନଖ ଉଷୁମ ଥାଇ ପିଇବେ । ଦିନକୁ ୨ / ୩ଥର ପିବା ଦ୍ୱାରା ପରିୟଡ୍ସ ସମୟରେ ହେଉଥିବା ପେଟ ଯନ୍ତ୍ରଣା ସହ ଚିଡ଼ଚିଡ଼ାପଣ ଦୂର ହୁଏ ।

ଏବେ ଜାଣିବା ଏହି ୩ ଟି ଉପାଦାନର ଗୁଣ ବାବଦରେ । :

ଅଖରୋଟ୍: ଏଥିରେ ଓମେଗା - ୩ ଫ୍ୟାଟି ଏସିଡ୍ ଏବଂ ମ୍ୟାଗ୍ନେସିୟମ୍ ଭରପୂର ମାତ୍ରାରେ ରହିଛି, ଯାହା ମାଂସପେଶୀକୁ ଆରାମ୍ ଦିଏ । ଶରୀରର ଯନ୍ତ୍ରଣା ଦୂର କରେ ।

ଅଦା: ଏହା ଏକ ପ୍ରାକୃତିକ ଆଣ୍ଟି ଇନଫ୍ଲେମେଟରୀ ମସଲା ଭାବେ କାର୍ଯ୍ୟ କରେ, ଯାହା ଯନ୍ତ୍ରଣାକୁ କମାଇବା ସହ ପିରିୟଡ୍ସ ସମୟରେ ଅନୁଭୂତ ଅସହଜପଣକୁ ଦୂର କରେ ।

ଗୁଡ଼: ଗୁଡ ଶରୀରକୁ ତୁରନ୍ତ ଏନର୍ଜି ଦିଏ ଏବଂ ପରିୟଡ୍ସ ସମୟରେ ହେଉଥିବା ପେଟ ଫୁଲିବା ସମ୍ୟା ବା ବ୍ଲଟିଙ୍ଗ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ । ମାସିକ ଋତୁସ୍ରାବ ସମୟରେ ଏହି ହର୍ବାଲ ଚା' ଶରୀରକୁ ପୋଷଣ ଦେବା ସହ ଆଭ୍ୟନ୍ତରୀଣ ଶାନ୍ତି ଦିଏ । ତେଣୁ ଯେବବି ମେନଷ୍ଟ୍ରୁଆଲ୍ ଯନ୍ତ୍ରଣା ଅନୁଭବ କରନ୍ତି ତାହେଲେ ମେଡିସିନର ସାହାଯ୍ୟ ନନେଇ ବରଂ ଘରେ ଏହି ଚା' ବନାଇ ପିଇଲେ ଆରାମ ମିଳିବ ନିଶ୍ଚୟ ।

# ଡାର୍କ ଚକୋଲେଟ୍ ଦେହ ପାଇଁ ଭାରି ଭଲ: ଜାଣନ୍ତୁ ଏହାର ଉପକାରିତା



ଡାର୍କ ଚକୋଲେଟ୍ ଦେହ ପାଇଁ ଭଲ ହୋଇଥାଏ । ଡାର୍କ ଚକୋଲେଟ୍‌ର ନିର୍ଦ୍ଦିଷ୍ଟ ପରିମାଣରେ ସେବନ ଶରୀରକୁ ରଖିପାରେ ପୁରାପୁରି ଫିଟ୍ । ଏହା ଶରୀର ରେ ଖରାପ କୋଲୋଷ୍ଟ୍ରାଲର ପରିମାଣ କମ୍ କରିଥାଏ । ଏକ ମୁଡ଼ ବୁଷ୍ଟର ହିସାବରେ ବି ଡାର୍କ ଚକୋଲେଟ୍ ବେଶ୍ ଭଲ କାମକରେ । ଆପଣ ଜାଣିଛନ୍ତି କି ଚକୋଲେଟ୍ ଖାଇବା ପଛରେ ଅନେକ ଫାଇଦା ଅଛି ? ଶରୀର ପାଇଁ ଡାର୍କ ଚକଲେଟ ଅଧିକ ଭଲ ହୋଇଥାଏ । ଡାର୍କ ଚକୋଲେଟରେ ଥିବା ଆଣ୍ଟି ଅକ୍ସିଡେଣ୍ଟ ହାର୍ଟ ସମ୍ବନ୍ଧୀୟ ସମସ୍ୟାର ମଧ୍ୟ ସମାଧାନ କରିଥାଏ । ଏହା ସହ ମନ ଭଲ ରହିବା ସହିତ ଚିନ୍ତାମୁକ୍ତ କରିବା ପାଇଁ ମଧ୍ୟ ବେଶ୍ ସହାୟକ ହୋଇଥାଏ । ଡାର୍କ ଚକୋଲେଟ୍‌କୁ ନେଇ ଏକ୍ସପର୍ଟ ମାନେ ମତ ରଖିଛନ୍ତି । ଏକ୍ସପର୍ଟଙ୍କ କହିବା ଅନୁସାରେ ଚକୋଲେଟ ଖାଇବା ଦ୍ୱାରା ଅନେକ ଫାଇଦା ହୋଇଥାଏ । ଡାର୍କ ଚକୋଲେଟ୍‌ରେ ଆଣ୍ଟି ଅକ୍ସିଡେଣ୍ଟ ଏବଂ ଆଣ୍ଟି ଇନ୍‌ଫ୍ଲେମେଣ୍ଟ ରହିଥାଏ ।

# ଧନୁଷ୍ଟଙ୍କାର ଓ ଡିପଥେରିଆ ବିରୋଧରେ ନୂତନ ରକ୍ଷାକବଚ: ଟିଡି ଟିକାର ଗୁରୁତ୍ୱ ଓ ଆବଶ୍ୟକତା

ଚିକିତ୍ସା ବିଜ୍ଞାନର ଅଭୂତପୂର୍ବ ଅଗ୍ରଗତି ସତ୍ତ୍ୱେ ବିଶ୍ୱବ୍ୟାପୀ ହଜାର ହଜାର ଲୋକ ଆଜି ମଧ୍ୟ ଧନୁଷ୍ଟଙ୍କାର (ଟିଟାନସ୍) ଏବଂ ଡିପଥେରିଆ ଭଳି ସମ୍ପୂର୍ଣ୍ଣ ନିବାରଣଯୋଗ୍ୟ ରୋଗରେ ପ୍ରାଣ ହରାଉଛନ୍ତି, ଯାହା ନିଶ୍ଚିତ ଭାବରେ ଏକ ଗଭୀର ଚିନ୍ତାର ବିଷୟ । ବିଶେଷକରି ଶିଶୁ ବୟସରେ ନିଆଯାଇଥିବା ଟିକା ବୟସ ବଢ଼ିବା ସହିତ ତାର ପ୍ରଭାବ ହରାଇଥାଏ, ଫଳରେ ବୟସ୍କମାନେ ଏହି ମାରାତ୍ମକ ରୋଗର ଶିକାର ହୋଇଥାନ୍ତି । ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ଦ୍ୱାରା ଘରୋଇ ଜ୍ଞାନକୌଶଳରେ ନିର୍ମିତ 'ଟିଡି' (ଟିଟାନସ୍ ଏବଂ ବୟସ୍କ ଡିପଥେରିଆ) ଟିକାର ପ୍ରଚଳନ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଏହି ନୂତନ ଟିକା କେବଳ ବୟସ୍କମାନଙ୍କ ଟିକାକରଣ ପ୍ରକ୍ରିୟାକୁ ସୁଦୃଢ଼ କରିବ ନାହିଁ ବରଂ ଜାତୀୟ ଟିକାକରଣ କାର୍ଯ୍ୟକ୍ରମ ଅଧୀନରେ ଦୀର୍ଘସ୍ଥାୟୀ ସୁରକ୍ଷା ମଧ୍ୟ ପ୍ରଦାନ କରିବାରେ ସହାୟକ ହେବ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ, ବିଗତ ଦୁଇ ଦଶନ୍ଧି ମଧ୍ୟରେ ମାତୃ ଓ ନବଜାତ ଶିଶୁ ଧନୁଷ୍ଟଙ୍କାର ରୋଗରେ ଉଲ୍ଲେଖନୀୟ ହ୍ରାସ ଘଟିଛି । ତଥାପି, ନିମ୍ନ ଓ ମଧ୍ୟମ ଆୟବର୍ଗର ଦେଶଗୁଡ଼ିକରେ ଏବେ ମଧ୍ୟ ହଜାର ହଜାର ଲୋକ ଏହି ରୋଗରେ ମୃତ୍ୟୁବରଣ କରୁଛନ୍ତି, ଯେଉଁଥିରେ ନବଜାତ ଶିଶୁମାନଙ୍କର ବିପଦ ଅଧିକ ରହିଛି । ସେହିପରି ଡିପଥେରିଆ ମଧ୍ୟ ସେହି ଅଞ୍ଚଳଗୁଡ଼ିକରେ ମୁଣ୍ଡ ଟେକିଥାଏ ଯେଉଁଠାରେ ଟିକାକରଣର ବ୍ୟାପକତା କମ ରହିଛି କିମ୍ବା ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ସମୟକ୍ରମେ କ୍ଷୀଣ ହୋଇଯାଇଛି । ଭାରତରେ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ (ୟୁଆଇପି) ମାଧ୍ୟମରେ ପିଲାମାନଙ୍କୁ ଡିପିଟି ଟିକା ପ୍ରଦାନ କରାଯାଇ ଏହି ରୋଗଗୁଡ଼ିକର ନିୟନ୍ତ୍ରଣ ଦିଗରେ ବଡ଼ ସଫଳତା ମିଳିଛି । କିନ୍ତୁ ସମସ୍ୟା ହେଉଛି ଯେ, ବୟସ ବଢ଼ିବା ସଙ୍ଗେ ସଙ୍ଗେ, ବିଶେଷକରି ଡିପଥେରିଆ ବିରୋଧରେ ଶରୀରର ପ୍ରତିରୋଧକ ଶକ୍ତି କମିଯାଏ । ଯଦି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବୁଷ୍ଟର ଡୋଜ୍ ନିଆ ନ ଯାଏ, ତେବେ ଜଣେ ବ୍ୟକ୍ତି ପୁନର୍ବାର ଏହି ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଥାଏ । ଏହି ତଥ୍ୟକୁ ହୃଦୟଙ୍ଗମ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୦୬ ମସିହାରେ ପରାମର୍ଶ ଦେଇଥିଲା ଯେ ଦେଶଗୁଡ଼ିକ କେବଳ ଟିଟାନସ୍ ଟକ୍ସଏଡ୍ (ଟିଟି) ଟିକା ବଦଳରେ ମିଳିତ ଟିଟାନସ୍ ଏବଂ ବୟସ୍କ ଡିପଥେରିଆ (ଟିଡି) ଟିକା ବ୍ୟବହାର କରିବା ଉଚିତ । ଏହି ସୁପାରିଶକୁ ଭାରତର 'ନ୍ୟାସନାଲ ଟେକ୍ନିକାଲ ଆଡଭାଇଜରୀ ଗ୍ରୁପ୍ ଅନ୍ ଇମ୍ୟୁନାଇଜେସନ୍' (ଏନଟିଏଜିଆଇ) ମଧ୍ୟ ଅନୁମୋଦନ କରିଛି, ଯାହା ଗର୍ଭବତୀ ମହିଳାଙ୍କ ସମେତ ସମସ୍ତ ବୟସ ବର୍ଗଙ୍କ ପାଇଁ ଲାଗୁ ହେବ । ଏହି କ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ନିକଟରେ ହିମାଚଳ ପ୍ରଦେଶର କସୌଲିସ୍ଥିତ ସେଣ୍ଟ୍ରାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ସିଆରଆଇ) ଠାରେ ଟିଡି ଟିକାର ଶୁଭାରମ୍ଭ କରିଛନ୍ତି । ୧୯୦୫ ମସିହାରୁ କାର୍ଯ୍ୟରତ ଏହି ଐତିହାସିକ ପ୍ରତିଷ୍ଠାନ ଏପ୍ରିଲ୍ ସୁଦ୍ଧା ୫୫ ଲକ୍ଷ ଡୋଜ୍ ଟିକା ଯୋଗାଇବାର ଲକ୍ଷ୍ୟ ରଖିଛି । ଏହା କେବଳ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ଦର୍ଶାଉନାହିଁ, ବରଂ ଟିକା ଉତ୍ପାଦନ କ୍ଷମତାରେ ଦେଶର ଅଗ୍ରଗତିକୁ ମଧ୍ୟ ପ୍ରମାଣିତ କରୁଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ, ଟିଡି ଟିକା ହେଉଛି ଏକ ଉନ୍ନତ ବିକଳ୍ପ । ପୂର୍ବରୁ ବ୍ୟବହୃତ ହେଉଥିବା ଟିଟି ଟିକା କେବଳ ଧନୁଷ୍ଟଙ୍କାରରୁ ସୁରକ୍ଷା ଦେଉଥିଲା, କିନ୍ତୁ ଟିଡି ଟିକାରେ ବିଶୋଧିତ ଟିଟାନସ୍ ଟକ୍ସଏଡ୍ ସହିତ ଅଳ୍ପ ମାତ୍ରାରେ ଡିପଥେରିଆ ଟକ୍ସଏଡ୍ ମଧ୍ୟ ରହିଛି, ଯାହା ଆଲୁମିନିୟମ ଫସଫେଟ୍ ସାହାଯ୍ୟରେ ପ୍ରସ୍ତୁତ କରାଯାଇଛି । ଏହା ଉଭୟ ରୋଗ ବିରୋଧରେ ଦ୍ୱୈତ ସୁରକ୍ଷା ପ୍ରଦାନ କରେ । ଧନୁଷ୍ଟଙ୍କାର ରୋଗରେ ମାଂସପେଶୀ ଟାଣି ହୋଇଯିବା, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେବା ଏବଂ ମୃତ୍ୟୁ ହେବାର ସମ୍ଭାବନା ଥାଏ । ଅନ୍ୟପକ୍ଷରେ, ଡିପଥେରିଆ ହୃଦଘାତ, ପକ୍ଷାଘାତ ଏବଂ ଶ୍ୱାସନଳୀ ଅବରୋଧ ଭଳି ଘାତକ ପରିସ୍ଥିତି ସୃଷ୍ଟି କରିପାରେ । ତେଣୁ ଟିଟି ବଦଳରେ ଟିଡି ଟିକାର ବ୍ୟବହାର କିଶୋର ଏବଂ ବୟସ୍କମାନଙ୍କଠାରେ କମିଯାଉଥିବା ରୋଗ ପ୍ରତିରୋଧକ ଶକ୍ତିକୁ ପୁନର୍ଜୀବିତ କରିବାରେ ସହାୟକ ହେବ ।

ପ୍ରଶ୍ନ ଉଠେ, ପ୍ରଭାବଶାଳୀ ଟିକା ଉପଲବ୍ଧ ଥାଇ ମଧ୍ୟ ଲୋକେ କାହିଁକି ମୃତ୍ୟୁବରଣ କରୁଛନ୍ତି ? ବିଶେଷଜ୍ଞମାନଙ୍କ ମତରେ ଏହାର ମୁଖ୍ୟ କାରଣ ହେଉଛି ବୟସ୍କମାନଙ୍କ ମଧ୍ୟରେ ଟିକାକରଣ ପ୍ରତି ସଚେତନତାର ଅଭାବ, ବୁଷ୍ଟର ଡୋଜ୍ ନ ନେବା ଏବଂ କ୍ଷତର ଉପଯୁକ୍ତ ଯତ୍ନ ନ ନେବା । ଭାରତରେ ଗର୍ଭବତୀ ମହିଳାମାନଙ୍କୁ ନିୟମିତ ଭାବରେ ଟିକା ଦିଆଯାଉଥିଲେ ମଧ୍ୟ ଅନ୍ୟ ବୟସ୍କ ବ୍ୟକ୍ତିମାନେ ଏହାକୁ ଗୁରୁତ୍ୱ ଦିଅନ୍ତି ନାହିଁ । ପ୍ରାୟ ୧୦ ବର୍ଷ ପରେ ଧନୁଷ୍ଟଙ୍କାର ବିରୋଧୀ ଶକ୍ତି କମିଯାଏ, କିନ୍ତୁ ଅଧିକାଂଶ ଲୋକ ବୁଷ୍ଟର ଡୋଜ୍ ନେବାକୁ ଭୁଲି ଯାଆନ୍ତି । ଡାକ୍ତରମାନଙ୍କ ମତରେ, ଅନେକ ଲୋକ ଭାବନ୍ତି ଯେ ପିଲାଦିନେ ନେଇଥିବା ଟିକା ସାରା ଜୀବନ ସୁରକ୍ଷା ଦେବ, ଯାହା ଏକ ସମ୍ପୂର୍ଣ୍ଣ ଭୁଲ ଧାରଣା । ବୟସ୍କାବସ୍ଥାରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ପ୍ରାୟତଃ ଅଣଦେଖା କରାଯାଏ । କୃଷି ଶ୍ରମିକ, ନିର୍ମାଣ ଶ୍ରମିକ, ଦିନମଜୁରିଆ ଏବଂ ପ୍ରବାସୀ ଶ୍ରମିକମାନେ ଏହି ରୋଗର ଅଧିକ ଶିକାର ହେଉଛନ୍ତି, କାରଣ ସେମାନେ ନିଜର ଶେଷ ଟିକା କେବେ ନେଇଥିଲେ ତାହା ମନେ ରଖନ୍ତି ନାହିଁ କିମ୍ବା କ୍ଷତର ଉପଯୁକ୍ତ ଯତ୍ନ ନିଅନ୍ତି ନାହିଁ ।

ଏକ ସଦ୍ୟ ଘଟଣାକ୍ରମରେ, ଚେନ୍ନାଇର ଜଣେ ୪୫ ବର୍ଷୀୟ ପ୍ରବାସୀ ଶ୍ରମିକ ଏକ ଛୋଟ କଣ୍ଟା ଫୋଡ଼ି ହେବା ପରେ 'ଲକ୍-ଜ' ବା ପାଟି ଖୋଲିବା ବନ୍ଦ ହୋଇଯିବା ଭଳି ଗୁରୁତର ଅବସ୍ଥାର ସମ୍ମୁଖୀନ ହୋଇଥିଲେ । ସେ ପିଲାଦିନେ ଟିକା ନେଇଥିଲେ ମଧ୍ୟ ବୟସ୍କ ଅବସ୍ଥାରେ କୌଣସି ବୁଷ୍ଟର ଡୋଜ୍ ନେଇନଥିଲେ ଏବଂ କ୍ଷତ ସଫା କରିବାରେ ଅବହେଳା କରିଥିଲେ । ଏଭଳି ଅନେକ ରୋଗୀ ଜରୁରୀକାଳୀନ ବିଭାଗକୁ ଗୁରୁତର ଅବସ୍ଥାରେ ଆସନ୍ତି, ଯାହାଙ୍କୁ ଆଇସିୟୁରେ ରଖିବାକୁ ପଡ଼େ । ଯଦି ସମୟ ଅନୁସାରେ ଟିକା ନିଆଯାଇଥାନ୍ତା ଏବଂ କ୍ଷତର ଉପଯୁକ୍ତ ଚିକିତ୍ସା କରାଯାଇଥାନ୍ତା, ତେବେ ଏହି ଜୀବନ ସଙ୍କଟକୁ ଏଡ଼ାଯାଇ ପାରିଥାନ୍ତା । କେବଳ କଳଙ୍କି ଲଗା କଣ୍ଟାରୁ ଧନୁଷ୍ଟଙ୍କାର ହୁଏ ବୋଲି ଭାବିବା ଏକ ଅନ୍ଧବିଶ୍ୱାସ । ମାଟି, ଧୂଳି କିମ୍ବା ପଶୁଙ୍କ କାମୁଡ଼ା ଦ୍ୱାରା ଦୂଷିତ ଯେକୌଣସି କ୍ଷତରୁ ଏହି ରୋଗ ହୋଇପାରେ । କ୍ଷତକୁ ତୁରନ୍ତ ସଫା କରିବା ଏବଂ ଆବଶ୍ୟକ ସ୍ଥଳେ ଡାକ୍ତରୀ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ । ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଛନ୍ତି ଯେ କେବଳ ଆଣ୍ଟିବାୟୋଟିକ୍ ଔଷଧ ଧନୁଷ୍ଟଙ୍କାର ରୋକିପାରେ ନାହିଁ, ଏଥିପାଇଁ ଟିକା ହିଁ ଏକମାତ୍ର ଭରସାଯୋଗ୍ୟ ଉପାୟ ।

ପରିଶେଷରେ, ଏହି ସମସ୍ୟାର ସମାଧାନ ପାଇଁ ଏକ ବ୍ୟାପକ ସାମାଜିକ ଓ ପ୍ରଶାସନିକ ପରିବର୍ତ୍ତନର ଆବଶ୍ୟକତା ରହିଛି । ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ ପ୍ରତି ୧୦ ବର୍ଷରେ ଥରେ ବୟସ୍କମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଟିଡି ବୁଷ୍ଟର ଡୋଜକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ । ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ କର୍ମକ୍ଷେତ୍ରରେ ଟିକାକରଣ ଶିବିର ଆୟୋଜନ କରାଯିବା ଆବଶ୍ୟକ । ଏହା ସହିତ ଡିଜିଟାଲ୍ ମାଧ୍ୟମରେ ଲୋକମାନଙ୍କୁ ଟିକା ନେବାର ସମୟ ମନେ ପକାଇଦେବା ପାଇଁ ବ୍ୟବସ୍ଥା କରାଯାଇପାରେ । ସ୍ୱାସ୍ଥ୍ୟକର୍ମୀମାନଙ୍କୁ ମଧ୍ୟ କ୍ଷତର ଗୁରୁତ୍ୱ ଏବଂ ଟିକାକରଣର ଆବଶ୍ୟକତା ବିଷୟରେ ଅଧିକ ପ୍ରଶିକ୍ଷିତ କରିବାକୁ ହେବ, ଯାହାଫଳରେ ସେମାନେ ପ୍ରତ୍ୟେକ କ୍ଷତ ରୋଗୀଙ୍କ ଧନୁଷ୍ଟଙ୍କାର ବିପଦକୁ ଠିକ୍ ଭାବରେ ଆକଳନ କରିପାରିବେ । ଟିଡି ଟିକାର ପ୍ରଚଳନ ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି । ବର୍ତ୍ତମାନ ଆବଶ୍ୟକତା ହେଉଛି ଜନସଚେତନତା ଏବଂ ସରକାରୀ ପ୍ରୟାସର ମିଳିତ ସହଯୋଗ, ଯାହା ଦ୍ୱାରା ଆମେ ଏହି ନିବାରଣଯୋଗ୍ୟ ରୋଗଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିପାରିବା ଏବଂ ଅମୂଲ୍ୟ ଜୀବନ ରକ୍ଷା କରିପାରିବା ।

# ବିଶ୍ୱ ବାଣିଜ୍ୟ ଏବଂ ସାମୁଦ୍ରିକ ପଥର ଗୁରୁତ୍ୱ



**ବିଷ୍ଣୁ ପ୍ରସାଦ ଦାସ**

ବିଶ୍ୱ ବାଣିଜ୍ୟ କାରବାର ନିମନ୍ତେ ଜଳ ପଥର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଜଳ ପଥରେ ସ୍ୱଳ୍ପ ବ୍ୟୟରେ ପରିବହନ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରି ହୁଏ । ଉପକୂଳବର୍ତ୍ତି ବିଶ୍ୱର ବିଭିନ୍ନ ଦେଶ ଜଳପଥ ଦ୍ୱାରା ସଂଯୁକ୍ତ ହୋଇଛି । ସାମୁଦ୍ରିକ ବନ୍ଦର ଗୁଡିକର ଆଧୁନିକୀକରଣ ବିଣିଜ୍ୟିକ କାରବାର ସହିତ ଯାତ୍ରୀ ସେବା ମଧ୍ୟ ସୁଚାରୁରୂପେ ଚଳାଇବା ନିମନ୍ତେ ସମାର୍ଥ ରଖିଛି । ଲ୍ୟାଣ୍ଡ ଲକ୍ ଦେଶ ଗୁଡିକ ମଲ୍ଟି ମୋଡ୍ ଟ୍ରାନ୍ସପୋର୍ଟ ବ୍ୟବସ୍ଥାକୁ ଆପଣେଇ ନେଉଛନ୍ତି ବା ଟ୍ରାନ୍ସ ସିପ୍ ମେଣ୍ଟ ଦ୍ୱାରା ନିଜ ଦେଶର ଚାହିଦା ମେଣ୍ଟାଉଛନ୍ତି । କିଛି ପ୍ରମୁଖ ଆନ୍ତର୍ଜାତିକ ବ୍ୟବସାୟିକ ଜଳ-ସ୍ଥଳ-ଜଳ ମାର୍ଗ ଉପରେ ଅବଲୋକନ କରିବା ଯାହାକି ବର୍ତ୍ତମାନ ସମୟରେ ବିଶ୍ୱ ରାଜନୀତିରେ ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ମାନେ ନିଜ ସ୍ୱାର୍ଥ ସାଧନା ନିମନ୍ତେ ଅନ୍ୟ ଦେଶ ଗୁଡିକ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟି ଯାଇଛନ୍ତି । ବ୍ୟବସାୟ ବାଣିଜ୍ୟ ବିନା ଦେଶର ଆର୍ଥିକ ପରିସ୍ଥିତି ନିମ୍ନ ଗାମୀ ହେବା ସ୍ୱାଭାବିକ କଥା । ଏହି ପରିପେକ୍ଷୀରେ କିଛି ମୁଷ୍ଟିମେୟ/ ବିସ୍ତାର ବାଦୀ ଦେଶ ବାଣିଜ୍ୟ ପାଇଁ ଉଦିଷ୍ଟ ଜଳ, ସ୍ଥଳ ଏବଂ ଆକାଶ ପଥ ଅବରୋଧ କରିବାକୁ ପଛାଉ ନାହାନ୍ତି । ଚୀନ, ଆମେରିକା, ରୁଷିଆ ଏହିସବୁ କାର୍ଯ୍ୟ ପାଇଁ ଚର୍ଚ୍ଚିତ ହେଉଛନ୍ତି । ଭାରତ, ବ୍ରିଟେନ, ମଧ୍ୟ-ପ୍ରାଚ୍ୟ ଦେଶ ସମୂହ ତଥା କିଛି ନାଟୋ ସଦସ୍ୟ ଭୁକ୍ତ ଦେଶ ନିଜ ଦେଶର ସୁରକ୍ଷା ତଥା ନୌବାଣିଜ୍ୟର ନିରାପତ୍ତା ପାଇଁ ଚିନ୍ତିତ । ନିକଟ ଅତୀତରେ ଯୁକ୍ତରାଷ୍ଟ୍ର ଆମେରିକା ଋଷୀୟ ତୈଳବାହୀ ଜାହାଜକୁ ଜୋର ଜବରଦସ୍ତ ନିଜ ଅକ୍ତିଆରକୁ ନେଇଯାଇଛି । ସେହି ପରି ମଧ୍ୟପ୍ରାଚ୍ୟର ଅନେକ ତୈଳବାହୀ ଜାହାଜ ଉପରେ ଆକ୍ରମଣ, ସୋମାଲିଆ ଉପକୂଳରେ ଜଳ ପୋତ ଗୁଡିକୁ ଲୁଟିବା, କର୍ମଚାରୀ ମାନଙ୍କୁ ପଣ ବନ୍ଦୀ କରିବା ଭଳି କୁତ୍ସିତ କାର୍ଯ୍ୟ ଦେଖିବାକୁ ମିଳେ । ମଲ୍ଟିମୋଡ୍ ବା ବହୁମୁଖୀ ବାଣିଜ୍ୟିକ ପଥ ଦ୍ୱାରା କିଛି ଦେଶ ବ୍ୟବସାୟ ନିମନ୍ତେ ବିକଳ୍ପ ମାର୍ଗର ଅନ୍ୱେଷଣ କରୁଛନ୍ତି । ସମୟ ସମୟରେ ଯୁଦ୍ଧର ଭୟ, ପ୍ରାକୃତିକ ବିପର୍ଯ୍ୟୟ ତଥା ଦୁର୍ଘଟଣା ଜନିତ କାରଣରୁ ପାନାମା କେନାଲ ଏବଂ ସ୍ୱେଜ କେନାଲ ବନ୍ଦ ହୋଇ ଯାଉଛି । ଫଳରେ ବ୍ୟବସାୟିକ ପୋତ ଗୁଡିକ ଅନେକ ଖର୍ଚ୍ଚାନ୍ତ ହୋଇ ଦୀର୍ଘ ପଥ ଅତିକ୍ରମ କରି ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁଛି । ମୁଖ୍ୟ ବ୍ୟବସାୟିକ ଜଳ ମାର୍ଗ ଗୁଡିକ ମଧ୍ୟରୁ ୧୦ ଟି ମୁଖ୍ୟ ବାଣିଜ୍ୟିକ ମାର୍ଗ ଉପରେ କିଞ୍ଚିତ୍ ଆଲୋକପାତ କରିବା ।

୧. ଟ୍ରାନ୍ସ କାସ୍ପିଆନ୍ ଅନ୍ତର୍ଜାତୀୟ ପରିବହନ ମାର୍ଗ ଯାହାକି ଦକ୍ଷିଣ ପୂର୍ବ ଏସିଆ ଏବଂ ଚୀନରୁ କାଜାଖସ୍ତାନ୍, କାସ୍ପିଆନ୍ ସାଗର, ଆଜର ବାଇଜାନ୍, ଜର୍ଜିଆ ଏବଂ ତୁର୍କୀ ଦେଇ ୟୁରୋପକୁ ବାଣିଜ୍ୟ ମାର୍ଗ ରୂପେ ପରିଚିତ । ଜଳପଥ ସ୍ଥଳପଥ ଉଭୟ ପଥରେ ମଲ୍ଟି ମୋଡ୍ ଟ୍ରାନ୍ସପୋର୍ଟ ସିଷ୍ଟମ ଦ୍ୱାରା ଏହି ମାର୍ଗ ଦ୍ୱାରା ପରିବହନ କାର୍ଯ୍ୟ କରା ହେଉଛି । ଯଦିଓ ସମୟ ସମୟରେ ଉକ୍ତ ମାର୍ଗରେ ପଣ୍ୟ ପରିବହନକୁ ନେଇ ରାଜନୈତିକ ବାଧା ସୃଷ୍ଟି ହେଉଛି । ୨. କେପ୍ ଅଫ୍ ଗୁଡ୍ ହୋପ୍ - ଏହି ମାର୍ଗ ୟୁରୋପୀୟ-ଏସୀୟ ସମୁଦ୍ର ପଥ ( ଦକ୍ଷିଣ ଆଫ୍ରିକା କେପ୍ ରୁଟ୍) ହେଉଛି ଆଟଲାଣ୍ଟିକ୍ ମହାସାଗରର ୟୁରୋପୀୟ ଉପକୂଳରୁ ଭାରତ ମହାସାଗରର ଏସିଆ ଉପକୂଳକୁ ଏକ ଜାହାଜ ଚଳାଚଳ ପଥ ରୂପେ ପରିଚିତ । ଏହା ଆଫ୍ରିକାର ଦକ୍ଷିଣ ଦିଗରେ କେପ୍ ଅଫ୍ ଗୁଡ୍ ହୋପ୍ ଏବଂ କେପ୍ ଆଗୁଲହାସ୍ ଦେଇ ସଂଯୁକ୍ତ ହୋଇଛି । କେପ୍ ରୁଟ୍ ଭାସ୍କୋ ଡା' ଗାମାଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ସ୍ୱେଜ୍ କେନାଲ ପଥ ଖୋଲିବା ଫଳରେ ସମୟ ଏବଂ ବ୍ୟୟ ହ୍ରାସ ନିମନ୍ତେ ଲମ୍ବା କେପ୍ ଜଳପଥ ଦେଇ ଜାହାଜ ପରିବହନ ୯୦ ପ୍ରତିଶତ ହ୍ରାସ ପାଇଛି । ଯେଉଁ ବିଶାଳକାୟ ଜାହାଜ ଗୁଡିକ ସ୍ୱେଜ୍ କେନାଲ ଦେଇ ଯାଇ ପାରେ ନାହିଁ ସେହି ଗୁଡିକ କେପ୍ ରୁଟ୍ ବ୍ୟବହାର କରିଥାଏ । ଯଦି କୌଣସି କାରଣ ବଶତଃ ସ୍ୱେଜ କେନାଲ ବନ୍ଦ ହୋଇ ଯାଏ ତେବେ ବ୍ୟୟ ବହୁଳ ବିକଳ୍ପ ପଥ ହିସାବରେ କେପ୍ ଅଫ୍ ଗୁଡ୍ ହୋପ୍ ପଥକୁ ବ୍ୟବହାର କରିବାକୁ ହୁଏ ।

୩. ଟ୍ରାନ୍ସ ଆଟ୍ଲାଣ୍ଟିକ୍ ମାର୍ଗ ...ଟ୍ରାନ୍ସଆଟଲାଣ୍ଟିକ୍ ମାର୍ଗ ଗୁଡ଼ିକ ହେଉଛି ୟୁରୋପ ଆଫ୍ରିକା ଏବଂ ଆମେରିକା ମଧ୍ୟରେ ଆଟଲାଣ୍ଟିକ୍ ମହାସାଗର ଦେଇ ଯାତ୍ରୀ ଏବଂ ମାଲ୍ ପରିବହନର ଅନ୍ୟତମ ପଥ । ଅଧିକାଂଶ ଯାତ୍ରୀ ପରିବହନ ପଶ୍ଚିମ ୟୁରୋପ ଏବଂ ଉତ୍ତର ଆମେରିକା ମଧ୍ୟରେ ଉତ୍ତର ଆଟଲାଣ୍ଟିକ୍ ମହାସାଗର ଦେଇ ହୋଇଥାଏ । ଯଦିଓ ବର୍ତ୍ତମାନ୍ ଅନେକ ଯାତ୍ରୀ ବିମାନ ସେବା ଦ୍ୱାରା ନିଜ ଗନ୍ତବ୍ୟ ସ୍ଥଳ ରେ ଖୁବ୍ କମ୍ ସମୟରେ ପହଞ୍ଚି ପାରୁଛନ୍ତି । ତେଣୁ ଏହି ପଥରେ ତୈଳ ଏବଂ କଣ୍ଟେନର ବାହୀ ଜାହାଜ ବେଶୀ ଚଳା ଚଳ କରେ ।

୪. ଟ୍ରାନ୍ସ ପାସିଫିକ୍ ମାର୍ଗ -- ଟ୍ରାନ୍ସପାସିଫିକ୍ କ୍ରସିଂ ହେଉଛି ଏସିଆ, ଓସେନିଆ ଏବଂ ଆମେରିକା ମଧ୍ୟରେ ପ୍ରଶାନ୍ତ ମହାସାଗର ଦେଇ ଯାତ୍ରୀ ଏବଂ ମାଲ ପରିବହନ ମାର୍ଗ । ଟ୍ରାନ୍ସପାସିଫିକ୍ ଯାତ୍ରା ଗୁଡିକ ପ୍ରାୟତଃ ଆନ୍ତର୍ଜାତୀୟ ତାରିଖ ରେଖା ଅତିକ୍ରମ କରେ । ମାର୍ଚ୍ଚ ୧୫୨୧ରେ ସ୍ପେନର ଐତିହାସିକ ମାଗେଲାନ୍ ଅଭିଯାନ ଦ୍ୱାରା ପ୍ରଶାନ୍ତ ମହାସାଗରର ପାର କରିବାରେ ପ୍ରଥମ ରେକର୍ଡ ହାସଲ କରା ଯାଇଥିଲା ।

୫. ଦକ୍ଷିଣ ଚାଇନା ସାମୁଦ୍ରିକ ମାର୍ଗ ---ଦକ୍ଷିଣ ଚୀନ୍ ସାଗର ହେଉଛି ପଶ୍ଚିମ ପ୍ରଶାନ୍ତ ମହାସାଗରର ଏକ ସୀମାନ୍ତ ସମୁଦ୍ର । ଏହା ଉତ୍ତରରେ ଦକ୍ଷିଣ ଚୀନ୍, ପଶ୍ଚିମରେ ଇଣ୍ଡୋଚୀନ୍ ଉପଦ୍ୱୀପ, ପୂର୍ବରେ ତାଇୱାନ ଏବଂ ଉତ୍ତର-ପଶ୍ଚିମ ଫିଲିପାଇନ୍ସ ଦ୍ୱୀପପୁଞ୍ଜ (ମୁଖ୍ୟତଃ ଲୁଜୋନ୍, ମିଣ୍ଡୋରୋ ଏବଂ ପାଲାୱାନ୍) ଏବଂ ଦକ୍ଷିଣରେ ବୋର୍ନିଓ, ପୂର୍ବ ସୁମାତ୍ରା ଏବଂ ବାଙ୍ଗକା ବେଲିଟୁଙ୍ଗ ଦ୍ୱୀପପୁଞ୍ଜ ଦ୍ୱାରା ଘେରି ରହିଛି, ଯାହା ପ୍ରାୟ ୩୫୦୦୦୦୦ ବର୍ଗ କିମି ଅଞ୍ଚଳ ପରିବ୍ୟାପ୍ତ । ଏହା ତାଇୱାନ୍ ସ୍ଟ୍ରେଟ/ ପ୍ରଣାଳୀ ମାଧ୍ୟମରେ ପୂର୍ବ ଚୀନ୍ ସାଗର, ଲୁଜୋନ୍ ପ୍ରଣାଳୀ ମାଧ୍ୟମରେ ଫିଲିପାଇନ୍ସ ସାଗର, ପାଲାୱାନ୍ ଚାରି ପାଖରେ ଥିବା ପ୍ରଣାଳୀ ମାଧ୍ୟମରେ ସୁଲୁ ସାଗର, କରିମାଟା ଏବଂ ବାଙ୍ଗକା ପ୍ରଣାଳୀ ମାଧ୍ୟମରେ ଜାଭା ସାଗର ଏବଂ ସିଧାସଳଖ ଥାଇଲ୍ୟାଣ୍ଡ ଉପସାଗର ସହିତ ଯୋଗାଯୋଗ କରିଥାଏ । ଏହା ସହିତ, ଟୋଙ୍କିନ୍ ଉପସାଗର ଦକ୍ଷିଣ ଚୀନ୍ ସାଗରର ଏହା ଏକ ଅଂଶ ବୋଲି ଧରାଯାଏ ।

୬.ପାନାମା କେନାଲ୍ --ପାନାମା କେନାଲ ହେଉଛି ପାନାମାର ଏକ କୃତ୍ରିମ ୮୨ କିଲୋମିଟର ଜଳପଥ ଯାହା କାରିବିଆନ୍ ସାଗରକୁ ପ୍ରଶାନ୍ତ ମହାସାଗର ସହିତ ସଂଯୋଗ କରେ । ଏହା ପାନାମାର ସବୁଠାରୁ ସଂକୀର୍ଣ୍ଣ ଭୂଖଣ୍ଡକୁ କାଟି ଆଟଲାଣ୍ଟିକ୍ ମହାସାଗର ଏବଂ ପ୍ରଶାନ୍ତ ମହାସାଗର ମଧ୍ୟରେ ସାମୁଦ୍ରିକ ବାଣିଜ୍ୟ ପାଇଁ ଏକ ସୁଗମ ପଥ । ପ୍ରତ୍ୟେକ ମୁଣ୍ଡରେ ଥିବା ଲକ୍ ଗେଟ୍ ଦ୍ୱାରା ଜଳ ପଉନ ବଢାଇ ଜାହାଜକୁ ଗାଟୁନ୍ ହ୍ରଦ ପର୍ଯ୍ୟନ୍ତ ଉଠା ଯାଇ ଥାଏ । ଗାଟୁନ୍ ହ୍ରଦ ସମୁଦ୍ର ପଉନଠାରୁ ୨୬ ମିଟର ଉଚ୍ଚ ଏକ କୃତ୍ରିମ ମଧୁର ଜଳ ହ୍ରଦ । ଏହା ଚାଗ୍ରେସ୍ ନଦୀ ଏବଂ ଆଲାଜୁଏଲା ନଦୀ ଜଳ ଦ୍ୱାରା ସୃଷ୍ଟି ହୋଇଥିବା ହ୍ରଦ । ଗାଟୁନ୍ ହ୍ରଦ ଜଳକୁ ପାନାମା କେନାଲରେ ଜାହାଜ ଯାତାୟାତ ନିମନ୍ତେ ବ୍ୟବହାର କରାଯାଏ । ଦୁଇ ପଟ ସମୁଦ୍ର ପଉନରେ ଅନେକ ତାରତମ୍ୟ ତଥା ଅସମତଳ ଭୂଖଣ୍ଡକୁ କେନାଲ୍ ଲକ୍ ଗେଟ୍ ମାଧ୍ୟମରେ ଉଚ୍ଚତମ ସ୍ତରକୁ ନେବା ପୁନଶ୍ଚ ଜଳ ନିଷ୍କାସନ କରି ଜାହାଜ ଗୁଡିକୁ ସ୍ୱସ୍ଥାନକୁ ଆଣି ପାନାମା କେନାଲ ପାର କରାଇବା କାର୍ଯ୍ୟ ସାଧିତ ହୁଏ । ମୂଳ ଲକ୍ ଗେଟ୍ ଗୁଡ଼ିକ ୩୩.୫ ମିଟର ଚଉଡା ହୋଇ ଥିବାରୁ କେବଳ ସେହି କ୍ଷମତା/ଆକାରର ଜାହାଜ ଗୁଡ଼ିକୁ ତାହା ମଧ୍ୟରେ ଯିବାକୁ ଅନୁମତି ଦିଆଯାଏ । ସେପ୍ଟେମ୍ବର ୨୦୦୭ ଏବଂ ମେ ୨୦୧୬ ମଧ୍ୟରେ ଏକ ତୃତୀୟ, ପ୍ରଶସ୍ତ କେନାଲ୍ ଗେଟ୍ ନିର୍ମାଣ କରା ଯାଇଅଛି, ଯାହା ଦ୍ୱାରା ବିଶାଳକାୟ ଜାହାଜ ଗୁଡିକ ଅନାୟାସରେ କେନାଲ୍ ପାରି ହୋଇ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁଛି । ବିସ୍ତାରିତ ପ୍ରଶସ୍ତ ଜଳପଥ ୨୬ ଜୁନ୍ ୨୦୧୬ ରେ ବାଣିଜ୍ୟିକ କେନାଲ୍ ପଥ ଭାବେ କାର୍ଯ୍ୟ ଆରମ୍ଭ କରିଛି । ଗୋଟିଏ ଜାହାଜ ଗୋଟିଏ ଥର ଯିବା ସମୟରେ ହାରାହାରି ୨୦୦,୦୦୦,୦୦୦ ଲିଟର ମଧୁର ଜଳ ବ୍ୟବହୃତ ହୁଏ । ସମୟ ସମୟରେ ହ୍ରଦ ଜଳ ସ୍ତର ନିମ୍ନ ଗାମୀ ହେବା ଦ୍ୱାରା ଜାହାଜ ଚଳାଚଳ ବାଧା ପ୍ରାପ୍ତ ହୋଇ ଥାଏ ।

୭.ସ୍ୱେଜ କେନାଲ୍ ---ସ୍ୱେଜ୍ କେନାଲ୍ ହେଉଛି ଏକ ମାନବ ନିର୍ମିତ ଜଳପଥ ଯାହା ମିଶର/ ଇଜିପ୍ଟ ଦେଇ ଉତ୍ତର-ଦକ୍ଷିଣକୁ ଯୋଡ଼ି ଥାଏ । ସ୍ୱେଜ୍ କେନାଲ୍ ଭୂମଧ୍ୟ ସାଗରକୁ ଲୋହିତ ସାଗର ସହିତ ସଂଯୋଗ କରେ, ଏହାକୁ ୟୁରୋପରୁ ଏସିଆକୁ ଯିବା ପାଇଁ ସବୁଠାରୁ ଛୋଟ ସାମୁଦ୍ରିକ ପଥ ରୂପେ ମାନ୍ୟତା ଦିଆ ଯାଉଛି । ଏହା ଦ୍ୱାରା ସମୟ ସହିତ ବ୍ୟୟ ମଧ୍ୟ ହ୍ରାସ ପାଇଥାଏ । ୧୮୬୯ ରେ ଏହାର ନିର୍ମାଣ ସମାପ୍ତି ପରଠାରୁ, ଏହା ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ଜାହାଜ ପଥ ମଧ୍ୟରୁ ଗୋଟିଏ ହୋଇ ଯାଇଛି ।

୮.ସ୍ଟ୍ରେଟ୍ ଅଫ୍ ହରମୁଜ୍---ହରମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ରାଜନୈତିକ ଜଳପଥ ମଧ୍ୟରୁ ଗୋଟିଏ । ଏହା ଇରାନର ଦକ୍ଷିଣ ଉପକୂଳ ଏବଂ ଓମାନର ଉତ୍ତର ଉପକୂଳ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଅବସ୍ଥିତ ଏକ ସଂକୀର୍ଣ୍ଣ ଜଳପଥ । ଏହି ପ୍ରଣାଳୀ ପାରସ୍ୟ ଉପ ସାଗରକୁ ଓମାନ୍ ଉପସାଗର ଏବଂ ଆରବ ସାଗର ସହିତ ସଂଯୋଗ କରେ, ଯାହା ପାରସ୍ୟ ଉପସାଗର ଚାରିପାଖରେ ଥିବା ତୈଳ ସମୃଦ୍ଧ ଦେଶ ଗୁଡ଼ିକରୁ ବିଶ୍ୱର ଅନ୍ୟାନ୍ୟ ସ୍ଥାନକୁ ପ୍ରାକୃତିକ ଗ୍ୟାସ/ ତୈଳ ପରିବହନ କରୁଥିବା ତୈଳ ଟ୍ୟାଙ୍କର ଏବଂ ଜାହାଜ ପାଇଁ ଏକମାତ୍ର ସମୁଦ୍ର ପଥ । ସଦା ସର୍ବଦା ଯୁଦ୍ଧର ବିଭୀଷିକା ଏହି ଅଞ୍ଚଳରେ ଦେଖାଯାଏ ଅନେକ ତୈଳ ବାହୀ ଜାହାଜ ନଷ୍ଟ ହୁଏ ।

୯.ସ୍ଟ୍ରେଟ୍ ଅଫ୍ ମାଲାକା -- ମାଲାକ୍କା ପ୍ରଣାଳୀ, ଆଣ୍ଡାମାନ ସାଗର (ଭାରତ ମହାସାଗର) ଏବଂ ଦକ୍ଷିଣ ଚୀନ୍ ସାଗର (ପ୍ରଶାନ୍ତ ମହାସାଗର)କୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସଂକୀର୍ଣ୍ଣ ଜଳ ପଥ । ଏହା ପଶ୍ଚିମରେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ଏବଂ ପୂର୍ବରେ ଉପଦ୍ୱୀପ (ପଶ୍ଚିମ) ମାଲେସିଆ ଏବଂ ଅତି ଦକ୍ଷିଣ ଥାଇଲ୍ୟାଣ୍ଡ ମଧ୍ୟରେ ଅବସ୍ଥିତ ଏବଂ ଏହାର କ୍ଷେତ୍ରଫଳ ପ୍ରାୟ ୬୫୦୦୦ ବର୍ଗ କିଲୋମିଟର । ଏହି ପ୍ରଣାଳୀ ୮୦୦ କିଲୋମିଟର ଲମ୍ବା ଏବଂ କାହାଳୀ ବା ଫନେଲ୍ ଆକୃତିର । ଦକ୍ଷିଣରେ ଏହାର ପ୍ରସ୍ଥ ମାତ୍ର ୬୫ କିଲୋମିଟର ଯାହା ଉତ୍ତର ଆଡକୁ ସୁମାତ୍ରାର ଦ୍ୱି ଦ୍ୱୀପ ଏବଂ ମୁଖ୍ୟ ଭୂମିରେ କ୍ରା ମଧ୍ୟରେ ପ୍ରାୟ ୨୫୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି । ଏହି ପ୍ରଣାଳୀର ନାମ ମଲାକା (ମାଲାକ୍କା) ବାଣିଜ୍ୟ ବନ୍ଦରରୁ ଆସିଛି । ଯାହା ୧୬ ଶ ଏବଂ ୧୭ଶ ଶତାବ୍ଦୀରେ ଗୁରୁତ୍ୱପୂର୍ଣ୍ଣ ଥିଲା ।

୧୦.ଇଂଲିଶ୍ ଚ୍ୟାନେଲ୍ -- ଇଂଲିଶ୍ ଚ୍ୟାନେଲ୍, ଆଟଲାଣ୍ଟିକ୍ ମହାସାଗରର ସଂକୀର୍ଣ୍ଣ ଜଳପଥ ଯାହା ଇଂଲଣ୍ଡର ଦକ୍ଷିଣ ଉପକୂଳକୁ ଫ୍ରାନ୍ସର ଉତ୍ତର ଉପକୂଳରୁ ପୃଥକ କରେ ଏବଂ ପୂର୍ବ ଦିଗରେ ଡୋଭର ପ୍ରଣାଳୀ (ଫରାସୀ: ପାସ୍ ଡି କାଲାଇସ୍) ଠାରେ ଉତ୍ତର ସାଗର ସହିତ ସଂଯୋଗ ସ୍ଥଳକୁ ସଙ୍କୁଚିତ କରିଛି । ପ୍ରାୟ ୭୫୦୦୦ ବର୍ଗ କିଲୋମିଟର କ୍ଷେତ୍ରଫଳ ସହିତ, ଏହା ୟୁରୋପର ମହାଦେଶୀୟ ଅଗଭୀର ସମୁଦ୍ର ମଧ୍ୟରୁ ସବୁଠାରୁ ଛୋଟ ଜଳପଥ ଭାବରେ ଚିହ୍ନିତ ହୋଇଛି । ଉତ୍ତର ଆଟଲାଣ୍ଟିକ୍ ମହାସାଗରରେ ସିଲି ଦ୍ୱୀପପୁଞ୍ଜ ଏବଂ ଉଶାନ୍ତ ଦ୍ୱୀପପୁଞ୍ଜ ମଧ୍ୟରେ ଏକ ରେଖା ଦ୍ୱାରା ଚିହ୍ନିତ ଏକ କାଳ୍ପନିକ ସୀମା - ଏହାର ପ୍ରସ୍ଥ ୧୮୦ କିଲୋମିଟରରୁ ସର୍ବନିମ୍ନ ୩୫ କିଲୋମିଟରକୁ ସଙ୍କୁଚିତ ହୋଇ ଥିବାର ଦେଖାଯାଏ । ଏହାର ହାରାହାରି ଗଭୀରତା ୪୫ ରୁ ୧୨୦ ମିଟର ମଧ୍ୟରେ ଥାଏ ଫଳରେ ମଧ୍ୟମ ତଥା ବଡ଼ ବଡ଼ ଜାହାଜ ଗୁଡିକ ଚଳାଚଳ ନିମନ୍ତେ କୌଣସି ବାଧା ଉପୁଜେ ନାହିଁ ।

ଆମେ ବର୍ତ୍ତମାନ ତୃତୀୟ ବିଶ୍ୱ ଯୁଦ୍ଧ ଦେଖିବା ଅପେକ୍ଷାରେ ଥିବା ପରି ମନେ ହୁଏ ।

ବିଶ୍ୱ ଶାନ୍ତି ପରିବର୍ତ୍ତେ ବିଶ୍ୱରେ ଅରାଜକତା ଅନେକାଂଶରେ ବଢି ଯାଇଛି, ଆଣବିକ ଶକ୍ତିରେ ବଳିୟାନ୍ ଦେଶ ଗୁଡିକ ମଧ୍ୟରେ ବୁଝାମଣାର ଘୋର ଅଭାବ ଦୃଷ୍ଟିଗୋଚର ହୁଏ । ଅନେକ ଦେଶ ଧର୍ମ କୁ ଦ୍ୱାହି ଦେଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଜୋର ଯାହାର ମୁଲକ୍ ତାହାର ନୀତିରେ ବିଶ୍ୱ ରାଜନୀତି ଚାଲିଛି । ବୋଧ ହୁଏ ମିଳିତ ଜାତିସଙ୍ଘ ସ୍ଥାଣୁ ପାଲଟି ଯାଇଛି । ଯୁକ୍ତରାଷ୍ଟ୍ର ଆମେରିକା ଭେନେଜୁଏଲାର ଶାସନ ବ୍ୟବସ୍ଥାକୁ ଅକ୍ତିଆର କରିସାରିଛି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ସାଇବର ଠକେଇ ଚିନ୍ତାଜନକ



**ସୌଭାଗ୍ୟ ରଂଜନ ମହାନ୍ତି**

ଦେଶରେ ଅନିୟନ୍ତ୍ରିତ ଭାବରେ ବଢିଚାଲିଥିବା ଡିଜିଟାଲ ଠକେଇ ଅପରାଧ ବିରୁଦ୍ଧରେ ମାସକ ମଧ୍ୟରେ ଫଳପ୍ରଦ ପଦକ୍ଷେପ ଗ୍ରହଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସୁପ୍ରିମକୋର୍ଟ ସ୍ପଷ୍ଟ ଚେତାବନୀ ଦେବା ନିଶ୍ଚିତ ଭାବରେ ଏକ ସମୟୋଚିତ ନିର୍ଦ୍ଦେଶ ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ମସିହା ଏପ୍ରିଲ ଏବଂ ୨୦୨୫ ନଭେମ୍ବର ମାସ ମଧ୍ୟରେ ଦେଶରେ ଡିଜିଟାଲ ଜାଲିଆତି ବା ସାଇବର ଠକେଇ ଜରିଆରେ ୫୨ହଜାର କୋଟିରୁ ଅଧିକ ଟଙ୍କା ଅବୈଧ ଭାବରେ ହରଣଚାଳ ହୋଇଛି । ୨୦୨୨ରେ ଦେଶରେ ୩୯ ହଜାରରୁ ଅଧିକ ଡିଜିଟାଲ ଗିରଫ ଏବଂ ସମ୍ପର୍କିତ ସାଇବର ଠକେଇ ଅପରାଧ ଘଟିଥିବା ବେଳେ ୨୦୨୫ରେ ଏଭଳି ଅପରାଧିକ ଘଟଣା ୧ଲକ୍ଷ ୨୩ହଜାରରକୁ ଅତିକ୍ରମ କରିଥିଲା । ୨୦୨୧ ତୁଳନାରେ ୨୦୨୪ରେ ଦେଶରେ ଡିଜିଟାଲ ଅପରାଧ ୩ଗୁଣରୁ ଅଧିକ ଘଟିଛି । ଆହୁରି ଠକେଇ ଘଟିଥିବା କୁହାଯାଏ । ତେବେ ଲୋକଲଜ୍ୟା କିମ୍ବା ଭୟ କାରଣରୁ କେତେକ ଠକେଇ ବା ଅପରାଧ ସମ୍ପର୍କରେ ପୋଲିସରେ ଅଭିଯୋଗ ହୋଇନଥିବା ଜଣାଯାଏ । ଉଲ୍ଲେଖ ଯୋଗ୍ୟ ଯେ, ଦେଶରେ ଡିଜିଟାଲ କାରବାର ବ୍ୟବସ୍ଥା ଏବେ ଦ୍ରୁତଗତିରେ ବଢିଚାଲିଛି । କିନ୍ତୁ ଏହାର ତଦାରଖ ପାଇଁ କୌଣସି ବ୍ୟବସ୍ଥା ନାହିଁ । ୨୦୨୦ରେ ମହାମାରି କୋରୋନା କାଳରେ କିମ୍ବା ଏହା ପୂର୍ବରୁ ଡିଜିଟାଲ କାରବାର ସମ୍ପର୍କରେ ଜନସାଧାରଣ ସମ୍ପୂର୍ଣ୍ଣ ଅଜ୍ଞ ଥିବା ବେଳେ ଏବେ ଭାରତ ଡିଜିଟାଲ କାରବାରରେ ବିଶ୍ୱରେ ଏକ ପ୍ରମୁଖ ରାଷ୍ଟ୍ର ହେବାରେ ସକ୍ଷମ ହୋଇଛି । କିନ୍ତୁ ଡିଜିଟାଲ ବା ସାଇବର ଠକେଇ ଘଟଣା ବୃଦ୍ଧି ଦେଶରେ ଉଦ୍‌ବେଗଜନକ ସ୍ଥିତି ଉତ୍ପନ୍ନ କରିଛି । ଠକମାନେ ନକଲି ପୋଲିସ, ସିବିଆଇ କୋର୍ଟ ଅଫିସର, ପ୍ରଶାସନିକ ଅଧିକାରୀର ପରିଚୟ ଦେଇ ବରିଷ୍ଠ ନାଗରିକମାନଙ୍କୁ ନିଶାଣ କରିଥାନ୍ତି । ସେମାନଙ୍କ ବିରୁଦ୍ଧରେ ବିଭିନ୍ନ ଜାଲ ଅଭିଯୋଗ କରି ଗିରଫ କରିବା ପାଇଁ ଧମକ ଚମକ ଦେଇଥାନ୍ତି । ଏଥିରୁ ମୁକ୍ତି ପାଇଁ ମୋଟା ଅଙ୍କର ଅର୍ଥ ଦାବି କରିଥାନ୍ତି । ଶେଷରେ ଲକ୍ଷ ଲକ୍ଷ ଟଙ୍କା ବ୍ୟାଙ୍କ ଆକାଉଂଟରୁ ଗାଏବ କରି ନେବାରେ ସକ୍ଷମ ହୋଇଥାନ୍ତି । ଅନ୍ୟପକ୍ଷରେ ବ୍ୟାଙ୍କ, ଟେଲିକମ ସେବା ଏବଂ ସ୍ଥାନୀୟ ସାଇବର ମଧ୍ୟରେ ସମନ୍ୱୟ ଅଭାବରୁ ଅପରାଧିମାନେ ଅନାୟସରେ ନିଜର ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଥାନ୍ତି । ଆହୁରି ମଧ୍ୟ ବିଦେଶୀ ମାଟିରୁ ଅପରାଧି ଠକେଇ ଅପରେସନ ଚଳାଇଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇପଡିଛି । କିନ୍ତୁ ଏଭଳି ଅପରାଧର ମୁକାବିଲା ପାଇଁ ଆମଦେଶରେ ଆଇନ ରହିଛି । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ-୨୦୦୦, ଭାରତୀୟ ନ୍ୟାୟ ସଂହିତା, ଟେଲିକମ୍ ଓ ବ୍ୟାଙ୍କିଂ କ୍ଷେତ୍ରରେ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ୨୫ ହଜାର ଟଙ୍କା କ୍ଷୁଦ୍ର ରାଶି ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା ରହିଛି । ଆଇନରେ କେତେ ତୃଟି ରହିଛି । ଉଦାହରଣ ସ୍ୱରୂପ ସୁପ୍ରିମକୋର୍ଟ ଦର୍ଶାଉଛନ୍ତି ଯେ 'ସନ୍ଦିଗ୍ଧ କାରବାର'ର ସଂଜ୍ଞା ଯଥେଷ୍ଟ ନୁହେଁ । ବ୍ୟାଙ୍କଗୁଡିକ ମଧ୍ୟ ୟୁନିଫାଏଡ ଆଡଭାନସ୍ ଆର୍ଟିଫିସିଆଲ ଇଟେଂଲିଜେନସ୍ ପ୍ରଯୁକ୍ତି ବିଦ୍ୟା ମୁତୟନ କରିବାରେ ବିଫଳ ହୋଇଛନ୍ତି । ଇଂଟର-ଏଜେନସି ତଥ୍ୟ ସେୟାରିଂ ଅସମ୍ପୂର୍ଣ୍ଣ ବା ବିଭାଜିତ ଅବସ୍ଥାରେ ରହିଛି । ବହୁତ ପରିମାଣର ରାଶୀ ହରାଇଥିବା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଆରବିଆଇ ବ୍ୟକ୍ତିଗତ ଆକାଉଂଟ ବ୍ୟବହାରକୁ ଆବଶ୍ୟକତା ଅନୁଯାଇ ଅନୁକୂଳିତ କରିବା ଆବଶ୍ୟକ । ସେହିପରି ବ୍ୟାଙ୍କ, ଟେଲିକମ୍ ଓ ସାଇବର ୟୁନିଟ୍ ମଧ୍ୟରେ ଜାତୀୟ ସ୍ତରରେ ଏକ ସମନ୍ୱୟ ଗ୍ରୀଡ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗଠନ କରିବା ଆବଶ୍ୟକ । ଜନସାଧାରଣଙ୍କୁ ସମାନ ଭାବେ ଶିକ୍ଷାଦେବା ମଧ୍ୟ ଅତ୍ୟନ୍ତ ଜରୁରୀ । ଆହୁରି ମଧ୍ୟ ସାଇବର ଠକେଇ ନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନ କରାଇବାର ଆବଶ୍ୟକତା ରହିଛି । ସାଇବର ଠକେଇରେ ଦୋଷୀ ସାବ୍ୟସ୍ତ ହାର ମଧ୍ୟ ଅତି ଚିନ୍ତାଜନକ । ଜାତୀୟ ଅପରାଧ ବ୍ୟୁରୋ (ଏନସିଆରବି) ରିପୋର୍ଟ ଅନୁଯାୟୀ ଦେଶରେ ସାଇବର ଅପରାଧର ଦୋଷୀ ସାବ୍ୟସ୍ତ ହାର ମାତ୍ର ୩ପ୍ରତିଶତରୁ ୫ ପ୍ରତିଶତ ରହିଛି । ଚାର୍ଜସିଟ ଦାଖଲ ହାର ୩୦ରୁ ୪୦ ପ୍ରତିଶତ ଥିବାବେଳେ ବହୁ ମାମଲା ଅଜ୍ଞାତ ଅଭିଯୁକ୍ତ ଭାବେ ବନ୍ଦ କରିଦିଆଯାଇଥାଏ । ସେହିପରି ଦେଶରେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ଠକେଇ ହେଉଥିବା ବେଳେ ପୋଲିସ ମାତ୍ର ୧୦ରୁ ୧୫ପ୍ରତିଶତ ଟଙ୍କା ଫେରସ୍ତ ଆଣିବାରେ ସମର୍ଥ ହୋଇଥାଏ । ଆମ ରାଜ୍ୟରେ ସାଇବର ଠକେଇ ମଧ୍ୟ କିଛି କମ ନୁହେଁ । ୨୦୨୪ରେ ଆମ ରାଜ୍ୟରେ ୨୨୨କୋଟି ଟଙ୍କା ଠକେଇ ହୋଇଥିବାବେଳେ ୩୪୮୬ ମାମଲା ରୁଜୁ ହୋଇଥିବାବେଳେ ୭୨୭ ଜଣଙ୍କୁ ଗିରଫ କରାଯାଇଥିଲା । ଏହା ନିସନ୍ଦେହ ଯେ, ସାଇବର ଠକେଇ ଏବେ ଏକ ଜାତୀୟ ସଂକଟ ଭାବେ ଉଭା ହୋଇଛି ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯






## ସଭ୍ୟତାର ମୂଳମନ୍ତ୍ର

**ରାମଚନ୍ଦ୍ର ବେହେରା**

ଆମରି ସାହିତ୍ୟ ଜାତିର ଅସ୍ତିତ୍ୱ
ସମଗ୍ର ବିଶ୍ୱେ ବନ୍ଦିତ
ଭାଷା ସାଜିଥାଏ ସମାଜ ଦର୍ପଣ
ତା'ପାଇଁ ସର୍ବେ ଜାଗ୍ରତ
ଆମ ଭାଷା ଅଦ୍ୱିତୀୟ
ତା'କୋମଳ ଶବ୍ଦ କରେ ବୁଦ୍ଧିମନ୍ତ
ସୁବିଚାର ବିନିମୟ ।
ଜାତି ପ୍ରାଣ ବିନ୍ଦୁ ଭାଷା ଭାବ ସିନ୍ଧୁ
ତା'ପାଇଁ ପରାଣ ଝୁରେ
ଜାତି ଅସ୍ମିତାର ମାନଦଣ୍ଡ ସାଜି
ଜାତୀୟତା ଭାବ ଭରେ
ଧନ୍ୟ ତା'ଶବ୍ଦର ଧ୍ୱନି
ଦୟା ଧର୍ମ କ୍ଷମା ତା'ମଧ୍ୟେ ସ୍ଥାନିତ
ସ୍ନେହ ମୈତ୍ରୀ ମନ୍ଦାକିନୀ ।
ଯା'ହୃଦୟେ ଥାଏ ଜାତି ପ୍ରେମ ଭାବ
କରେ ସେ ମହତ କର୍ମ
ଭାଷାର ବିକାଶେ ହଜିଯାଏ ସିଏ
ଭାବି ଜୀବନର ଧର୍ମ
ଧନ୍ୟ ଆମ ଭାଷା ପ୍ରୀତି
କେତେ ବୀରପୁତ୍ର ଆମ ଭାଷା ପାଇଁ
ରଖି ଯାଇଛନ୍ତି କୀର୍ତ୍ତି ।
ଆସ ନିଜ ସ୍ୱାର୍ଥ ତ୍ୟାଗକରି ଆମେ
ଭାଷାକୁ ଆଗେଇ ନେବା
ସର୍ବ ଭାଷା ମଧ୍ୟେ ତା'ମହାନତାକୁ
ଶ୍ରେଷ୍ଠର ଦରଜା ଦେବା
ଭାଷା ପ୍ରେମ ସଂଜୀବନୀ
ସଭ୍ୟତାର ସିଏ ଅଟେ ମୂଳମନ୍ତ୍ର
କରିବା ତା'ଆହାହନୀ ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଅନ୍ଧାରକୁ ଭଲପାଏ

**ନୀଳମଣି ଚାନ୍ଦ**



ଜାଣେନା କାହିଁକି ଜୀବନରେ ମୁହିଁ
ଅନ୍ଧାରକୁ ଭଲପାଏ
ଆଲୋକ ନୁହେଁରେ ଅନ୍ଧାର ସଦା
ପ୍ରିୟ ହୋଇ ରହିଯାଏ ।

ଅନ୍ଧାରରେ ରହି ନିରବରେ ଭାବେ
କଥା ଆହା ଅସୁମାରୀ
ବ୍ୟସ୍ତ ନ ଥାଏ, ଆଲୋକ ନ ଥାଏ
ମନ ମୋ ନ ଥାଏ ଭାରି ।

ଅନ୍ଧାର ଏକା ଦେଖି ପାରେ ସିନା
ମୋ ଆଖିରେ କେତେ ଲୁହ
ସିଏ ବୁଝିପାରେ ମରମ ତଳରେ
ଭରିଛି କେତେଯେ କୋହ ।

ସିଏ ଶିଖି ନାହିଁ ଆଲୋକର ପରି
କରିବାକୁ ଉପହାସ
ଶିଖି ନାହିଁ ସିଏ ଅଜାଡ଼ି ଦେବାକୁ
ଜ୍ଞାନୀ ପରି ଉପଦେଶ ।

ଅନ୍ଧାର ଭିତରେ ମୁଁ ସିନା ପାରୁଛି
ନିଜେ ମୁଁ ନିଜକୁ ଦେଖି
ପ୍ରିୟତମ ମୋ'ର ଅନ୍ଧାର ବୋଲି
ପାରୁଛି ଗୀତ ମୁଁ ଲେଖି ।

+ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ସ୍ୱଭାବ କବିଙ୍କୁ ଏକ ଅନ୍ତରଙ୍ଗ ପତ୍ର





ଯସ୍ମିନ୍ ମେହେର

ହେ ମମତ୍ୱର ମହାକବି, ଶାନ୍ତି ଓ ସୌନ୍ଦର୍ଯ୍ୟର ଅନନ୍ୟ ରୂପକାର ସ୍ୱଭାବ କବି ଗଙ୍ଗାଧର ମେହେର, ଆଜି ଏହି କାଗଜ ଓ କଲମ ଧରି ବସିବା ବେଳେ ମୋ ହୃଦୟ ଏକ ଅଜଣା ପବିତ୍ରତାରେ ଭରିଯାଉଛି। ଆପଣଙ୍କୁ ଚିଠିଟିଏ ଲେଖିବାର ସାହସ ବୋଧହୁଏ ମୋର ନାହିଁ, କିନ୍ତୁ ଆପଣଙ୍କ କବିତାର ପ୍ରତିଟି ଶବ୍ଦ ମୋତେ ଯେଉଁ ସ୍ପନ୍ଦନ ଦିଏ, ତାହା ମୋତେ ଆଜି ବାଧ୍ୟ କରୁଛି କିଛି କହିବା ପାଇଁ। ଆପଣଙ୍କର ସେହି ସରଳ ଜୀବନ, ସେହି ତନ୍ତର କଟ୍ କଟ୍ ଶବ୍ଦ ମଧ୍ୟରେ ସରସ୍ୱତୀଙ୍କ ଆରାଧନା ଏବଂ ଦାରିଦ୍ର୍ୟର କଷାଘାତ ସତ୍ତ୍ୱେ ଓଡ଼ିଆ ସାହିତ୍ୟକୁ ସୁବର୍ଣ୍ଣ ଅଳଙ୍କାରରେ ବିଭୂଷିତ କରିବାର ଯେଉଁ ପ୍ରୟାସ, ତାହା କେବଳ ଏକ ଇତିହାସ ନୁହେଁ, ବରଂ ଏକ ମହାକାବ୍ୟ। ଆଜିର ଏହି ବସ୍ତୁବାଦୀ ଦୁନିଆରେ, ଯେଉଁଠି ମଣିଷ ନିଜର ସତ୍ତା ହରାଇ ବସିଛି, ସେଠି ଆପଣଙ୍କ 'ତପସ୍ୱିନୀ'ର ସୀତା କିମ୍ୱା 'ପ୍ରଣୟ ବଲ୍ଲରୀ'ର ଶକୁନ୍ତଳା ଆମକୁ ଶିଖାନ୍ତି ଯେ ସଂଘର୍ଷ ମଧ୍ୟରେ ହିଁ ମଣିଷର ଅସଲ ପରିଚୟ ଥାଏ। ମୁଁ ଯେତେବେଳେ ପ୍ରଥମ କରି ଆପଣଙ୍କ 'ଉଚ୍ଚାଭିଳାଷ' କବିତା ପଢ଼ିଥିଲି, ସେତେବେଳେ ଅନୁଭବ କରିଥିଲି ଯେ ଉଚ୍ଚ ହେବା ପାଇଁ କେବଳ ସ୍ୱପ୍ନ ନୁହେଁ, ବରଂ ଉଚ୍ଚ ମନର ଆବଶ୍ୟକତା ଅଛି। ଆପଣ ଲେଖିଥିଲେ, 'ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜର ମାନସ', ଏହି ଧାଡ଼ିଟି ମୋ ଜୀବନର ମନ୍ତ୍ର ସାଜିଛି। ଆପଣଙ୍କ କାବ୍ୟରେ ପ୍ରକୃତି କେବଳ ଏକ ପୃଷ୍ଠଭୂମି ନୁହେଁ, ବରଂ ଏକ ଜୀବନ୍ତ ଚରିତ୍ର। ତମସା ନଦୀର ସେହି କୋମଳ ତରଙ୍ଗ କିମ୍ୱା ଅନୁସୂୟାଙ୍କ ସେହି ସ୍ନେହ, ସବୁଥିରେ ଯେମିତି ଓଡ଼ିଶାର ମାଟିର ବାସ୍ନା ଲାଗିରହିଛି। ଆପଣ ଜଣେ ସାଧାରଣ ବୁଣାକାର ହୋଇ ମଧ୍ୟ ଶବ୍ଦର ଯେଉଁ ବାସନ୍ତୀ ରଙ୍ଗରେ ଓଡ଼ିଆ ସାହିତ୍ୟକୁ ରଙ୍ଗାଇଛନ୍ତି, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆଜିର ଯୁବପିଢ଼ି ଯେତେବେଳେ ସଂସ୍କୃତିଠାରୁ ଦୂରେଇ ଯାଉଛନ୍ତି, ସେତେବେଳେ ଆପଣଙ୍କ 'କୀଚକ ବଧ' କିମ୍ୱା 'ଇନ୍ଦୁମତୀ' ଆମକୁ ପୁଣି ଥରେ ନିଜ ମୂଳଦୁଆ ସହ ଯୋଡ଼ିଦିଏ।

ହେ ମହାମାନବ, ଆପଣଙ୍କ ଲେଖନୀରେ ସୀତାଙ୍କ ପବିତ୍ରତା ଯେମିତି ଅଗ୍ନି ପରୀକ୍ଷା ଦେଇଛି, ଓଡ଼ିଆ ଭାଷା ମଧ୍ୟ ସେମିତି ଏକ ଗୌରବମୟ ସ୍ଥାନ ପାଇଛି। ଆପଣ କୌଣସି ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଇନଥିଲେ, କିନ୍ତୁ ଆପଣଙ୍କ ଅନୁଭବର ବିଶ୍ୱବିଦ୍ୟାଳୟ ଏତେ ବଡ଼ ଥିଲା ଯେ ଆଜି ବଡ଼ ବଡ଼ ପଣ୍ଡିତମାନେ ଆପଣଙ୍କ ଧାଡ଼ିଏ ଉପରେ ଗବେଷଣା କରିବାକୁ ଗର୍ବ ଅନୁଭବ କରନ୍ତି। ଆପଣଙ୍କ ଜୀବନ ଶିଖାଏ ଯେ କର୍ମ ହିଁ ଭଗବାନ। ଦିନସାରା ତନ୍ତ ବୁଣି ପରିବାର ପ୍ରତିପୋଷଣ କରିବା ଏବଂ ରାତିର ନିଶବ୍ଦ ପ୍ରହରରେ କାବ୍ୟ ସୃଷ୍ଟି କରିବା କେବଳ ଏକ ଋଷି ପ୍ରତିମ ବ୍ୟକ୍ତିତ୍ୱ ପାଇଁ ହିଁ ସମ୍ଭବ। ମୁଁ ଯେତେବେଳେ କ୍ଲାନ୍ତ ହୋଇପଡ଼େ, ସେତେବେଳେ ଆପଣଙ୍କ ସେହି ଶବ୍ଦଗୁଡ଼ିକ ମୋ କାନରେ ଗୁଞ୍ଜରିତ ହୁଏ ଯାହା କୁହେ, 'ମଣିଷ ଜନ୍ମ ସିନା ନୁହେଁ କର୍ମେ ବଡ଼'। ଆପଣଙ୍କ ପ୍ରତିଟି କବିତା ମଣିଷକୁ ମଣିଷ ଭାବେ ବଞ୍ଚିବାକୁ ପ୍ରେରଣା ଦିଏ। ପଶ୍ଚିମ ଓଡ଼ିଶାର ସେହି ମାଟି, ଯେଉଁଠି ଆପଣ ଜନ୍ମ ନେଇଥିଲେ, ସେ ମାଟି ଆଜି ବି ଆପଣଙ୍କ ସ୍ମୃତିରେ ଗନ୍ଧମାର୍ଦ୍ଦନ ଭଳି ଅଟଳ। ଆପଣଙ୍କ 'ଭକ୍ତି' କବିତାରେ ଯେଉଁ ସମର୍ପଣ ଭାବ ଅଛି, ତାହା ଆଜିର ଏହି ସ୍ୱାର୍ଥପର ସମାଜରେ ଏକ ଶୁଦ୍ଧ ବାୟୁ ଭଳି କାମ କରେ। ଆପଣ ଜଣେ 'ସ୍ୱଭାବ କବି' କାରଣ ଆପଣଙ୍କ ସ୍ୱଭାବ ହିଁ ଥିଲା କବିତା। ଆପଣଙ୍କ ଭିତରେ କୌଣସି ଅହଂକାର ନଥିଲା, ନଥିଲା କୌଣସି ପ୍ରସିଦ୍ଧିର ମୋହ। ଆପଣ କେବଳ ସୃଷ୍ଟି କରି ଚାଲିଥିଲେ ଆସନ୍ତାକାଲି ପାଇଁ, ଆମ ପାଇଁ।

ହେ କବିକୁଳ ସମ୍ରାଟ, ଆଜି ଓଡ଼ିଆ ଭାଷା ଯେଉଁ ସଙ୍କଟ ଦେଇ ଗତି କରୁଛି, ସେଥିପାଇଁ ଆପଣଙ୍କ ଭଳି ଜଣେ ଦର୍ଶନଶାସ୍ତ୍ରୀଙ୍କର ଆବଶ୍ୟକତା ଅତି ଜରୁରୀ। ଆପଣଙ୍କ ଶବ୍ଦର ସେହି ମନ୍ତ୍ର ଯଦି ପୁଣି ଥରେ ଓଡ଼ିଶାର ପ୍ରତିଟି ଘରେ ଗୁଞ୍ଜରିତ ହୁଅନ୍ତା, ତେବେ ବୋଧହୁଏ ଆମେ ଆମର ସ୍ୱାଭିମାନ ଫେରି ପାଆନ୍ତେ। ଆପଣଙ୍କ ଜୀବନୀ ପଢ଼ିବା ବେଳେ ମୋ ଆଖିରେ ଲୁହ ଆସିଯାଏ, କାରଣ ଆପଣ ସେହି ଲୁହକୁ ହିଁ ମୋତିରେ ପରିଣତ କରିଥିଲେ। 'କବିତା କଲ୍ଲୋଳ'ରୁ ଆରମ୍ଭ କରି 'ଅଯୋଧ୍ୟା ଦୃଶ୍ୟ' ପର୍ଯ୍ୟନ୍ତ ସବୁଥିରେ ଆପଣ ଏକ ନିଛକ ସତ୍ୟକୁ ଉପସ୍ଥାପନ କରିଛନ୍ତି। ଆପଣଙ୍କ ପାଖରେ ମୋର ଗୋଟିଏ କୃତଜ୍ଞତା ଯେ, ଆପଣ ଆମକୁ ଏହି ମାଟିକୁ ଭଲ ପାଇବା ଶିଖାଇଛନ୍ତି। ପ୍ରକୃତିର ପ୍ରତିଟି ଫୁଲ, ପତ୍ର ଏବଂ ପକ୍ଷୀଙ୍କ କଳରବରେ ଯେଉଁ ସଙ୍ଗୀତ ଅଛି, ତାହା ଆପଣଙ୍କ ଛନ୍ଦ ମାଧ୍ୟମରେ ଆମେ ଶୁଣିବାକୁ ପାଇଛୁ। ଆପଣଙ୍କ ଲେଖନୀ ଆମକୁ ଶିଖାଇଛି ଯେ ଶାନ୍ତି କେବଳ ରାଜପ୍ରସାଦରେ ନଥାଏ, ଏହା ପର୍ଣ୍ଣକୁଟୀରରେ ମଧ୍ୟ ରହିପାରେ ଯଦି ସେଠାରେ ସନ୍ତୋଷ ଥାଏ। ଆପଣଙ୍କୁ ଏହି ଚିଠି ଲେଖିବା ମୋର ଏକ କ୍ଷୁଦ୍ର ପ୍ରୟାସ ମାତ୍ର, ଆପଣଙ୍କ ମହାନ୍ ବ୍ୟକ୍ତିତ୍ୱକୁ ବୁଝିବା ପାଇଁ ହୁଏତ ସାତ ଜନ୍ମ ମଧ୍ୟ କମ୍ ପଡ଼ିବ। କିନ୍ତୁ ମୁଁ ପ୍ରତିଜ୍ଞା କରୁଛି, ଆପଣଙ୍କ ଆଦର୍ଶକୁ ନେଇ ମୁଁ ମୋ ଜୀବନର ପଥରେ ଆଗକୁ ବଢ଼ିବି। ଆପଣଙ୍କ ସେହି ଅମର ବାଣୀ 'ନିଜର ଉନ୍ନତି ନିଜ ହାତରେ'କୁ ସାର୍ଥକ କରିବା ପାଇଁ ଚେଷ୍ଟା କରିବି। ଆପଣ ସର୍ବଦା ଆମ ହୃଦୟରେ ଏକ ଅଲିଭା ଶିଖା ହୋଇ ଜଳୁଥିବେ। ଆପଣଙ୍କ ପୟର ତଳେ ମୋର କୋଟି କୋଟି ପ୍ରଣାମ। ଆପଣଙ୍କ ସ୍ମୃତି ଚିରକାଳ ଅମଳିନ ରହୁ।

+ଭୁବନେଶ୍ୱର

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



## ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୧୩୦ ॥

ହୁଏତ ପ୍ରହ୍ଲଦଙ୍କ ଏକାଗ୍ର ପ୍ରେମ ଓ ବିଶ୍ୱାସ ଯୋଗରେ ପରିଣତ ହୋଇ ସାରିଥିଲା। ପ୍ରେମ ଯୋଗୀ ମାନେ ଜାଣନ୍ତି, ପ୍ରେମ ଯୋଗର ଶକ୍ତି ଅତି ଆଶ୍ଚର୍ଯ୍ୟ ଶକ୍ତି। ଏହି ଶକ୍ତି ପ୍ରେମୀ ଯୁଗଳଙ୍କୁ ଶାରିରୀକ, ମାନସିକ ଓ ଚେତନା ସ୍ତରରେ ଯୁକ୍ତ କରିଦିଏ। ଏହି ଶକ୍ତି ବଳରେ ସେମାନେ ସର୍ବଦା ପରସ୍ପର ନିକଟରେ ରହିଥାନ୍ତି। ଏହି ଶକ୍ତି ଈଶ୍ୱରଙ୍କ ସମାନ ସର୍ବତ୍ର ବିଦ୍ୟମାନ ଥାନ୍ତି। ଏହି ଶକ୍ତି ପ୍ରହ୍ଲାଦଙ୍କୁ ସକଳ ବିପଦରୁ ରକ୍ଷା କରିବାରେ ଲାଗିଲେ। ଏହା ବର୍ତ୍ତମାନ ଅପ୍ରାକୃତ ବିଜ୍ଞାନ ବା ଆର୍ଟି ଫିସିଆଲ ବିଜ୍ଞାନ। ଯାହା ରାଧା, କୃଷ୍ଣଙ୍କ ଜୀବନରେ ଘଟିଥିଲା। ଏହି ଶକ୍ତି ମାନେ ଅମର ଗଣ ଓ ଏମାନେ ଦେବତା ମାନଂକ ପାରିଷଦ ଅଟନ୍ତି। ଯେଉଁମାନେ ତପସ୍ୟା କରନ୍ତି ବା ଅଧିଆ ପଡନ୍ତି, ସେମାନଙ୍କୁ ମଧ୍ୟ ଏହିପରି ସର୍ପ, ବାଘ, ସିଂହ, ଭୂତ, ପ୍ରେତଙ୍କ ପ୍ରତିବନ୍ଧକ ହୋଇଥାଏ ବୋଲି କୁହାଯାଏ। (ସେତେବେଳେ ଉଡନ୍ତା ସର୍ପମାନେ ଥାଇପାରନ୍ତି।ଏବେ ମଧ୍ୟ ଆକାଶରୁ କାଣ୍ଡ ନଳିଆ ସାପ ବା ଧଣ୍ଡ ସାପ ମାନେ ପଡ଼ିବାର ଶୁଣାଯାଏ । ତେଣୁ କେବଳ ଦୃଢ଼ ନିଷ୍ଠ ମାନେ ଏଥିରେ ବ୍ରତୀ ହେବା ଓ ବ୍ରତୀ କରାଇବା ଉଚିତ୍।

'ହେ ପିତାଶ୍ରୀ, ଯେଉଁ ବିଷ୍ଣୁ ସର୍ବତ୍ର ବ୍ୟାପି ଅଛନ୍ତି, ଯେ ଜଗତର କର୍ତ୍ତା ଓ ସର୍ବ ଶକ୍ତିମାନ ଅଟନ୍ତି, ସେ ମୋତେ ଏହି ସଦବୁଦ୍ଧି ପ୍ରଦାନ କରିଅଛନ୍ତି। ଦେଖନ୍ତୁ, ନିଜ ଆତ୍ମିକ ଉନ୍ନତି ପାଇଁ ଆପଣ ମଧ୍ୟ ସେହି ବିଷ୍ଣୁଙ୍କ ଆଶ୍ରୟ ନିଅନ୍ତୁ। ଆପଣ ଯୁଦ୍ଧରେ ଦଶ ଦିଗ ଜିଣି ନିଜକୁ ବିଜୟୀ ସାମ୍ରାଟ ବୋଲି ମନେ କରୁଛନ୍ତି। ନିର୍ଦ୍ଦୋଷ ବ୍ରହ୍ମର୍ଷି, ଋଷି, ମୁନି ବିଷ୍ଣୁ ବ୍ରତୀ, ଦେବତା, ବେଦ ଓ ସଜ୍ଜନ ମାନଙ୍କୁ ଦଣ୍ଡିତ କରୁ ଅଛନ୍ତି । ଅଥଚ, ଆପଣଙ୍କ ମଧ୍ୟରେ କାମ, କ୍ରୋଧ ଆଦି ଷଡ଼ରିପୁ ସ୍ୱୟଂ ମନକୁ ସେନାପତି କରି ଆତ୍ମ ରୂପକ ସମ୍ପଦକୁ ଲୁଣ୍ଠନ କରି ନେଲେଣି। ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ସେହି ବିଷ୍ଣୁ ବିଦ୍ୟମାନ ଅଛନ୍ତି। ତାଙ୍କର କେହି ଶତ୍ରୁ ନାହାନ୍ତି। ଏହା ମନେକରି ସମସ୍ତଙ୍କ ପ୍ରତି ସମଦର୍ଶୀ ହୁଅନ୍ତୁ। ଏ ଅଯଥା କ୍ଷମତା ଲୋଭରୁ ନିଜକୁ ମୁକ୍ତକରି ଶାନ୍ତିରେ ଜୀବନ ବିତାଇ ଦିଅନ୍ତୁ। ଏହା ଆପଣଙ୍କ ପାଇଁ ଶୁଭଙ୍କର ହେବ।'

'ପ୍ରହ୍ଲାଦ !' ଦାନବ ସାମ୍ରାଟ କ୍ରୋଧରେ ଗର୍ଜନ ଛାଡିବା ରେ ଲାଗିଲେ । 'ମୂର୍ଖ ! କୁଳ କଳଙ୍କ ! ମୁଁ ଜାଣେ ତୋର ମୃତ୍ୟୁ ର ସମୟ ନିକଟ ହୋଇ ଗଲାଣି। ତୋତେ ସେହି ଆ ର୍ଯ୍ୟ ଦେବତା ମାନେ ହିଁ ଏହି ପ୍ରକାର କୁମନ୍ତ୍ରଣା ଦେଇଛନ୍ତି। ଯେଉଁ ଆର୍ଯ୍ୟମାନେ ନିଜର ଗୃହ ଓ ପରିବାରକୁ ପୃଥିବୀର କେନ୍ଦ୍ର ବିନ୍ଦୁ ବୋଲି ମନେ କରନ୍ତି, ଯେଉଁ ମାନେ ପିତା, ମାତା ଏବଂ ଗୁରୁଙ୍କୁ ସାକ୍ଷାତ ଈଶ୍ୱର ବୋଲି ସମ୍ମାନ ଦିଅନ୍ତି, ସେମାନେ ତୋତେ କାହିଁକି ଏପରି ବିପରୀତ ବୁଦ୍ଧି ଦେଉଛନ୍ତି ? ସେ ମାନେ ତୋତେ ସାକ୍ଷାତ କରୁଛନ୍ତି କିପରି ? 'କ୍ରୋଧ ଜର୍ଜ୍ଜରିତ ହିରଣ୍ୟ କଶିପୁ ଚିନ୍ତା କରିବାରେ ଲାଗିଲେ । କିଏ ? କେଉଁ ମାର୍ଗ ଦେଇ ଏହାର ହୃଦୟ ମଧ୍ୟରେ ପ୍ରବେଶ କରୁଛି ? ' ଅରେ ଦୁଷ୍ଟ , ପାମର !' ହିରଣ୍ୟ କଶିପୁ ଅତ୍ୟଧିକ କ୍ରୋ ଧରେ ପାଗଳ ବ୍ୟାଘ୍ରପରି ଗର୍ଜ୍ଜନ ଛାଡି କହିଲେ , 'ଆଜି ନିଶ୍ଚୟ ତୋର ମୃତ୍ୟୁ ହେବ ।' 'ତଙ୍କର ସମଗ୍ର ଶରୀର ଭୂମିକମ୍ପ ପରି ଥରିବାରେ ଲାଗିଲା।' କାହାର ବୁଦ୍ଧିରେ ପଡି ତୁ ମୋତେ ଅବଜ୍ଞା କରୁଛୁ ? ତୁ କଣ ଜାଣୁନାହୁଁ ଯେ, ମୁଁ ହିଁ ଏହି ବିଶ୍ୱର ସାର୍ବଭୌମ ଈଶ୍ୱର ଅଟେ ? ମୁଁ ଏଠି ସ୍ଥାବର, ଜଙ୍ଗମ, କୀଟ, ପ୍ରାଣୀ ସମସ୍ତଙ୍କୁ ପାଳନ କରୁଛି ? ତୋର ମୃତ୍ୟୁ ନିକଟ ହୋଇଆସିବାରୁ ତୋର ଜ୍ଞାନ ହଜିଗଲାଣି ଓ ମତିଭ୍ରମ ହେଲାଣି। ତୁ ଯେବେ ଦୃଢ଼ ଭାବରେ ଏକଥା କହୁଛୁ ଯେ, ତୋର ବିଷ୍ଣୁ ସର୍ବବ୍ୟାପୀ, ଦୃଶ୍ୟ ଓ ଅଦୃଶ୍ୟ ସମସ୍ତ ବସ୍ତୁରେ ପରିପୂର୍ଣ୍ଣ, ତେବେ ଏ ସ୍ତମ୍ଭ ଭିତରେ କାହିଁକି ଦେଖା ଯାଉନାହିଁ ? ହଁ ଦେଖା, ତୁ ଯଦି ତାହାର ସଖା, ତାକୁ ପ୍ରତ୍ୟକ୍ଷରେ ଏହି ସ୍ତମ୍ଭ ମଧ୍ୟରେ ଦେଖା, ଆଉ ସେ ଆଜି ମୋ କବଳରୁ ତୋର ପ୍ରାଣକୁ ରକ୍ଷା କରୁ। ନଚେତ...'

ଖଣ୍ଡା ଝମକାଇ ଗର୍ଜନ ଛାଡିଲେ ଦାନବ ସାମ୍ରାଟ। ' ମୁଁ ଆଜି ନିଶ୍ଚୟ ତୋର ଶିରଶ୍ଛେଦ କରିବି।' ପ୍ରହ୍ଲାଦ ଭୟକରି ଗଲେ। ପିତାଙ୍କର ନିଷ୍ଠୁର ଓ କର୍କଶ ବଚନ ତାଙ୍କର ସହ୍ୟ ହେଉନଥିଲା। ତଥାପି ସେ ବିଷ୍ଣୁଙ୍କଠାରୁ ନିଜର ବିଶ୍ୱାସ ହରାଇ ନଥିଲେ। ଚଞ୍ଚଳ ଦୃଷ୍ଟିପାତରେ ସେ ସହାୟତା ଆଶାରେ ଦଶଦିଗକୁ ଚାହିଁଲେ, ପୁଣି ଚାହିଁଲେ ସେହି ଜଡ ଧାତୁମୟ ସ୍ତମ୍ଭକୁ। ଏ କ'ଣ ? ତାଙ୍କର ବିଶ୍ୱାସ ଯେ ଏହି ସ୍ତମ୍ଭ ମଧ୍ୟରେ ମୂର୍ତ୍ତିମନ୍ତ ହୋଇଉଠିଛି । ଚତୁର୍ଭୁଜରେ ଶଙ୍ଖ,ଚକ୍ର ଓ ଗଦା, ପଦ୍ମ ଧାରୀ ଶ୍ରୀବିଷ୍ଣୁ ... ଏହି ଯେ ... ପ୍ରହ୍ଲାଦ ଅତ୍ୟନ୍ତ ଆହ୍ଲାଦିତ ହୋଇ ଉଚ୍ଚ ସ୍ୱରରେ ଡାକିଲେ ' ଦେଖ ପିତା, ପ୍ରତ୍ୟକ୍ଷରେ ଦେଖ, ଏହି ସ୍ତମ୍ଭ ମଧ୍ୟରେ ସ୍ୱୟଂ ବିଷ୍ଣୁ ବିରାଜିତ ଅଛନ୍ତି ।

କାହିଁ, କେଉଁଠି ? ହିରଣ୍ୟ କଶିପୁ ଅତ୍ୟନ୍ତ କ୍ରୋଧରେ ଓଷ୍ଠ କାମୁଡି ତୀକ୍ଷ୍ଣ ଖଡ୍ଗ ଧରି ଦଉଡି ଆସିଲେ। ସେ ଆଉ ନିଜକୁ ସମ୍ଭାଳି ପାରୁ ନଥିଲା। ଅତ୍ୟନ୍ତ କ୍ରୋଧରେ ପ୍ରହ୍ଲାଦ ସଂକେତ କରୁଥିବା ସ୍ତମ୍ଭକୁ ସେ ବଦ୍ଧ ମୁଷ୍ଟିରେ ଗୋଟାଏ ଶକ୍ତ ବିଧା ଦେଲେ। ତତ୍କ୍ଷଣାତ ଭୟଙ୍କର ଶବ୍ଦ ସହ ସେହି ସ୍ତମ୍ଭ ଭୂଲୁଣ୍ଠିତ ହୋଇଗଲା।

'କାହିଁ ବେ କାହିଁ ? ଏ'ତ ଗୋଟାଏ ଭଙ୍ଗା ସ୍ତମ୍ଭ 'ସେହି ନିଷ୍ଠୁର ଦାନବ ରାଜ ପ୍ରହ୍ଲାଦର କେଶକୁ ମୁଠାରେ ଝିଙ୍କିଝିଙ୍କି ପଚାରିଲେ।' ଏଠାରେ ତୋର ଭଗବାନ ବିଷ୍ଣୁ କାହିଁ ? କାହିଁ ତୋର ସୁଦର୍ଶନ ଚକ୍ର ଧାରୀ ଚକ୍ରଧର ? ଦେଖା, ନଚେତ ମୁଁ ତୋତେ ଆଜି ଯମ ଭୁବନକୁ ପଠାଇ ଦେବି ।'

' ହଁ, ସେ ସତ୍ୟ କହୁଛି । ମୁଁ ଏହିଠାରେ ଅଛି । 'ସ୍ତମ୍ଭ ମଧ୍ୟରୁ ଦାନବର ଚକ୍ଷୁ ସାମ୍ନାରେ ଉଭା ହୋଇଗଲେ ସେହି ଭୟଙ୍କର ମୂର୍ତ୍ତି । ନରସିଂହ ଅବତାର !

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଯାତ୍ରା

ଅସୀମା ପ୍ରଧାନ



ଫିକା ଲାଗେ ଫେବୃୟାରୀ
ବସ୍ତ୍ରହରା ବସୁନ୍ଧରା
ସନ୍ତାନ ଗୋଟି ଗୋଟି ହରାଇବା ପରି
ଧିରେ ଧିରେ ପତ୍ର ଝଡ଼ା
ଦେଉଛି ବଣ ଜଙ୍ଗଲର ଗଛ ଲତା
ହରା ଉଛି ତାର ସବୁଜ ଶିରୀ
ପ୍ରବଳ ସୂର୍ଯ୍ୟ ତାପର ଦହନ ରେ
ଫିକା ପଡୁଛି ତାର ଶାଗୁଆ ଶାଢ଼ୀ
ଆସ୍ତେ ଆସ୍ତେ ହଟିବ ଆବରଣ
ବିଧ୍ୱଂସ ରଚିବ ଅଣଚାଶ ପବନ
ଧୂଳି ଧୂସରିତ ଜଳ ସ୍ଥଳ ଗଗନ
ଜୀବନ ଜୀବିକା ରେ ପହଲେ ଆସ୍ତରଣ
ବାକି ରହିଛି କେବଳ ଠାଏ ଠାଏ
ପଳାଶର ରକ୍ତିମ ଛିଟା।
ଲାଗେ ଯେମିତି
ଖଣ୍ଡିଆ ଭୂତ ପରି ଆସିବ କି
ଆକସ୍ମିକ ବିପର୍ଯ୍ୟୟର ବାଲି ଝଡ଼
ଉଡ଼ାଇ ନେ଼େ କାହିଁ କେତେ ଦୂର
ଫିଙ୍ଗୀ ଦେବ ଯୋଜନ ପ୍ରମାଣେ
ରଖିବନି କିଛି ବି ଲେଶ
ଉଡ଼ିଯିବ ଖାଲି ଧୂସର ଧୂଳି କଣିକା
ଛାଇ ଦେବକି ଶୁଷ୍କତା, ଧୁସରତା,
ଖାଁ ଖାଁର ଖା ହେବ
ବାରି ହୋଇପାରେ
ସରିଦେବକି ଆଉ ଯାହା ଅଛି ବାକି
ଧୂସର ଶିରୀ।

+ବୀରମହାରାଜପୁର, ସୁବର୍ଣ୍ଣପୁର

## ନମ୍ରତା

ଅନସୂୟା ପଣ୍ଡା



ଚଉଦବର୍ଷ ବନବାସ ସ୍ୱୀକାରର ନମ୍ରତାରେ
ରାମ ଅଭ୍ୟର୍ହିତ ଶ୍ରେଷ୍ଠ ଯୁଗେ ଯୁଗେ
ଗୋପୀ ଗାଈ ଗୋପର ଧୂଳିରେ ମଗ୍ନ
ନମ୍ରତା ହିଁ ନନ୍ଦସୁତ ଘନଶ୍ୟାମ
ଜଗତଜନନୀଙ୍କ ଅଗ୍ନିପରୀକ୍ଷା
ଆର୍ଜବ ଧାରାରେ ରାଧାଙ୍କ ପ୍ରତୀକ୍ଷା
ନମ୍ରତାର ନମ୍ର ଉପାସନା।
ନମ୍ରତାରେ ଅଭିଷେକ ପରେ
ନଥାଏ ମନରେ ଯାଚନା
ଦେବାରେ ଥାଏ ତୃପ୍ତତା
ପ୍ରତ୍ୟାଖ୍ୟାନରେ ଥାଏ ସନ୍ତୁଷ୍ଟି
ନିବେଦନରେ ଖୁସିର ଠିକଣା।
ନମ୍ରତା ନିର୍ମାଣରେ ସିଦ୍ଧହସ୍ତ
ଚରିତ୍ରର ବୀଜମନ୍ତ୍ର
ନମ୍ରତା ନିରବ ଅସ୍ତ୍ର
ଭେଦିପାରେ ସଂକ୍ରୁଦ୍ଧ ପ୍ରାଣତନ୍ତ୍ର।
ନମ୍ରତା ସତ୍ୟାଗ୍ରହ ଗାନ୍ଧୀବାଦ
ଅନୁଜ ଭରତର ଅନୁରୋଧ
ମନ୍ତ୍ରୀ ବିଦୁରଙ୍କର ବିରୋଧାଭାସ
ସୁସନ୍ନତ ପାଣ୍ଡବଙ୍କର ବନବାସ
ଚାଷୀର ତ୍ୟାଗରେ ଅନୁଶଂସ
ଭୋକର କରେ ଅନୁଶମ।
ନମ୍ରତା ବର୍ବରୀର ଶିରଚ୍ଛେଦ
ଏକଲବ୍ୟର ଗୁରୁଦକ୍ଷିଣା
ଉପମନ୍ୟୁର ଚେତନା
ରଣକ୍ଷେତ୍ରରେ ଯୁଦ୍ଧ ବିରତି କାମନା।
ନମ୍ରତା ଆକାଶ ପୃଥିବୀ ପାଣି ପବନ
ଅଗ୍ନିର ଉପକଥା ଗାଥା
ସମ୍ଭାବନାର ଓଠରେ
ଜୀବନ କବିତା ନମ୍ରତା।

+ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧

## ନା କହିବି

ସ୍ନିଗ୍ଧା ପଣ୍ଡା



ଏବେ ମୁଁ ଜାଣିଗଲିଣି
ସମସ୍ତଙ୍କର ସବୁ କଥା ମାନି ନେବା
ସମସ୍ତଙ୍କୁ ସବୁବେଳେ ହଁ କହିବା
ଏ ଦୁଇଟି ଭିତରେ ହଜେଇଦେଲିଣି
କେତେ କ'ଣ
ସମସ୍ତଙ୍କର ଖୁସିପାଇଁ ନିଜକୁ
ବାଣ୍ଟିବାରେ ଖୁସି ବୋଲି
ଭୁଲିଗଲିଣି ଟିକେ ଟିକେ ଖୁସି
ଯେତେ ନିଜର ।
ଆଜି ଯାଏଁ
ମତେ ଏଠି ଦୌଡିବା ମନା ବୋଲି ମାନିନେଇଛି
ଉଡିବା ମନା ବୋଲି ନିଜ ଡେଣା କାଟିଦେଇଛି
ଧୀରେଧୀରେ ଚାଲିବାକୁ
ପାଦରେ ନାଇଚି ପାହୁଡ
ପାହୁଡ ପିନ୍ଧା ପାଦ ମୋର ସୁନ୍ଦର ଦିଶେ ବୋଲି
ମାନିନେଇଛି ମନ୍ତବ୍ୟ ତାଙ୍କର
ଦେଖେଇ ହେଇଛି ପାଦର ଓ ପାହୁଡ଼ର ଅହଂକାର
ଚାଲି ନପାରିଲେ ମାନିଛି
ଦୋଷଯାକ ହିଁ ମୋର ।
ଅଳ୍ପ କହିବା ଶିଖୁଶିଖୁ
କଥା ନ କହିବା ଶିଖି ଯାଇଛି
ଚାରିପଟର ଇଚ୍ଛାକୁ ମାନିନେବା ବେଳେ
ନିଜ ଇଚ୍ଛାକୁ ପୋତିଦେବା ଶିଖିଯାଇଛି
ସବୁ ମାନି ନେବା ଶିଖିବା ଭିତରେ
ଠିକ୍ ଅଛିର ଖୋଳପା ମଡ଼େଇ
ନିଜଠାରୁ ଦୂରେଇଯାଇଛି
ଅଭିନୟର ହସ ମାଖି
ନିଜ ଠିକଣା କେତେବେଳେ
ହଜେଇ ଦେଇଛି ।
ମନା କରିଦେବାକୁ
ନା କହିବାକୁ କେହି ଜଣେ ଶିଖେଇନି
'ନା' ବି ଗୋଟିଏ ପୂରାବାକ୍ୟ ବୋଲି
କେହି ତ ବୁଝେଇଦେଇନି
ହସି ହସି ହଁ କହିଲା ପରି
ନା ବି କୁହାଯାଇପାରେ ନିଜ ପାଇଁ
ନିଜ ଉପରେ ନିଜର ପ୍ରତ୍ୟୟ ପାଇଁ ।
ନା କହିପାରିବା ବି ମୋର ବିଜୟ
ଅନ୍ୟମାନଙ୍କୁ ଚିହ୍ନିବାରେ
ମିଛ ମର୍ଯ୍ୟାଦା ମାନଙ୍କୁ
ବାନ୍ଧି ରଖିଥିବା ଗଣ୍ଠିମାନଙ୍କୁ ଫିଟେଇବାରେ
ସେଥିପାଇଁ ଏଣିକି ମୁଁ ନା କହିବି
ନିଜ ପାଇଁ ନା କହିବି
ନିଜ ପାଖକୁ ଫେରିଆସିବାପାଇଁ ନା କହିବି ।

+ଲହଣ୍ଡା, ବରଗଡ଼
ମୋ-୯୮୬୧୩୨୩୬୫୦

## ନୀରବତା

ରେଶ୍ମା ମେହେର



ଶବ୍ଦର ଅଭାବ ନୁହେଁ
ନିରବତା
ଏହା ହୃଦୟର ଏକ
ଗଭୀର ଗାଥା ।
ପତ୍ର ଖସିବା ବେଳେ
କିଏ କହେନି କିଛି
କିନ୍ତୁ ଗଛଟି କହୁଥାଏ
ବହୁତ କିଛି ।
ରାତିରେ ଆକାଶ ତାରାର
ଉତ୍ତାପ ରେ ନୁହେଁ
ନୀରବ ରେ ସିତଳତା ରେ
ଆମକୁ ଛୁଏଁ ।
ନିରବତା ରେ ମୁଁ ନିଜକୁ
ଖୋଜି ପାଏ
ଶବ୍ଦ ହଜି ଯାଏ କିନ୍ତୁ
ଅର୍ଥ ରହି ଯାଏ ।
ନିରବତା ରେ କଳହର
ହୋଇ ଯାଏ ସମାପ୍ତ
ଭୂଲ କରିଥିଲେ କ୍ଷମାରେ
ମନ ହୁଏ ଶାନ୍ତ ।

+ସରସ୍ୱତୀ ମେହେର,
ସିନାପାଲି, ନୂଆପଡ଼ା

## ଇଚ୍ଛା ହୁଏ

ପୁଷ୍ପାଞ୍ଜଳି ମିଶ୍ର



ଇଛା ହୁଏ ପୂର୍ଣ୍ଣିମାର
ଚାନ୍ଦିନୀ ରାତିଟିଏ
ହୋଇ ଯିବାକୁ
ତୁମ ଦେହ ଆଉ ମନରେ
ଭରି ଦିଅନ୍ତି ଶିହରଣ...

ଆଉ ଶୀତଳତା
ଇଛା ହୁଏ ଶ୍ରାବଣର
ବର୍ଷା ହୋଇ ଯିବାକୁ
ଝିପି ଝିପି ବର୍ଷାରେ
ଭିଜେଇ ଦେବାକୁ
ମେଘର ବିଜୁଳିବତିଟେ
ହୋଇ ଯିବାକୁ ଆଉ ଇଛାହୁଏ
ଆଲୋକ ରେ ଭରି ଦିଅନ୍ତି
ସାରା ପୃଥିବୀକୁ
ସୁନ୍ଦର ଫୁଲ ଗଛଟିଏ ହୋଇଯିବିକୁ...

ଇଛା ହୁଏ
ସୁରଭିରେ ଭରି ଦିଅନ୍ତି
ତୁମ ମନ ଆଉ ଅଗଣାକୁ
ପଥର ପଥିକ ଟିଏ
ହୋଇ ଯିବାକୁ ଇଚ୍ଛା ହୁଏ
ଲକ୍ଷ ସ୍ଥଳରେ ପହଞ୍ଚାଇ ଦିଅନ୍ତି
ଯେତେ ଥାଉ ବାଧା
ନଦୀଟିଏ ହୋଇଯିବାକୁ ...

ଇଛାହୁଏ
କୂଳୁ କୂଳୁ ଧ୍ୱନି କରି
ବହି ଯାନ୍ତି ତୁମ ଗାଁ
ବିଲ ମାଳ ଦେଇ
ହୁଅନ୍ତି କି ସ୍ୱପ୍ନଟିଏ
ବିଭୋର କରି ଦିଅନ୍ତି
ସବୁ ଦୁଃଖ ଯାତନାକୁ
ହୁଅନ୍ତି କି ସାଧୁ ସନ୍ଥ ଟିଏ
ସତ୍ୟ ଧର୍ମ ସବୁ କୁ
ସାମନାକୁ ଆଣି
ବାଣ୍ଟି ଦିଅନ୍ତି ସମସ୍ତଙ୍କୁ ...
ଈଈଈଈଈଈଈଈଈଈଈଈଈଈଈଈଈ

+ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
(ମୋ) ୯୫୫୬୬୪୩୯୨୧

# କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ୩୯ତମ ସ୍ୱନକ୍ଷତ୍ର ଦିବସ : ଜିଲ୍ଲାରେ ଖୋଲା ହେବ ୪ ନୂଆ ଶାଖା

କେନ୍ଦ୍ରାପଡା, ୨୫/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ୩୯ତମ ସ୍ୱନକ୍ଷତ୍ର ଦିବସ ଉତ୍ସବ ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ଭାଗବତ ପ୍ରସାଦ ମହାନ୍ତି ଓ ସମବାୟ ଆନ୍ଦୋଳନର ଆର୍ଯ୍ୟ ପ୍ରବର୍ତକ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିକୃତି ନିକଟରେ ପୁଷ୍ପାର୍ଘ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବାପରେ ସଭାପତି ଶ୍ରୀ ମହାନ୍ତି ବ୍ୟାଙ୍କର ବିଭିନ୍ନ ଆର୍ଥିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କର ଏଚଏଏଫ କଟକଣା ହଟି ଯାଇଥିବାରୁ ବ୍ୟାଙ୍କର କାର୍ଯ୍ୟକାରୀ ପରିସୀମା, ଶାଖା ସଂପ୍ରସାରଣ, ଅଂଶୀଦାର ମାନଙ୍କୁ ଲାଭାଂଶ ବଣ୍ଟନ, ବ୍ୟାଙ୍କର କ୍ୟାପିଟାଲ ଏକ୍ସପେନଡିଚର କଟକଣା ହ୍ରାସ ଇତ୍ୟାଦି ବହୁ ପ୍ରତିବନ୍ଧକ ହଟି ଯାଇଥିବାରୁ ଆଗାମୀ ଦିନରେ ଜିଲ୍ଲାରେ ୪ଟି ନୂଆ ଶାଖା ଖୋଲାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ । ରିଜର୍ଭ ବ୍ୟାଙ୍କ ଦ୍ୱାରା ଏହି ବ୍ୟାଙ୍କ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ଓ ଉତମ ପରିଚାଳିତ ବ୍ୟାଙ୍କ ଭାବରେ ମାନ୍ୟତା ପାଇ ଥିବାରୁ ଆନନ୍ଦ ପ୍ରକାଶ ପାଇଥିଲା । ଭାରତ ସରକାରଙ୍କ ଅମ୍ବ୍ରେଲା ଅରଗାନାଇଜେସନ ଦ୍ୱାରା ଦେଶର ୧୪ଟି ଅନ୍ୟ ଅର୍ବାନ ବ୍ୟାଙ୍କ ସହିତ ଏହି ବ୍ୟାଙ୍କ ସଫ୍ଟୱେୟାର ସିଲେକସନ ପାଇଁ ମନୋନିତ ହୋଇଥିବାରୁ ସଭାପତି ସାଧୁବାଦ ଜଣାଇଥିଲେ । ବ୍ୟାଙ୍କର ନେଟ ଏନପିଏ ୦ ପ୍ରତିଶତ ଓ ଗ୍ରସ ଏନପିଏ ୧୧ ପ୍ରତିଶତ ଥିବା ସଭାପତି ପ୍ରକାଶ କରିବା ସହ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାକୁ ୭ ପ୍ରତିଶତକୁ ହ୍ରାସ କରିବାକୁ ନିଷ୍ପତି ନିଆଯାଇଥିବା ଜଣାଇଥିଲେ। କାର୍ଯ୍ୟକ୍ରମରେ ଡ଼ଃ. ବିଶ୍ୱ ପ୍ରକାଶ କାନୁନଗୋ, ମହମ୍ମଦ ଆକବର ଅଲ୍ଲୀ, ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, ପ୍ରାକ୍ତନ କାର୍ଯ୍ୟ ନିର୍ବାହୀ ସୁଶିଲ କୁମାର ସାମଲ, ସରୋଜ କାନ୍ତ ସାହୁ, ପ୍ରଫେସର ନନ୍ଦ କିଶୋର ପରିଡା, ମନୋଜ କୁମାର ସାହୁ, ପ୍ରଦୀପ କୁମାର ମହାନ୍ତି, ଶରତ କୁମାର ବେହୁରା, ସନ୍ତୋଷ କୁମାର ସେଠୀ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିବା ବେଳେ ଦିବଂଗତ ପ୍ରତିଷ୍ଠାତା ସଦସ୍ୟ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରା ଯାଇଥିଲା । ଉପସଭା ନେତ୍ରୀ ଅପର୍ଣ୍ଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବିଧୁଭୂଷଣ ମହାପାତ୍ର, ରଶ୍ମି ରଂଜନ ଚୌଧୁରୀ, ମହେନ୍ଦ୍ର କୁମାର ପରିଡା, ନବଜ୍ୟୋତି ରାୟ, ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ଭଞ୍ଜ କିଶୋର ଜେନା, ଆଦିତ୍ୟ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ତିହିଡି ବରିଷ୍ଠ ନାଗରିକ ସଂଘ ମୁଖପତ୍ର ବର୍ଷୀୟାନ ଶ୍ରେଷ୍ଠ ପତ୍ରିକା ଭାବେ ମନୋନୀତ

ଭଦ୍ରକ, ୨୫/୨ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ବରିଷ୍ଠ ନାଗରିକ ସଂଘ ମୁଖ ପତ୍ର ବର୍ଷୟନ ଶ୍ରେଷ୍ଠ ପତ୍ରିକା ଭାବେ ମନୋନୀତ ହୋଉଥିବା ଜଣାଯାଇଛି। ଅଖିଳ ଭାରତୀୟ ବରିଷ୍ଠ ନାଗରିକ ମହାସଂଘ ଆନୁକୁଲ୍ୟରେ ଦୁଇ ଦିନ ବ୍ୟାପୀ କୋଡ଼ିଏଟି ରାଜ୍ୟର ବରିଷ୍ଠ ନାଗରିକସଂଘକୁ ନେଇ ଆଇସ୍କନ ସଭାପତି କ୍ରିଷ୍ଣା ରାଇନାଙ୍କ ସଭାପତିତ୍ୱରେ କର୍ମ ଶାଳ। ଭୁବନେଶ୍ୱର ରେଳ ଅଡିଟରିଅମରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଓଡ଼ିଶା ରାଜ୍ୟ ସଂଗଠନ ସମ୍ପାଦକ ପ୍ରସନ୍ନ କୁମାର ଦାସଙ୍କ ସ୍ୱାଗତ ଭାଷଣ ।ଏଥିରେ ମୁଖ୍ୟ ଅତିଥି ଭାବେ ରାଜନେତା ପଦ୍ମଶ୍ରୀ ପଦ୍ମଚରଣ ନାୟକ, ସମ୍ମାନିତ ଅତିଥିଭାବେ ପଞ୍ଜାବର ଡ. ସମ୍ବିତ ପାତ୍ର, ନାରୀନେତ୍ରୀ ମାଥିଉ ଚେରିଆନ, ଭଗବତ କାଉର୍ ,କେରଳର ହନିଫା ରାଓଦିରଡର ନେପାଲ ରାଜପରିବାର ପ୍ରମୁଖ ବହୁ ବରିଷ୍ଠ ଉଚ୍ଚ ପଦାଧିକାରୀ ଅତିଥି ମାନେ ବକ୍ତବ୍ୟ ରଖିଥିଲେ।ଏହି ଅବସରରେ ତିହିଡି ବରିଷ୍ଠ ନାଗରିକ ସଂଘ ପତ୍ରିକା ବର୍ଷୀୟାନ ଓଡ଼ିଶାର ତିରିଶ ଜିଲ୍ଲାରୁ ପ୍ରକାଶିତ ପତ୍ରିକା ମଧ୍ୟରୁ ଶ୍ରେଷ୍ଠ ପତ୍ରିକା ଭାବେ ଚୟନ କରାଯାଇ ଅର୍ଥ ରାଶି ସହ ପୁରସ୍କୃତ୍ କରାଯାଇଥିଲା। ରାଜ୍ୟ ମହାସଂଘ ସମ୍ପାଦକ ରାଜକିଶୋର ସାମନ୍ତରାୟ, ଭଦ୍ରକ ଜିଲ୍ଲା ମହାସଂଘ୍ ସମ୍ପାଦକ କୈଳାଶ ମହାପାତ୍ର, ତିହିଡି ବ୍ଲକ ସମ୍ପାଦକ ବିଭୂତି ଭୂଷଣ ସେନାପତିଙ୍କ ସଂପାଦକୀୟ ପ୍ରଶଂସିତ ହୋଇଥିଲା । ପତ୍ରିକାରେ ଥିବା ବରିଷ୍ଠ ନାଗରିକଙ୍କ ଉପଦେଶ, ଆଇନ ଓ କର୍ତବ୍ୟ ଇତ୍ୟାଦି ଚୟନ କାରୀଙ୍କୁ ବିମୁଗ୍ଧ କରିଥିଲା।ଏହି ଅବସରରେ ତିହିଡି ବ୍ଲକ ସଂଯୋଜକ ସୁରେନ୍ଦ୍ର କୁମାର ନାୟକ,ସଭାପତି ସୋମନାଥ ପାଢ଼ି ଉପସଭାପତି ମହେଶ ଦାସ ,କାର୍ଯକାରୀ ସଭାପତି ଧନେଶ୍ୱର ବିଶ୍ୱାଳ ,ଜୋନ ସଭାପତି ନିତ୍ୟାନନ୍ଦ ମଲିକ, ହୃଷୀକେଶ ପଣ୍ଡା ,ମଥୁରା ମୋହନ ବେହେରା , ଉତର ପ୍ରଦେଶ ସଂଘ ଜିଲ୍ଲା ସଭାପତି ବ୍ରଜେସ ଉପାଧ୍ୟାୟ,କର୍ଣ୍ଣାଟକ ରାଜ୍ୟ ସଭାପତି ଦିନେଶ ଭଟ୍ଟ,ବମ୍ବେରୁ ଭି, ଏସ ଡାଙ୍ଗେ , ହାଇଦ୍ରାବାଦରୁ ମୋହନ ଭାଲ। ,କର୍ଣ୍ଣାଟକରୁ ପଦ୍ମକିନି, ଆନ୍ଧ୍ରରୁ ପି,ନାଗେଶ୍ୱର ରାଓ ଗୋଆରୁ ଉମେଶ ଏଗୁନକର ପ୍ରମୁଖ ବହୁ ବରିଷ୍ଠ ବିଦ୍ୱାନ ବର୍ଷୀୟାନ ପତ୍ରିକାର ଦୀର୍ଘ ଜୀବନ କାମନା କରିଥିଲେ । ଆଗାମୀ ଦିନରେ ଇଂରାଜୀ ଅନୁବାଦ କରି ପ୍ରତ୍ୟେକ ରାଜ୍ୟ ମହାସଂଘକୁ ପଠାଇବା ପାଇଁ ମତ ପ୍ରକାଶ ପାଇଥିଲା।ମଧ୍ୟପ୍ରଦେଶର ମେଘଚନ୍ଦ୍ର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ତରଭାରେ ବିଶ୍ୱ ମାତୃଭାଷା ଦିବସ ପାଳିତ

ସୁବର୍ଣ୍ଣପୁର, ୨୫/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ସହର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ କୋଶଳ ସାହିତ୍ୟ ଏକାଡେମୀ ଏବଂ ତହଁକ୍ କୁଟୁମ୍ ମିଳିତ ଭାବରେ ରାଜେଶ ଦଣ୍ଡସେନାଙ୍କ ସଭାପତିତ୍ୱରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କବି ବନବାସ ମେହେର ମୁଖ୍ୟ ଅତିଥି, ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ ମୁଖ୍ୟ ବକ୍ତା ତଥା ସାହିତ୍ୟିକ ସଞ୍ଜୀବ ସେଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କୋଶଳାଂଚଳର କଳା-ସାହିତ୍ୟ-ସଂସ୍କୃତିର ପୁନରୁଦ୍ଧାର ସକାଶେ କୋସଲୀ ଭାଷାକୁ ମାତୃଭାଷାରୂପେ ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ମାତୃଭାଷା ହିଁ ଗୋଟିଏ ଜାତିର ପରିଚୟ। ପ୍ରାଥମିକ ସ୍ତରରୁ କୋସଲୀ ଭାଷାରେ ଶିକ୍ଷାଦାନର ଆବଶ୍ୟକତା ରହିଛି। ସେହିପରି ଏହି ଅଂଚଳରେ ଦୁଇ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କର ମାତୃଭାଷା କୋସଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା ନିମନ୍ତେ ଅତିଥିଗଣ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ କବି ଶଙ୍କର୍ଷଣ ସାହୁ, ଜନାର୍ଦ୍ଦନ ଥନାପତି, ଚିରଞ୍ଜିବୀ ନାଏକ, ଲୋକନାଥ ଦଲବେହେରା, ହିରଣ୍ମୟ ପଟ୍ଟନାୟକ, କବୟିତ୍ରୀ ବିନୋଦିନୀ ମାଝି, ସଂଜୀବ କୁମାର ସାହୁ, ସୁଧୀର ପଣ୍ଡା, ନିବେଦିତା ଦଣ୍ଡସେନା, ରୋଶନ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜର ନିଜର ବକ୍ତବ୍ୟ ରଖିଥିଲେ।

# ମଡେଲ ଡିଗ୍ରୀ ମହାବିଦ୍ୟାଳୟଠାରେ ବିକଶିତ ଭାରତ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସାମ୍ବାଦିକ ସମ୍ମିଳନୀ

ସୁବର୍ଣ୍ଣପୁର, ୨୫/୨ (ନି.ପ୍ର): ମଡେଲ ଡିଗ୍ରୀ ମହାବିଦ୍ୟାଳୟ ଠାରେ ବିକଶିତ ଭାରତ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜନ ଓ ଅନୁଷ୍ଠିତ କରିବା ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସ୍ଥିତ ମିନି ସମ୍ମିଳନୀ କକ୍ଷ ଠାରେ ଅଧ୍ୟକ୍ଷ, ମଡେଲ ଡିଗ୍ରୀ ମହାବିଦ୍ୟାଳୟ ସୋନପୁର, ଦେବାଶିଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇ କହିଥିଲେ ଯେ, ସୁବର୍ଣ୍ଣପୁର ଜିଲ୍ଲାର ୧୮ ରୁ ୨୫ ବର୍ଷ ବୟସ୍କ ପ୍ରାୟ ୨୦୦ ଯୁବ ପ୍ରତିଯୋଗୀ ଓ ଛାତ୍ର ଛାତ୍ରୀ ଭାଗ ନେବାର ବ୍ୟବସ୍ଥା ରହିଛି। ଏହି ବିକଶିତ ଭାରତ ଜାତୀୟ ଯୁବ ସାଂସଦରେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ : ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଆଲୋଚନାର ବିଷୟବସ୍ତୁ ରହିଥିବା ବେଳେ ପ୍ରତିଯୋଗୀମାନେ ଏହି ବିଷୟ ବସ୍ତୁ ଉପରେ ନିଜସ୍ୱ ମତ ରଖିବେ ବୋଲି ସ୍ଥିର ହୋଇଛି। ଏହି ବିକଶିତ ଭାରତ ଜାତୀୟ ଯୁବ ସାଂସଦକୁ ସଫଳ ଭାବେ ଆୟୋଜନ କରିବା ନିମନ୍ତେ କାର୍ଯ୍ୟସୂଚୀ ଓ ଆଲୋଚ୍ୟ ବିଷୟ ବସ୍ତୁକୁ ସୁବର୍ଣ୍ଣପୁର ଜିଲ୍ଲା ସମସ୍ତ ମହାବିଦ୍ୟାଳୟ ମାନଙ୍କୁ ପତ୍ର ମାଧ୍ୟମରେ ଜଣାଇବ ସଂଗେସଂଗେ ସୋନପୁର ସହିତ ସମସ୍ତ ପଂଚାୟତ ସମିତି ମୁଖ୍ୟାଳୟ ମାନଙ୍କର ଛକ ଜାଗା ମାନଙ୍କରେ ପୋଷ୍ଟର ଲଗାଇ ବହୁଳ ପ୍ରଚାର ଓ ପ୍ରସାର କରାଯିବ ବୋଲି ସୂଚନା ଦେଇଥିଲେ। ଏହି ବିକଶିତ ଭାରତ ଜାତୀୟ ଯୁବ ସାଂସଦରେ ଶ୍ରେଷ୍ଠ ୫ ଜଣ କୃତି ଛାତ୍ରଛାତ୍ରୀ ଓ ଯୁବକ ମାନଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯିବ। ମଡେଲ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ସୁବର୍ଣ୍ଣପୁର ଜିଲ୍ଲାର ଯୁବକମାନଙ୍କୁ ଏହି ଜାତୀୟ ଯୁବ ସାଂସଦ ବହୁ ସଂଖ୍ୟାରେ ଯୋଗଦାନ କରି ଭାରତ ବିକାଶରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ବିକଶିତ ଭାରତ ଜାତୀୟ ଯୁବ ସଂସଦର କାର୍ଯ୍ୟକ୍ରମକୁ ସମସ୍ତ ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶନ ଓ ପ୍ରଚାର କରିବା ପାଇଁ ଉପସ୍ଥିତ ସମସ୍ତ ସମ୍ବାଦ ପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅଧ୍ୟକ୍ଷ ମଡେଲ ଡିଗ୍ରୀ ମହାବିଦ୍ୟାଳୟ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡକ୍ଟର ସନ୍ତୋଷ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜ୍ଜୁନ ମାଝୀ ଏବଂ ମୋ ଭାରତ ଅଧିକାରୀ କୃପାସିନ୍ଧୁ ସା ଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## କାଳଦାପଲ୍ଲୀ ମୋଡ଼ରେ କାର ଦୁର୍ଘଟଣା: ଯୁବକ ଆହତ

ମାଲକାନଗିରି, ୨୫/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ପଡିଆ - ଶିମିଳିବାଞ୍ଚା ମୁଖ୍ୟ ରାସ୍ତାରେ ଥିବା କାଳଦାପଲ୍ଲୀ ମୋଡ଼ରେ ସୋମବାର ଅପରାହ୍ନ ସମୟରେ ଏକ କାର ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ କାରଟି ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଚାଳକ ଜଣକ ଗୁରୁତର ଭାବେ ଆହତ ହୋଇ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ସମୟରେ ଦୋରନାପାଲ ଅଂଚଳର ଦୀପକ ନାମକ ଜଣେ ଯୁବକ ତାଙ୍କର ଜଣେ ପରିଚିତଙ୍କୁ ପଡିଆ ବ୍ଲକ ଅନ୍ତର୍ଗତ କାଳଦାପଲ୍ଲୀ ଅଂଚଳରେ ଛାଡି ସିଜି ୧୭ କେଡବ୍ଲୁ ୬୯୯୨ ଅଲଟୋ କାରରେ ଦ୍ରୁତ ଗତିରେ ଫେରୁଥିବା ବେଳେ କାଳଦାପଲ୍ଲୀ ଗ୍ରାମ ନିକଟସ୍ଥ ମୋଡ ଠାରେ ରାସ୍ତା କଡର ଥିବା ଗଛ ସହ ଧକ୍କା ହୋଇଥିଲା ଓ ଏଥିରେ ଯୁବକ ଜଣକ ଗୁରୁତର ହୋଇ ପଡିଥିଲେ । ଏ ବାବଦରେ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ପଡିଆ ଅଗ୍ନିଶମ ଅଧିକାରୀ ବିରେନ୍ଦ୍ର ସିଂ ଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଂଚି ଗୁରୁତର ଅବସ୍ଥାରେ ପଡ଼ି ରହିଥିବା ଦୀପକଙ୍କୁ ଉଦ୍ଧାର କରି ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଏ ନେଇ ସୂଚନା ପାଇ ପଡିଆ ପୋଲିସ ଘଟଣାସ୍ଥଳରେ ପହଂଚି ଗାଡିଟିକୁ ଉଦ୍ଧାର କରି ଯାନବାହନ ଚଳାଚଳକୁ ସ୍ୱାଭାବିକ କରିଛି। ଅନ୍ୟପଟେ ପ୍ରାଥମିକ ଚିକିତ୍ସା ପରେ ଯୁବକ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ଜଣାପଡ଼ିଛି।

# ଲିଡ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ସମୂହର ବୈଠକ, ଋଣ ଆଦାୟ ଓ ପ୍ରଦାନ ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା, ୨୫/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୂହଙ୍କ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଲିଡ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କମାନଙ୍କର ଋଣ ପ୍ରଦାନ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। ଏଲଡିଏମ୍ ରମାକାନ୍ତ ମାଝିଙ୍କ ପରିଚାଳନାରେ ଆୟୋଜିତ ଏହି ବୈଠକରେ ଲାଇନ ଡିପାଟମେଂଟମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷ୍ୟକୁ ପୁରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା- କୃଷି ଋଣ, ବାଣିଜ୍ୟ ଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, କେସିସି ଋଣ ସହିତ ମୁଖ୍ୟମନ୍ତ୍ରୀ ଉଦ୍ୟାନ କୃଷି ଯୋଜନା ଋଣ ସଂପର୍କରେ ବିସ୍ତାର ଭାବେ ଆଲୋଚନା କରା ଯାଇଥିଲା। ବ୍ୟାଙ୍କ ସମୁହ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ସହ ସରକାରଙ୍କ ଲକ୍ଷ୍ୟ ପୁରଣରେ ସହାୟତା କରିବାକୁ ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା। ଏହି ବୈଠକରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କ୍ରେଡିଟ୍ ଡିପୋଜିଟ୍ ଆଏସିଆଇଓ ପାଇଁ ପୁରସ୍କୃତ କରାଯାଇଛି। ଏମ୍.ଏସ୍.ଏମ୍.ଇ ଉଚ୍ଚ ଅଭିବୃଦ୍ଧି ପାଇଁ ଏସବିଆଇର ମୁଖ୍ୟ ଶାଖା ପରିଚାଳକ, କୃଷି ଋଣ ପ୍ରଦାନ ପାଇଁ ବ୍ୟାଙ୍କ ଅଫ ମହାରାଷ୍ଟ୍ରର ଶାଖା ପରିଚାଳକ ଓ ସ୍ୱୟଂ ଚାଳକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ପାଇଁ ୟୁନିୟନ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ପୁରସ୍କୃତ କରାଯାଇଛି। ଏଥିସହିତ ଜାତୀୟ କରଣ ବ୍ୟାଙ୍କ ଗୁଡିକୁ ସେମାନଙ୍କର ଲକ୍ଷ୍ୟ ପୁରଣ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଏସବିଆଇ ଆରଏମ୍ ଆରବିଓ ପାରାଦ୍ୱୀପ ର ପିୟୁଷ ରଂଜନ ସ୍ୱାଇଁ, ନାବାର୍ଡର ସ୍ମିତା ବଡଜେନା, ଆରବିଆଇ ର ଏଲଡିଓ ଅବିନାଶ ରାଉତ, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମେଶ ମଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ଜାତୀୟ କରଣ ବ୍ୟାଙ୍କର ଶାଖା ପରିଚାଳକ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କନ୍ୟା ଭ୍ରୂଣ ହତ୍ୟା ରୋକିବାକୁ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ଝାରସୁଗୁଡ଼ା, ୨୫/୨ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ 'ପ୍ରାକ-ଗର୍ଭଧାରଣ ଏବଂ ପ୍ରସବ ପୂର୍ବ ନିଦାନ କୌଶଳ (ଲିଙ୍ଗ ଚୟନ ନିଷେଧ) ଆଇନ' ବା ପିସି ଏବଂ ପିଏନଡିଟି ଆଇନର ସଫଳ ରୂପାୟନ ନିମନ୍ତେ ଏକ ଦିନିକିଆ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଆଇନର କଡ଼ାକଡ଼ି ଅନୁପାଳନ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ସଚେତନ କରାଯିବା ସହ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସରକାରୀ ଓକିଲ ବି. ନାଗେଶ୍ୱରୀ, ସହକାରୀ ସରକାରୀ ଓକିଲ ସମୀର ମିଶ୍ର, ଅଧିବକ୍ତା ଆଶିଷ କୁମାର ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ, 'ସେହଡ଼ା' ସଂଗଠନର ନିର୍ଦ୍ଦେଶିକା ଏବଂ 'ଏ ସ୍କୋୟାର ହସ୍ପିଟାଲ'ର ନିର୍ଦ୍ଦେଶିକା ବବିତା ରମାନୀ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ସମାଜରେ କନ୍ୟା ସନ୍ତାନର ମୂଲ୍ୟ ବୃଦ୍ଧି କରିବା ସହ ଲିଙ୍ଗ ନିରୂପଣ ଭଳି ଅପରାଧକୁ ରୋକିବା ପାଇଁ ସମସ୍ତ ଅଂଶୀଦାରମାନଙ୍କ ସକ୍ରିୟ ସହଯୋଗ କାମନା କରାଯାଇଥିଲା।କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଡାକ୍ତର ରାଧାରମଣ ବିବର୍ତିଆ ପିସି ଏବଂ ପିଏନଡିଟି ଆଇନ ଅନୁଯାୟୀ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକର ନିରୀକ୍ଷଣ ଏବଂ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଡାକ୍ତର ଦୁର୍ଜୟ କୁମାର ଦତ ସମାଜରେ କନ୍ୟା ସନ୍ତାନର ସମ୍ମାନ ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ବିଭିନ୍ନ ସାମାଜିକ ସଂଗଠନ ଓ ସରକାରୀ ପକ୍ଷର ଭୂମିକା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ଶେଷରେ, ଯଦି କୌଣସି ବ୍ୟକ୍ତି ବେଆଇନ ବା ଅଣ-ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ବିଷୟରେ ସଠିକ୍ ସୂଚନା ପ୍ରଦାନ କରନ୍ତି, ତେବେ ସରକାରଙ୍କ 'ସୂଚନାଦାତା ପ୍ରୋତ୍ସାହନ ଯୋଜନା' ଅଧୀନରେ ସେହି ବ୍ୟକ୍ତିଙ୍କୁ ୨୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ ଘୋଷଣା ହୋଇଥିଲା।

# ପାଣିରେ ପଡିଲା ପଚାଶ ଲକ୍ଷ : ଦୁଇ ବର୍ଷ ନ ଯାଉଣୁ ଫାଟିଗଲା ସମ୍ପୂର୍ଣ୍ଣ ପାଚେରୀ

ଚମ୍ପୁଆ, ୨୫/୨ (ନି.ପ୍ର): ଖେଳକୁଦର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚମ୍ପୁଆ ବ୍ଲକ କାର୍ଯ୍ୟ ଗୁଡିକରେ ହେଉଥିବା ବ୍ୟାପକ ଅନିୟମିତତା ବ୍ଲକ ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କେଉଁଠି ବିନା ସୂଚନା ଫଳକରେ ନିମ୍ନମାନର କାର୍ଯ୍ୟ କରା ଯାଉଥିବା ବେଳେ ଆଉ କେଉଁଠି ଅଧିକାରୀ ଓ ଠିକାଦାର ମଧୁଚନ୍ଦ୍ରିକାରେ ବିଧିବଦ୍ଧ ଭାବେ ଅନୁଦାନ ଟଙ୍କା ହଡପ କରି ପକେଟ ଗରମ କରୁଥିବା ଦେଖିବାକୁ ମିଳୁଥିଲେ ମଧ ଜାଣିଶୁଣି କର୍ତୃପକ୍ଷ ନିରବଦ୍ରଷ୍ଟା ସାଜି ଥିବା ଦେଖିବାକୁ ମିଳୁଛି । ଏହିପରି ଏକ ନିମ୍ନମାନ କାର୍ଯ୍ୟର ନଗ୍ନ ଉଦାହରଣ ପାଲଟିଛି ଭଣ୍ଡା ପଂଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ କରାଯାଇଥିବା ଖେଳ ପଡିଆ। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଂଚାୟତର ଭଣ୍ଡା ଗ୍ରାମରେ ଆର୍ଥିକ ବର୍ଷ ୨୦୨୩-୨୪ରେ ପଂଚାୟତବାସୀଙ୍କ ଖେଳକୁଦର ବିକାଶ ପାଇଁ କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ନୂତନ ଖେଳ ପଡିଆ ନିର୍ମାଣ ନିମନ୍ତେ ଅଟକଳ ୫୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଏହି କାର୍ଯ୍ୟର କାର୍ଯ୍ୟାଦେଶ ଚମ୍ପୁଆ ପଂଚାୟତ ସମିତି ନାମରେ ରହିଥିବା ସୂଚନା ଫଳକରେ ଦର୍ଶା ଯାଇଛି। କାର୍ଯ୍ୟ ପାଇଁ ଲାଗିଥିବା ସୂଚନା ଫଳକ ଅଧା ଲିଭି ଯାଇଥିବାରୁ ପରିଷ୍କାର ଜଣା ପଡୁନାହିଁ। ତେବେ ଚମ୍ପୁଆ ପଂଚାୟତ ସମିତି ନିଜେ କରିଥିବା ଏହି କାର୍ଯ୍ୟରେ ଖେଳ ପଡିଆ ଭିତରେ ଆହୁରି ଅନେକ କିଛି କାମ ଅଧାପନ୍ତରିଆ ହୋଇ ପଡି ରହିଥିବା ଦେଖିବାକୁ ମିଳିଛି। ପଡିଆ ଚାରି କଡରେ ପୂର୍ବରୁ ରହିଥିବା ପୁରୁଣା ପାଚେରୀ, ଗ୍ୟାଲେରୀକୁ ରଙ୍ଗ ମାରି ନୂଆ ପାଚେରୀ ସହିତ ସଂଲଗ୍ନ କରା ଯାଇଥିବା ବେଳେ ନୂତନଭାବେ ନିର୍ମାଣ କରା ଯାଇଥିବା ପାଚେରୀ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଏହି ପାଚେରୀ ନିର୍ମାଣର ଦୁଇ ବର୍ଷ ନ ପୁରୁଣୁ ପାଚେରୀ ଚାରି କଡ ଫାଟି ଆଁ କରି ସାରିଲାଣି। କୌଣସି ମୁହୂର୍ତରେ ପାଚେରୀର ଉପରଭାଗ ଧସି ପଡିଯିବାର ଭୟ ରହିଛି। ଫଳରେ ପାଚେରୀର ଦୀର୍ଘ ସ୍ଥାଇତ୍ୱକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ଅସନ୍ତୋଷ ପୁଞ୍ଜିଭୂତ ହେଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟରେ ସିଧାସଳଖ ଅଧିକାରୀଙ୍କ ପକେଟ ଗରମ ହୋଇଥିବା ବେଳେ ଜିଲ୍ଲା ଖଣିଜ ପାଣ୍ଠିରୁ ପଚାଶ ଲକ୍ଷ ଟଙ୍କା ପାଣିରେ ପଡ଼ିଥିବା ଆଲୋଚନା ହେଉଛି। ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ କରିବାକୁ ଦେଇଥିବା ଠିକାଦାର ସହିତ ଯୋଜନାନୁସାରେ ଜେନତେନ ପ୍ରକାରେ ନିମ୍ନମାନର କାମକରି ୫୦ଲକ୍ଷ ଟଙ୍କାକୁ ଚଳୁ କରିଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ଦାୟିତ୍ୱରେ ଥିବା ଜେଇଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରା ଯାଇଥିଲେ ମଧ ଯୋଗାଯୋଗ ହୋଇ ପାରି ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବୀ ହେଉଛି।

# ଗଞ୍ଜା ଚାଷ ଓ ଚୋରାଚାଲାନ ରୋକିବା ପୋଲିସ ହେବ କଠୋର: ଓଡିଶା-ଆନ୍ଧ୍ର ପୋଲିସର ସଂଯୁକ୍ତ ସମନ୍ୱୟ ବୈଠକ

ଜୟପୁର, ୨୫/୨ (ନି.ପ୍ର): ଜାମିନ ବିହୀନ ଗିରଫ ପରଓ୍ୱାନକୁ କାର ?ୟକାରୀ କରିବା ଥାନା ଅଧିକାରୀଙ୍କ ଦାୟିତ୍ୱ - କନଓ୍ୱର ବିଶାଳ ସିଂହ, ଡିଆଇଜି, କୋରାପୁଟ ଗଂଜା ଚାଷ, ଚାଷୀ ଓ ଚୋରା ଚାଲାଣ କାରୀଙ୍କ ସମେତ ଘଇଡଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଡୋଶୀ ଆନ୍ଧ୍ର ପୋଲିସ ଓ ଓଡିଶା ପୋଲିସ ମଧ୍ୟରେ ତଥ୍ୟ ଆଦାନ ପ୍ରଦାନ କରିବା ପାଇଁ ନିଷ୍ପତି ନିଆଯାଇଛି।ଓଡିଶା ଓ ଆନ୍ଧ୍ର ସୀମାନ୍ତ ବର୍ତୀ ଅଂଚଳରେ ଗଞ୍ଜା ଚାଷ ଓ ଚୋରାଚାଲାନକୁ ସମୂଳେ ମୂଳ ପୋଛ କରିବା ପାଇଁ ଓଡିଶା ପୋଲିସ ଓ ଆନ୍ଧ୍ର ପ୍ରଦେଶ ପୋଲିସ ମଧ୍ୟରେ ଏକ ଭିଡିଓ କଣଫରେନ୍ସ ଜରିଆରେ ସଂଯୁକ୍ତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଗଞ୍ଜା ବିରୋଧୀ କାର୍ଯ୍ୟକଳାପକୁ ଅଧିକ ସକ୍ରିୟ ଓ ସମନ୍ୱିତ ଭାବେ ଆଗେଇ ନେବାକୁ ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ଦକ୍ଷିଣ ପଶ୍ଚିମ ରେଞ୍ଜ, କୋରାପୁଟର ପୁଲିସ ଉପମହାନିର୍ଦ୍ଦେଶକ ସହ କୋରାପୁଟ, ରାୟଗଡା ଓ ମାଲକାନଗିରି ଜିଲ୍ଲାର ପୁଲିସ ଅଧୀକ୍ଷକମାନେ ଉପସ୍ଥିତ ଥିଲେ। ଆନ୍ଧ୍ର ପ୍ରଦେଶର ବିଶାଖାପଟ୍ଟଣମ ରେଞ୍ଜର ପୁଲିସ ମହାନିର୍ଦ୍ଦେଶକ ସହ ଆଲୁରି ସୀତାରାମ ରାଜୁ ଓ ଆନକାପଲ୍ଲୀ ଜିଲ୍ଲାର ପୁଲିସ ଅଧୀକ୍ଷକମାନେ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ସୀମାନ୍ତ ଅଂଚଳରେ କାର୍ଯ୍ୟରତ ଆନ୍ତର୍ରାଜ୍ୟ ଚୋରାଚାଲାନ କାରୀମାନଙ୍କ ବିଷୟରେ ସୂଚନାର ମୁକ୍ତ ଆଦାନ-ପ୍ରଦାନ କରିବା ସହ ମିଳିତ ଭାବେ ଚଢ଼ାଉ କରିବାକୁ ସିଦ୍ଧାନ୍ତ ନିଆଯାଇଛି। କୋରାପୁଟ, ରାୟଗଡା ଓ ମାଲକାନଗିରି ପୋଲିସଙ୍କ ଦ୍ୱାରା ଗଂଜେଇ ଚୋରା ଚାଲାଣକାରିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତିନି ଜିଲ୍ଲାର ପୋଲିସର ପଦକ୍ଷେପକୁ କୋରାପୁଟ ସ୍ଥିତ ଦକ୍ଷିଣ ପଶ୍ଚିମାଂଚଳ ଡିଆଇଜି, କନଓ୍ୱର ବିଶାଳ ସିଂହ ପ୍ରଶଂସା କରିଛନ୍ତି। ପୋଲିସ ର ତଥ୍ୟ ଅନୁଯାୟୀ, ୧ ଜାନୁଆରୀ ୨୦୨୫ ଠାରୁ ଏପର୍ଯ୍ୟନ୍ତ କୋରାପୁଟ ପୋଲିସ ୧୩୧ଟି ଘଉଚଝ ମାମଲା ରୁଜୁ କରି ୭୨ ଜଣଙ୍କୁ ଗିରଫ କରିଛି। ଏହାସହ ୨୦,୪୭୭ କିଲୋଗ୍ରାମ ଗଞ୍ଜା,୨.୮୩ ଗ୍ରାମ ବ୍ରାଉନ ସୁଗାର ଓ ୧ ଲିଟର ହାଶିଶ ତେଲ ଜବତ କରାଯାଇଛି। ସେହିପରି ସମୟସୀମାରେ ମାଲକାନଗିରି ପୋଲିସ ୧୦୨ଟି ମାମଲା ରୁଜୁକରି ୧୨୧ ଜଣଙ୍କୁ ଗିରଫ କରିଥିବା ବେଳେ ୩୩,୬୭୧.୭ କିଲୋଗ୍ରାମ ଗଞ୍ଜା ଓ ୬୨ ଲିଟର ହାଶିଶ ତେଲ ଜବତ କରିଛି। ବୈଠକରେ ଆଗାମୀ ଦିନରେ ତଥ୍ୟ ଆଦାନ ପ୍ରଦାନ ବ୍ୟବସ୍ଥାକୁ କ୍ଷିପ୍ର ଓ ସୁଦୃଢ଼ କରିବା, ଆନ୍ତର୍ରାଜ୍ୟ ମାଫିଆଙ୍କ ଜାଲକୁ ଧରିବା ପାଇଁ ସଂଯୁକ୍ତ ଚଢ଼ାଉ ବଢ଼ାଇବା ଓ ଆନ୍ତଜିଲା ଓ ଆନ୍ତର୍ରାଜ୍ୟ ନନ୍-ବେଲେବଲ୍ ଓ୍ୱାରେଂଟ କାର୍ଯ୍ୟାନୁଷ୍ଠାନ କରିବାକୁ ସଙ୍କଳ୍ପ ନିଆଯାଇଛି। ଏହାକୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ଥାନା ଅଧିକାରୀ ମାନଙ୍କର ଦାୟିତ୍ୱ। ଏଥିର ଅବହେଳା କଲେ ଥାନାର ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ଗଂଜା ଚାଷକୁ ଶୂନ ସ୍ତରକୁ ଆଣିବା ,ଫରଓ୍ୱାର୍ଡ ଲିଙ୍କେଜ ସ୍ଥାପନ କରିବା, ଆନ୍ତର୍ରାଜ୍ୟ ଚୋରାଚାଲାନକାରୀ ମାନଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଗିରଫ କରିବା, ଆର୍ଥିକ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିବା,ଜାମିନ ବିହୀନ ଗିରଫ ପାରଓ୍ୱାନ କୁଶତ ପ୍ରତିଶତ କାଯ୍ୟକାରି କରିବାକୁ ନିଷ୍ପତି ନିଆଯାଇଛି।

# ଜନଗଣନା ପୂର୍ବ ପ୍ରସ୍ତୁତି ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

କେନ୍ଦୁଝର, ୨୫/୨ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଡ଼ିଆରଡ଼ିଏର ସମ୍ମିଳନୀ କକ୍ଷଠାରେ ଆଗାମୀ 'ଡିଜିଟାଲ ଜନଗଣନା ୨୦୨୭' ପାଇଁ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଜିଲ୍ଲାର ସମସ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ-ତଥା-ଚାର୍ଜ ଅଫିସର ଏବଂ ଜନଗଣନା ସହାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମ ଦିନରେ 'ଜନଗଣନା ପରିଚାଳନା ଏବଂ ଅନୁଧ୍ୟାନ ବ୍ୟବସ୍ଥା' ଏବଂ ଏଚଏଲବି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ତଥ୍ୟ ସଂଗ୍ରହ, ରିଅଲ-ଟାଇମ୍ ରିପୋର୍ଟିଂ ଏବଂ ପୋର୍ଟାଲରେ ଡାଟା ଏଂଟ୍ରି ସମ୍ବନ୍ଧରେ ଅଧିକାରୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଶିକ୍ଷା ଦିଆଯାଇଥିଲା। ଦ୍ୱିତୀୟ ଦିନରେ ଚାର୍ଜ ଅଫିସର, ଗଣନାକାରୀ ଏବଂ ସୁପରଭାଇଜରମାନଙ୍କ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା।

# ନୀଳଗିରି ଏନ୍.ଏ.ସିରେ ନୂତନ ଅଳିଆଗାଡ଼ି ଶୁଭାରମ୍ଭକୁ ନେଇ ନିର୍ବାହୀ ଅଧିକାରୀ ଓ କାଉନସିଲର ମୁହାଁମୁହିଁ: ଧାରଣାରେ ବସିଲେ ଦୁଇ କାଉନସିଲର, ନିଃସର୍ତ୍ତ କ୍ଷମାପ୍ରାର୍ଥନା ପରେ ଧାରଣା ପ୍ରତ୍ୟାହୃତ

ନୀଳଗିରି, ୨୫/୨ (ନି.ପ୍ର): ନୀଳଗିରି ଏନ୍.ଏ.ସି ରେ ବୁଧବାର ଏକପ୍ରକାର ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି।୧୦ନମ୍ବର ୱାର୍ଡ କାଉନସିଲ୍‌ର ଗୌରାଙ୍ଗ ବିନ୍ଧାଣି ଓ ୧ନଂ ୱାର୍ଡର କାଉନସିଲର ରତିପ୍ରଭା ସାହୁ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପରେ ଏନ୍.ଏ.ସି ର ଅଧକ୍ଷ ମହେନ୍ଦ୍ର ବେହେରା ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ଦୁଇ କାଉନସିଲର ଧାରଣରୁ ଉଠିଥିଲେ। ସୂଚନା ଅନୁସାରେ ନୀଳଗିରି ଏନ୍.ଏ.ସିର ସଫେଇ ଗାଡ଼ି ଲିଜ୍ ସୂତ୍ରରେ ବ୍ୟାଟେରୀ ଅପରେଟିଂ ଭେଇକିଲ(ବି.ଓ.ଭି )ଗାଡ଼ି ଆଣିବା ପାଇଁ ଗତ ୯/୧/୨୬ରେ କାଉନସିଲିଂ ମିଟିଂ ରେ ଅଧକ୍ଷ ପ୍ରସ୍ତାବ ଆଗତ କରିଥିଲେ। ମାତ୍ର ବହୁ ସଭ୍ୟ/ସଭ୍ୟାଙ୍କ ଅଭିଯୋଗ ମୂଳେ ପୂର୍ବରୁ ବି.ଓ.ଭି ଗାଡ଼ି ଚାଲିଥିବା ବେଳେ ବାରମ୍ବାର ଖରାପ ହେଉଥିବା ବେଳେ ଏବେ ସେ ଗାଡ଼ି ଗୁଡ଼ିକ ଖାତ ଖାଉଛି। ଏଣୁ ବି.ଓ.ଭି ଗାଡ଼ି ନ ଆଣିବା ପାଇଁ ମିଟିଂ ରେ ଆଲୋଚନା କରାଯିବ ସହ ଡିଜେଲ କିମ୍ବା ପେଟ୍ରୋଲ ଗାଡ଼ି ଆଣିବା ନେଇ ନେଇ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର କରାଯାଇଥିଲା। ମାତ୍ର ବୁଧବାର ଦିନ ସକାଳ ପ୍ରାୟ ୯ସମୟରେ ପାଞ୍ଚ ଟି ବ୍ୟାଟେରୀ ଚାଳିତ ସଫେଇ ଗାଡ଼ି କାର୍ଯ୍ୟାଳୟ ପରିସରରେ ଖୋଦ୍ ଭାରପ୍ରପ୍ତ ଅଧକ୍ଷ ମହେନ୍ଦ୍ର ବେହେରା ଓ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା କୌଣସି କାଉନସିଲର ଙ୍କୁ ନ ଜଣାଇ ହାତରେ ନଡ଼ିଆ ଧରି ଶୁଭାରମ୍ଭ ପାଇଁ ନଡିଆ ଫଟାଇବାକୁ ଯାଉଥିବା ବେଳେ କାଉନସିଲର ଗୌରାଙ୍ଗ ବିନ୍ଧାଣି ଏହାକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରି ନଡ଼ିଆ ଫଟାଇବାକୁ ଦେଇ ନଥିଲେ। କାରଣ ଉକ୍ତ ଗାଡ଼ି ଲିଜ ସୂତ୍ରରେ ଆଣିବା ପାଇଁ କାଉନସିଲ ବୈଠକ



ଅନୁମୋଦନ ହୋଇ ନ ଥିବା ବେଳେ ପୁଣି କୌଣସି କାଉନସିଲର ଙ୍କୁ ନ ଜଣାଇ ଶୁଭାରମ୍ଭ କୁ ବିରୋଧ କରି ଧାରଣାରେ ବସିଥିଲେ। ପରେ ଏହାକୁ ସମର୍ଥନ ଜଣାଇ ସଭ୍ୟା ରତିପ୍ରଭା ସାହୁ ମଧ ଧାରଣାରେ ବସିଥିଲେ । ସନ୍ଧ୍ୟା ପ୍ରାୟ ୬ଟା ପର୍ଯ୍ୟନ୍ତ ଧାରଣାରେ ବସିଥିବା ବେଳେ ନିଳଗିରି ଏନ୍.ଏ.ସି ଟି ଶାସକ ଦଳ କବଜା ରେ ଥିବା ବେଳେ କାଳେ ଲୋକହସା ହେବେ ଧାରଣାରୁ ଉଠାଇବା ପାଇଁ ଲାଗିପଡିଲେ ସ୍ଥାନୀୟ ବିଜେପି ନେତା। ମାତ୍ର ବିଜେପି କାଉନସିଲର ଗୌରାଙ୍ଗ ବିନ୍ଧାଣି ଓ ରତିପ୍ରଭା ସାହୁ ନିଜ ନ୍ୟାୟ ହକ ରୁ ଓହରି ନଯାଇ ଧାରଣାରେ ବସିଥିଲେ। ଗୋଟାଏ ଜିଦ୍ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯଇ ନ ଥିବା ବେଳେ ଅଫିସର ନିଜ ବାହୁ ବଳରେ ଯାହା ଇଚ୍ଛା ତାହା କରିଦେବେ, ତେବେ କାଉନସିଲର ରହିବା ଦରକାର ନାହିଁ ,ବୋଲି କହି ଜିଦ୍ ରେ ଅଟଳ ରହିଥିଲେ। ଏହି ଘଟଣାକୁ ତୁରନ୍ତ ହଟାଇବା ପାଇଁ ତୁଙ୍ଗ ନେତାଙ୍କ ତାଗିଦ୍ ଆସିବା ପରେ ଧାରଣା ସ୍ଥଳରେ ନିର୍ବାହୀ ଅଧିକାରୀ ଓ ଭାରାପ୍ରପ୍ତ ଅଧକ୍ଷ ମହେନ୍ଦ୍ର ବେହେରା ଧାରାଣାକାରୀ ଙ୍କୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ମାଗିବା ପରେ ଧାରଣାରୁ ଉଠି ଥିଲେ। ତେବେ ଆସନ୍ତା ବୈଠକ ରେ ସବିଶେଷ ଆଲୋଚନା ହେବାର ପ୍ରତିଶ୍ରୁତି ଦେଇଛନ୍ତି ଭାରପ୍ରାପ୍ତ ଅଧକ୍ଷ। ତେବେ ମାସିକ ୨୨ ହଜାର ଟଙ୍କାର ଭଡ଼ା ସୂତ୍ରରେ ତିନି ବର୍ଷ ପାଇଁ ଟେଣ୍ଡର ଧାରୀଙ୍କ ସହ ଚୁକ୍ତିନାମା ହୋଇଥିବା ବେଳେ ଚାଳକ ଓ ଗାଡ଼ି ମରାମତି ଟଙ୍କା ଅଫିସ ବହନ କରିବ ବୋଲି ଜଣା ପଡିଛି। ତେବେ ଏହି ଘଟଣାକୁ ସଭ୍ୟ/ସଭ୍ୟା ଙ୍କ ଲୋଚନକୁ ନ ଆଣିବା ପଛରେ କାରଣ କଣ, ତାହାକୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ଉପମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ଠକେଇ ଅଭିଯୋଗ

ଭୁବନେଶ୍ୱର, ୨୫/୨ (ନି.ପ୍ର): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନାଁକୁ ଅପବ୍ୟବହାର କରି ଟଙ୍କା ଆଦାୟ ହୋଇଥିବା ଅଭିଯୋଗ ଆସିଛି। ଏନେଇ ସାଇବର ଥାନାରେ ଅଭିଯୋଗ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଏଭଳି ଘଟଣା ସାମ୍ନାକୁ ଆସିଲେ ପୋଲିସ୍‌ରେ ଜଣାଇବାକୁ ଜନସାଧାରଣଙ୍କୁ ଅପିଲ କରିଛନ୍ତି। ସୂଚନା ଅନୁଯାୟୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନାଁ ରେ କିଛି ଅସାଧୁ ବ୍ୟକ୍ତି ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଛନ୍ତି। ଟଙ୍କା ଆଦାୟ ନିମନ୍ତେ ବ୍ୟବହୃତ ହୋଇଥିବା ନମ୍ବର ୭୩୭୭୩୫୨୪୪୯ ଓ ଅଭିଯୋଗକାରୀଙ୍କ ବୟାନକୁ ଆଧାର କରି ସାଇବର କ୍ରାଇମ ଥାନାରେ ମାମଲା ରୁଜୁ କରାଯାଇଛି ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଉପମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କୌଣସି ବ୍ୟକ୍ତି ଯଦି ଏହିପରି ଆପଣଙ୍କୁ ଫୋନ୍ କରି ଟଙ୍କା ମାଗନ୍ତି କିମ୍ବା ପରିଚୟର ଅପବ୍ୟବହାର କରି ଟଙ୍କା ଆଦାୟ କରିବା କିମ୍ବା ପଦମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରୁଥିବା ନଜର ଆସୁଛି ତେବେ ତୁରନ୍ତ ପୋଲିସକୁ ଜଣାନ୍ତୁ ଏବଂ ଥାନାରେ ଅଭିଯୋଗ କରନ୍ତୁ। ଏପରି କାର୍ଯ୍ୟକଳାପକୁ ଆଦୌ ବରଦାସ୍ତ କରାଯିବ ନାହିଁ। କୌଣସି ବି ଅଜଣା ବ୍ୟକ୍ତିଙ୍କୁ ଟଙ୍କା ପଇଠ କରିବା ପୂର୍ବରୁ ସମ୍ପୂର୍ଣ୍ଣ ତଥ୍ୟକୁ ଯାଂଚ କରନ୍ତୁ ଠକାମିରୁ ବଂଚନ୍ତୁ।

# ଜଳେଶ୍ୱର ରୋଟାରୀ ପକ୍ଷରୁ ଜିଲ୍ଲା ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: କଟକ ରୋଟାରୀ କ୍ୟାଣ୍ଟେନମେଣ୍ଟ କ୍ଲବ ବିଜେତା

ଜଳେଶ୍ୱର, ୨୫/୨ (ନି.ପ୍ର): ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜଳେଶ୍ୱର ଶାନ୍ତିଆ ପଡ଼ିଆ ନେତାଜୀ ଷ୍ଟାଡିୟମରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି।ରୋଟାରୀ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରୋଟାରୀ ଜିଲ୍ଲା ୩୨୬୨ ପ୍ରାନ୍ତପାଳ (ଡିସ୍ଟ୍ରିକ୍ଟ ଗଭର୍ଣ୍ଣର) ମନୋଜ କୁମାର ତ୍ରିପାଠୀ ସହ ରୋଟାରୀ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଧକ୍ଷ ବିକ୍ରମ କେଶରୀ ବେହେରା,ଜଳେଶ୍ୱର କ୍ଲବ ସଭାପତି ସୁବୀର କୁମାର ସେନାପତି,ସହ -ଉପାଧକ୍ଷ ରାଜକିଶୋର ହୁଇ,ଜଳେଶ୍ୱର କ୍ରିକେଟ ଟିମ ଅଧିନାୟକ ରାଜେଶ କୁମାର ଖଟୁଆ ସହ ଜଳେଶ୍ୱର ରୋଟାରୀ କ୍ଲବର ସଦସ୍ୟ, ବାଲେଶ୍ୱର ରୋଟାରୀ ଅନ ସି କ୍ଲବ ସଭାପତି ମହମ୍ମଦ ମୁକ୍ତାର ଅହମ୍ମଦ ଖେଳକୁ ଉଦଘାଟନ କରି



ରୋଟାରୀ ଜିଲ୍ଲାର ବିଭିନ୍ନ କ୍ଲବ ସଦସ୍ୟଙ୍କୁ ଉତ୍ସାହିତ କରି ସମାଜ ସେବା ସହ ଭାଇଚାରାରେ ଖେଳୁଆଡ ମନୋଭାବକୁ ପ୍ରଶଂସା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଜଳେଶ୍ୱର ରୋଟାରୀ କ୍ଲବ କ୍ରିକେଟ ଟିମ, ବାଲିଆପାଳ ରୋଟାରୀ କ୍ଲବ କ୍ରିକେଟ ଟିମ, କଟକ କ୍ୟାନଟନମେଣ୍ଟ କ୍ଲବ କ୍ରିକେଟ ଟିମ, ବାରିପଦା ରୋଟାରୀ କ୍ଲବ,ବାଲେଶ୍ୱର ରୋଟାରୀ ଅନ ସି କ୍ଲବ ମଧ୍ୟରେ ଚିତ୍ତାକର୍ଷକ ଖେଳ ହୋଇଥିଲା।ଫାଇନାଲରେ କଟକ କ୍ୟାନଟନମେଣ୍ଟ ରୋଟାରୀ କ୍ଲବ ଟିମ ଓ ବାଲିଆପାଳ ରୋଟାରୀ କ୍ଲବ ଟିମ ମଧ୍ୟରେ ଲଢୁଆ ଖେଳରେ କଟକ କ୍ୟାନଟନମେଣ୍ଟ କ୍ଲବ ଟିମ ବିଜେତା ହୋଇଥିଲେ। ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ କଟକ କ୍ୟାନଟନମେଣ୍ଟ କ୍ଲବକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜଳେଶ୍ୱର ରୋଟାରୀ କ୍ଲବର ସଂପାଦକ ଅଂଶୁମାନ ରାଉତ, ଆଇପିପି ଭାସ୍କର ରଜଂନ ସ୍ୱାଇଁ, ପ୍ରାକ୍ତନ ସଭାପତି ସୁବ୍ରତ କୁମାର ରଣା, ପ୍ରବୀର କୁମାର ପ୍ରଧାନ, ବିକାଶ କୁମାର ଧର,ନିତ୍ୟ ଗୋପାଳ ଦାସ, ପ୍ରଭାତ କୁମାର ସାହୁ, ତାରାପଦ ମହାନ୍ତି, ମଣିଭଦ୍ର ଜେନା, ପ୍ରଫୁଲ୍ଲ କୁମାର ଦାସ, ଅଶୋକ କୁମାର ମହାନ୍ତି ,ନନ୍ଦନ କୁମାର ଦତ, ଦୀପକ କୁମାର ସାହୁ ସହ ରୋଟାରିଆନ ମାନସ ରଞ୍ଜନ ମହାନ୍ତି, ଅଶୋକ କୁମାର ମିଶ୍ର, ଶ୍ୟାମସୁନ୍ଦର ମିର୍ଦ୍ଧା, ନିର୍ମଳ ରାଜ, ସଂବିତ କୁମାର ପ୍ରଧାନ,ରିଙ୍କି ଗିରି, ଦିପ୍ତି ନନ୍ଦୀ, ଗୋପୀନାଥ ପ୍ରମାଣିକ, ସତ୍ୟବ୍ରତ ଜେନା, ଅଜିତ କୁମାର ପ୍ରଧାନ, ଲକ୍ଷ୍ମୀନାରାୟଣ ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜବରଦଖଲ ଉଚ୍ଛେଦ ସାମଗ୍ରୀ କବାଡିଆ ଦୋକାନରେ ବିକ୍ରି ଅଭିଯୋଗ

ସମ୍ବଲପୁର, ୨୫/୨ (ନି.ପ୍ର): ଗତ କିଛି ଦିନ ତଳେ ସମ୍ବଲପୁର ଜିଲ୍ଲା ପ୍ରଶାସନ ସହରର ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ମୁଣ୍ଡ ଟେକିଥିବା ଜବରଦଖଲକୁ ଦୃଢ଼ ହସ୍ତରେ ଉଚ୍ଛେଦ କରିଥିବା ଦେଖିବାକୁ ମିଳିଥିଲା । ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ବଲପୁର ମହାନଗର ନିଗମକୁ ଲୋକେ ପ୍ରଶଂସା ଓ ବହୁ ଉଚ୍ଚପ୍ରଶଂସା ମଧ କରିଥିଲେ । ହେଲେ ଅଧିକାରୀଙ୍କ ଠୁଁ କର୍ମଚାରୀ ପର୍ଯ୍ୟନ୍ତ ମାସିକ ମୋଟା ବେତନ ପାଉଥିଲେ ମଧ ନିଅଂଟିଆ ଓ ଅଭାବ କେଉଁଠି ରହିଲା ତାହା ଏବେ ନିର୍ଦ୍ଦିଷ୍ଟ ମହଲରେ ଅନୁସନ୍ଧାନ ଆରମ୍ଭ ହୋଇଥିବା ଶୁଣିବାକୁ ମିଳିଛି । ସୂଚନାନୁଯାୟୀ ମହାନଗର ନିଗମର ଉଚ୍ଛେଦ ପ୍ରକ୍ରିୟା ବେଳେ ବହୁ ଗରିବ ଗୁରୁବାଙ୍କ କାନ୍ଦ ବୋବାଳି ଓ ଅସହାୟତାକୁ ଅଣଦେଖା କରାଯାଇଥିଲା । ଯାହା ଭଙ୍ଗାଗଲା ଭଙ୍ଗାଗଲା, ଆଉ ଅନେକ ସାମଗ୍ରୀ ଜବତ ମଧ କରାଯାଇଥିଲା । ହେଲେ ସ୍ପଷ୍ଟ ଦିବାଲୋକରେ ଗରିବ ଗୁରୁବାଙ୍କ ଭଙ୍ଗା ଆଜବେଷ୍ଟସ, ଲୁହା ଟୁକୁରା ସାମଗ୍ରୀକୁ ନିଜ ଗାଡ଼ିରେ ନେଇ କୌଣସି କବାଡ଼ି ଗୋଦାମକୁ ଯାଇ ବିକ୍ରି କରିବା ଘଟଣା ସମ୍ପ୍ରତି ମହାନଗର ନିଗମର ଆଭିମୁଖ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରାଇଛି । କାହାର ଏତେ ଅଭାବ ପଡ଼ିଲା, ଯାହାକି ଅଫିସ୍ ଗାଡ଼ିରେ ଭଙ୍ଗା ଦଦରା ଜିନିଷ ବିକିବାକୁ କବାଡ଼ି ଦୋକାନକୁ ଯିବାକୁ ପରିସ୍ଥିତି ବାଧ କଲା । ଏବେ ଏହି ଦୃଶ୍ୟର ଭିଡିଓ ଫୁଟେଜ୍ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଏବାବଦରେ କ'ଣ ସଫେଇ ଦିଆଯିବ ସେନେଇ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ ରୁଦ୍ଧଦ୍ୱାର ବୈଠକ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି ।

**AFFIDAVIT**

An affidavit before the executive Magistrate Khaira, Balasore, I Reena Mohanty aged about 42 years W/o- Gouranga Mohanty, D/o- Banshidhar Mohanty of Vill/Po- Asuria, Ps- Khaira, Dist- Balasore declare that in my Aadhaar Card my name has been mentioned as Reena Mohanty D/o- Banshidhar Mohanty of Village Asuria. But my L.I.C vide policy no. 586435580 and S.L.C., my name has been mentioned as Koushalya Mohanty D/o- Banshidhar Mohanty, W/o- Gouranga Mohanty of village/po- Asuria, Ps- Khaira, Dist- Balasore. Both Reena Mohanty and Koushalya Mohanty D/o- Banshidhar Mohanty W/o- Gouranga Mohanty of village/po- Asuria, Ps- Khaira, Dist- Balasore are one and same person.

Reena Mohanty

# ହୋଲି ପୂର୍ବରୁ ଜୀ ସାର୍ଥକର ନୂତନ ଭେଟି: ମେଗା ଧାରାବାହିକ 'କିଛି ସତ କିଛି ମିଛ'ର ଶୁଭାରମ୍ଭ ମାର୍ଚ୍ଚ ୨ ତାରିଖ ସନ୍ଧ୍ୟା ୮ରୁ

ଭୁବନେଶ୍ୱର, ୨୫/୨ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ' ଏହାର ନୂତନ ମେଗା ସିରିଏଲ୍ 'କିଛି ସତ କିଛି ମିଛ' ମାଧ୍ୟମରେ ଦର୍ଶକଙ୍କୁ ଏକ ଭିନ୍ନ ସ୍ୱାଦର କାହାଣୀ ଭେଟି ଦେବାକୁ ଯାଉଛି। ଏହି ମେଗା ଧାରାବାହିକ ଆସନ୍ତା ମାର୍ଚ୍ଚ ୨ ତାରିଖରୁ ସୋମବାର ରୁ ଶନିବାର ରାତି ୮ଟାରେ ପ୍ରସାରିତ ହେବ। କେନ୍ଦ୍ରାପଡ଼ାର ଏକ ଶାନ୍ତ ଉପକୂଳବର୍ତ୍ତୀ ଗ୍ରାମର ପୃଷ୍ଠଭୂମିରେ ଆଧାରିତ ଏହି ଧାରାବାହିକରେ ଦୁଇ ଭଉଣୀଙ୍କ ଭାବପ୍ରବଣ ସମ୍ପର୍କର ଯାତ୍ରାକୁ ଦର୍ଶାଯାଇଛି। ଶାନ୍ତ ଓ ନୀତିବାନ 'ଛବି' ଏବଂ ସାହସୀ ତଥା ଜିଦ୍‌ଖୋର 'ଛାୟା'ଙ୍କ ମଧ୍ୟରେ ଥିବା ଅତୁଟ ଭଲପାଇବା ସେତେବେଳେ ସଙ୍କଟରେ ପଡ଼େ, ଯେତେବେଳେ ଶକ୍ତିଶାଳୀ



ମଙ୍ଗରାଜ ପରିବାର ସହ ଏକ ଜମି ଜାଲିଆତି କାରବାରରେ ସେମାନଙ୍କ ବାପାଙ୍କର ଦୁଃଖଦ ମୃତ୍ୟୁ ଘଟେ। ଛବି ଯିଏ କି ସରଳ ବିଶ୍ୱାସୀ ଓ ନିଜ ବୁଦ୍ଧି ବିବେକ ଅନୁସାରେ ସଚ୍ଚୋଟ ମାର୍ଗରେ କାମ କରେ ହେଲେ ଛାୟା ଯିଏ କି ସାହସୀ ଓ ନିର୍ଭୀକ କିନ୍ତୁ ନ୍ୟାୟ ପାଇବା ପାଇଁ ଭୁଲ ଆଉ ଠିକ କିଛି ନଭାବି ଯେ କୌଣସି ରାସ୍ତାରେ ଯିବାକୁ ପ୍ରସ୍ତୁତ ରହିଥାଏ । କାହାଣୀରେ ମୋଡ଼ ଆସେ ଯେତେବେଳେ ଛବି ଧିରେ ଧିରେ ମଙ୍ଗରାଜ ପରିବାରର ପୁଅ 'ଆଲୋକ' ସହ ପ୍ରେମରେ ପଡ଼ିଯାଏ। ଅନ୍ୟପଟେ ଛାୟାର ପ୍ରତିଶୋଧ ପରାୟଣ ମନୋଭାବ । ପ୍ରତିଶୋଧ ଏବଂ ନ୍ୟାୟର ନିଆଁରେ ଜଳୁଥିବା ଛାୟା ନେବ କି ପ୍ରତିଶୋଧ, ଯଦି ନେବ କିପରି ? ସତ କଣ କେବେ ଜଣା ପଡିବ ? ଦୁଇ ଭଉଣୀଙ୍କ ସମ୍ପର୍କ କିପରି ହେବ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଏହି ନୂତନ ମେଗା ଧାରାବାହିକ 'କିଛି ସତ କିଛି ମିଛ'ରେ । ଏହି ମେଗା ସିରିଏଲ୍‌ରେ ଆଲୋକ ଭୂମିକାରେ ଆର୍ଯ୍ୟ ପ୍ରଧାନ, ଛବି ଭୂମିକାରେ ଅର୍ଚ୍ଚିତା ରାଉତ ଏବଂ ଛାୟା ଭୂମିକାରେ ଅଦିତି ଦାଶ ଅଭିନୟ କରିଛନ୍ତି। ଏହି କାହାଣୀ ମଧ ଆମର ସବୁ ମେଗା ଧାରାବାହିକର କାହାଣୀ ପରି ଓଡ଼ିଶାର ପରମ୍ପରା, ଗ୍ରାମୀଣ ଜୀବନ ଏବଂ ନୈତିକ ମୂଲ୍ୟବୋଧର ଏକ ସୁନ୍ଦର ଚିତ୍ର ପ୍ରଦାନ କରିବା ସହ ଭଲପାଇବା, ବିଶ୍ୱସ୍ତତା, ସତ୍ୟ ଏବଂ ପ୍ରତାରଣାର ସମନ୍ୱୟରେ ଗଢ଼ା ଧାରାବାହିକ ପ୍ରମାଣ କରେ ଯେ, କେବେ କେବେ ସତ ଏବଂ ମିଛ ମଧ୍ୟରେ ଥିବା ସୀମାରେଖା ଅତି ସୂକ୍ଷ୍ମ ହୋଇଥାଏ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ ।

## ବିଶ୍ୱ ବାଣିଜ୍ୟ ଏବଂ ସାମୁଦ୍ରିକ ପଥର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଗ୍ରୀନ୍ ଲ୍ୟାଣ୍ଡ ଦଖଲ ପରିକଳ୍ପନା ସହିତ ଇରାନ୍ ଉପରେ ଆକ୍ରମଣ କ'ଣ ମିଳିତ ଜାତିସଙ୍ଘ ନଜରକୁ ଆସୁନାହିଁ ? ଅନ୍ୟାୟ ଭାବେ ବିଭିନ୍ନ ଦେଶ ଉପରେ ବାଣିଜ୍ୟିକ କଟକଣା /ଅତ୍ୟଧିକ ଆମଦାନୀ ଶୁଳ୍କ ଲାଗୁ କଣ ନ୍ୟାୟ ସଂଗତ ନା ଦାଦା ଗିରି ? ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଅଯଥା ହସ୍ତକ୍ଷେପ କେତେ ଯୁକ୍ତି ଯୁକ୍ତ ? ୟୁକ୍ରେନ ଋଷିଆ ଯୁଦ୍ଧ କେବେ ସରିବ ? ଚୀନ୍‌ର ତାଇୱାନ୍ ତଥା ଅନ୍ୟ ଦେଶ ଉପରେ ବିସ୍ତାରବାଦ ନୀତି, ଏପରିକି ଭାରତର ଅରୁଣାଚଳ ପ୍ରଦେଶକୁ ଦଖଲ କରିବାକୁ ଚେଷ୍ଟା କରୁଛି । ବର୍ତ୍ତମାନ ଏହିସବୁ ବିଷୟକୁ ବିଚାର କରାଯାଇ ବିଶ୍ୱ ବାଣିଜ୍ୟ କାରବାର ପାଇଁ ବ୍ୟବହୃତ ହେଉଥିବା ଜଳପଥ ଆକାଶ ପଥ ତଥା ସ୍ଥଳ ପଥକୁ ନିଜ ଦେଶର ସ୍ୱାର୍ଥ ପାଇଁ ସୁରକ୍ଷା ଦେବା ଛଡା ଅନ୍ୟ କୌଣସି ବିକଳ୍ପ ନାହିଁ । ଆନ୍ତର୍ଜାତିକ ପରିବହନ ନିୟମ କାନୁନକୁ କେହି ଖାତିର କରୁ ନାହାନ୍ତି । ଏହାର ଶେଷ କେବେ ହେବ ? ମାନବିକତାର ଜୟ କେବେ ହେବ ତାହା ସ୍ୱୟଂ ଭଗବାନ ଜାଣନ୍ତି ।

ସମ୍ମାନ ସହ ।

ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳଓ
କଟକ -୭୫୩୦୦୯
ମୋ: ୯୯୩୭୧୭୪୦୯୭

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଏନସିଇଆରଟି ...

ଦେବା ସମୟରେ, ସିଜେଆଇ ସୂର୍ଯ୍ୟକାନ୍ତ ବ୍ୟାଙ୍ଗାତ୍ମକ ଭାବେ ମନ୍ତବ୍ୟ ଦେଇ କହିଛନ୍ତି, ଗତକାଲି ଆମେ ଖବରକାଗଜରେ ପଢ଼ିଥିଲୁ ଯେ ଇଡି ଅନେକ ମାମଲା ରୁଜୁ କରିଛି। ସେଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତୁ ଏବଂ ବଡ଼ ମାମଲାଗୁଡ଼ିକ ଉପରେ ଆପଣଙ୍କର ଶକ୍ତି କେନ୍ଦ୍ରିତ କରନ୍ତୁ, ଯାହା ସକାରାତ୍ମକ ଫଳାଫଳ ଦେବ। ଇଡି ଓକିଲ କୋର୍ଟରେ କହିଥିଲେ ଯେ ହେମନ୍ତ ସୋରେନଙ୍କୁ ସାତ ଥର ସମନ କରାଯାଇଥିଲା, କିନ୍ତୁ ସେ ହାଜର ହୋଇନଥିଲେ। ଇଡିର ଏହି ଅଭିଯୋଗ ପରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଓକିଲ ମୁକୁଲ ରୋହତଗି ଜବାବ ଦେଇଥିଲେ ଯେ ହେମନ୍ତ ସୋରେନ ତିନି ଥର ହାଜର ହୋଇଥିଲେ କିନ୍ତୁ ତାଙ୍କୁ ଗିରଫ କରାଯାଇଥିଲା ।

### ଲାଞ୍ଚ ଖୋଲିଦେଲା ...

ବ୍ରହ୍ମପୁର, କଟକ, ଫୁଲବାଣୀରେ ବଡ଼ବଡ଼ ଦାୟିତ୍ୱରେ ଥିଲେ। ଡିସେମ୍ବର ୨୦୨୫ରୁ ପୁଣି କଟକରେ ଉପ-ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ । ପୂର୍ବରୁ ଭିଜିଲାନ୍ସ ଲିଷ୍ଟରେ ନାଁ ଚଢାଇ ବଦନାମର ଟୀକା ବି ପିନ୍ଧିଥିଲେ । ତଥାପି ବାବୁଙ୍କ ଲୋଭ ଛାଡ଼ି ନଥିଲା , ଗତକାଲି କୋଇଲା ଭେଣ୍ଡରଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଟିମ ବାନ୍ଧିଥିଲା । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି, ବାବୁଙ୍କ କଳା ଟଙ୍କାର ପାହାଡ଼ ସାମ୍ନାକୁ ଆସିଥିଲା । ସେପଟେ ଆଇଟି, ଟେକ୍ନିକାଲ ଟିମକୁ ନେଇ କାମ କରୁଛି ଭିଜିଲାନ୍ସ । ଏବେବି ବ୍ୟାଙ୍କ ଲକର ଖୋଲିବା ବାକି ଅଛି , ୧୫ରୁ ଅଧିକ ଆକାଉଣ୍ଟ ମିଳିଛି । ଜୀବନ ବୀମା, ଫିକ୍ସ ଡିପୋଜିଟ୍, ପୋଷ୍ଟାଲ; ଏସବୁର ଖୋଳତାଡ଼ ଜାରି ରହିଛି । ଆବଶ୍ୟକସ୍ଥଳେ ସେଣ୍ଟ୍ରାଲ ଏଜେନ୍ସି ସହ ଯୋଗାଯୋଗ କରିବ ଭିଜିଲାନ୍ସ । ଏହି ଅଫିସରଙ୍କ ଘରେ ଯଦି ଏତେ, ତା'ହେଲେ ବଡ଼ ବଡ଼ ବାବୁଙ୍କ ସମ୍ପତ୍ତି କେତେ ? ଦେବବ୍ରତଙ୍କ ସହ ମିଶି କେଉଁ କେଉଁ ଅଧିକାରୀ ନିଜର କଳା ସାମ୍ରାଜ୍ୟ ଗଢ଼ିଛନ୍ତି ? ଦେବବ୍ରତଙ୍କୁ ସୁରକ୍ଷା ଦେଉଥିବା ପ୍ରଭାବଶାଳୀଙ୍କ ପାଖରେ କେବେ ପହଞ୍ଚିବ ଭିଜିଲାନ୍ସ ?

### ଇସ୍ରାଏଲରେ ପହଞ୍ଚିଲେ...

ଏହା ଦର୍ଶାଉଛି ଯେ ଭାରତ ଏବେ ନିଜର ବୈଦେଶିକ ନୀତିରେ ଅଧିକ ସ୍ପଷ୍ଟ। ପୂର୍ବରୁ ଭାରତ ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଯାଇ ଇସ୍ରାଏଲ୍ ସହ ଖୋଲାଖୋଲି ମିଶୁନଥିଲା, କିନ୍ତୁ ଏବେ ଭାରତ ନିଜର ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଉଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଇସ୍ରାଏଲ୍ ଗସ୍ତ ଆଗାମୀ ଦଶନ୍ଧି ପାଇଁ ଭାରତର ପ୍ରତିରକ୍ଷା ଏବଂ ବୈଷୟିକ ରୂପରେଖ ପ୍ରସ୍ତୁତ କରିବ। ବ୍ୟବସାୟିକ ଏବଂ ରଣନୈତିକ ଦୃଷ୍ଟିକୋଣରୁ ଏହା ଏକ ସଫଳ ଗସ୍ତ ହେବାକୁ ଯାଉଛି। ଭାରତ ଏବଂ ଇସ୍ରାଏଲର ଏହି 'ବିଜୟୀ ଯୋଡ଼ି' ବିଶ୍ୱ ରାଜନୀତିରେ ଏକ ନୂଆ ଶକ୍ତି କେନ୍ଦ୍ର ଭାବେ ଉଭା ହେବ।

### ପୁଣି ଥରେ ଟାରିଫ୍ ...

ପ୍ରାରମ୍ଭିକ ଶୁଳ୍କ ଇଣ୍ଡୋନେସିଆ ପାଇଁ ୮୬% ରୁ ୧୪୩% ଥିବାବେଳେ ଲାଓସ ପାଇଁ ୮୧% ପର୍ଯ୍ୟନ୍ତ ରହିଛି। ଏହି ହାରଗୁଡ଼ିକ ବିଦେଶୀ ସବସିଡି ଓ ବଜାର ମୂଲ୍ୟକୁ ହିସାବକୁ ଅନୁସାରେ ଧାର୍ଯ୍ୟ କରାଯାଇଛି।। ଭାରତ ପାଇଁ, ଶୁଳ୍କ ୧୨୬% ସ୍ଥିର କରାଯାଇଛି। ଭାରତ ଉପରେ ଏହି ଶୁଳ୍କର ପ୍ରଭାବ ବିଶେଷ ଭାବରେ ସୌର ଶକ୍ତି କ୍ଷେତ୍ରରେ ଅନୁଭୂତ ହେବ। ଏହା କେବଳ ଭାରତରୁ ସୌର ଶକ୍ତି ରପ୍ତାନିରେ ହ୍ରାସ ଆଣିପାରିବ ନାହିଁ, ବରଂ ସମ୍ପୃକ୍ତ କମ୍ପାନୀଗୁଡ଼ିକର ଷ୍ଟକ୍ ଉପରେ ମଧ ଚାପ ପକାଇପାରେ ବୋଲି କୁହାଯାଉଛି। ତଥ୍ୟ ଅନୁଯାୟୀ, ଆମେରିକା ୨୦୨୪ ମସିହାରେ ଭାରତରୁ ପ୍ରାୟ ୭୯୨.୬ ନିୟୁତ ଡଲାର ମୂଲ୍ୟର ସୌର ଶକ୍ତି ଉତ୍ପାଦ ଆମଦାନି କରିଥିଲା। ଯାହା ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ ଥିଲା। ଗତ ବର୍ଷ, ଆମେରିକା ଟ୍ରମ୍ପ ପ୍ରଶାସନ ଦ୍ୱାରା ଟାର୍ଗେଟ କରାଯାଇଥିବା ତିନୋଟି ଦେଶ ଭାରତ , ଇଣ୍ଡୋନେସିଆ ଓ ଲାଓସରୁ ପ୍ରାୟ ୪.୫ ବିଲିୟନ ଡଲାର ମୂଲ୍ୟର ସୌର ଉତ୍ପାଦ ଆମଦାନି କରିଥିଲା। ବିଶେଷଜ୍ଞମାନଙ୍କ ଅନୁସାରେ, ଏହି ପଦକ୍ଷେପ ଆନ୍ତର୍ଜାତୀୟ ସୌର ଶକ୍ତି ବଜାରରେ ଅସ୍ଥିରତା ବୃଦ୍ଧି କରିପାରେ। ଭାରତୀୟ ରପ୍ତାନିକାରୀମାନଙ୍କୁ ବିକଳ୍ପ ବଜାର ଖୋଜିବାକୁ ମଧ ବାଧ କରିପାରେ। ଏହା ବ୍ୟତୀତ, ଆମେରିକାର ଟାରିଫ୍ ନୀତି ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିବାର ସମ୍ଭାବନା ଅଛି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ଏହି ଟାରିଫ୍ ଏକ ସ୍ପଷ୍ଟ ସୂଚକ ଯେ, ଆମେରିକା ଘରୋଇ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବା ଏବଂ ବିଦେଶୀ ପ୍ରତିଯୋଗିତାକୁ ନିୟନ୍ତ୍ରଣ କରିବା ପାଇଁ କଠୋର ପଦକ୍ଷେପ ନେଉଛି। ଏହି ନୀତିର ଦୀର୍ଘକାଳୀନ ପ୍ରଭାବ ଏହା ହୋଇପାରେ ଯେ ଭାରତ ଏବଂ ଅନ୍ୟାନ୍ୟ ପ୍ରଭାବିତ ଦେଶମାନଙ୍କୁ ସେମାନଙ୍କର ରପ୍ତାନି ରଣନୀତି ପରିବର୍ତ୍ତନ କରିବାକୁ ପଡ଼ିପାରେ ତଥା ଆମେରିକୀୟ ବଜାର ପାଇଁ ଉତ୍ପାଦନ ଖର୍ଚ୍ଚ ଉପରେ ଧ୍ୟାନ ଦେବାକୁ ପଡ଼ିପାରେ।

# ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ଉପରେ ଜିଲ୍ଲା ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୫/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଅଧକ୍ଷତାରେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭାରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ର ଜିଲ୍ଲା ସ୍ତରୀୟ ସଚେତନତା ଶିବିର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ତରଭା ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ କହିଥିଲେ ଯେ ଆଜିକାଲି ଅଧିକାଂଶ ସମସ୍ୟାର ମୂଳ କାରଣ ହେଉଛି ଯୁବ ଓ ବରିଷ୍ଠ ପିଢ଼ି ମଧ୍ୟରେ ଥିବା ଚିନ୍ତାଧାରାର ବ୍ୟବଧାନ। ସେମାନେ ପରସ୍ପରକୁ ଗ୍ରହଣ କଲେ ଅନେକ ସମସ୍ୟାର ସମାଧାନ ସମ୍ଭବ ହେବ। ଆମେ ଆଇନର ସହାୟତା ନ ନେଇ ମଧ ବରିଷ୍ଠ ନାଗରିକଙ୍କ ସହିତ ବୁଝାମଣାରେ ରହିପାରିବା ବୋଲି ସେ କହିଥିଲେ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଓ ହେଲ୍ପେଜ ଇଣ୍ଡିଆର ପ୍ରକଳ୍ପ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ଉପସ୍ଥିତ ଥିଲେ। ଶିବିରରେ ଭରଣପୋଷଣ ବରିଷ୍ଠ ନାଗରିକ ଆଇନ, ୨୦୦୭ ବିଷୟରେ ଉପସ୍ଥିତ ଅଧିକାରୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା।

ଶ୍ରୀମତୀ ବ୍ରହ୍ମା କହିଥିଲେ ଯେ ଏହି ଅଧିନିୟମ କେବଳ ୬୦ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ନୁହେଁ, ବରଂ ଯେଉଁ ପିତାମାତାଙ୍କ ଉପରେ ଅତ୍ୟାଚାର ହେଉଛି ସେମାନେ ଏହି ଆଇନ ଅନୁଯାୟୀ ସଂପୃକ୍ତ ଉପଜିଲ୍ଲାପାଳ ବା ଟ୍ରିବ୍ୟୁନାଲ୍ ମାଧ୍ୟମରେ ନ୍ୟାୟ ପାଇପାରିବେ। ଯଦି ଉପଜିଲ୍ଲାପାଳ ବା ଟ୍ରିବ୍ୟୁନାଲ୍ ଆଦେଶ ବା ରାୟ ଉପରେ ଅସନ୍ତୁଷ୍ଟ ହେଲେ ଅପିଲ ଅଧିକାରୀ ତଥା ଜିଲ୍ଲାପାଳ ଙ୍କ ନିକଟରେ ଅପିଲ ଫାଇଲ କରିବାର ବ୍ୟବସ୍ଥା ଏହି ଆଇନ ରେ ଥିବା ବିଷୟ ଅବଗତ କରାଯାଇଥିଲା। ପ୍ରତ୍ୟେକ ଜିଲ୍ଲାରେ ୧୫୦ କ୍ଷମତାସମ୍ପନ୍ନ ବରିଷ୍ଠ ନାଗରିକ ଆଶ୍ରୟସ୍ଥଳୀ ରହିବା ଓ ଏହାର ତଦାରଖ ଜିଲ୍ଲାପାଳ କରିବେ ବୋଲି ସୂଚନା ଦିଆଯାଇଥିଲା। ଫର୍ମ-ଏ ପୂରଣ କରି ମାମଲା ରୁଜୁ କରିବା ଏବଂ ସଠିକ ପରିଚାଳନା ମାଧ୍ୟମରେ ପୀଡ଼ିତଙ୍କୁ ନ୍ୟାୟ ଦେବାର ବ୍ୟବସ୍ଥା ଥିବା ସଚେତନ କରାଯାଇଥିଲା।

ଜିଲ୍ଲା ନାଗରିକ କଲ୍ୟାଣ କମିଟି ପ୍ରତିମାସରେ କମରେ ଥରେ ବୈଠକ କରିବା ଆବଶ୍ୟକ ଓ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବ୍ଲକ୍‌କୁ ପହଂଚାଯିବ ବୋଲି କୁହାଯାଇଥିଲା। କେହି ବରିଷ୍ଠ ନାଗରିକ କିମ୍ବା ପିତାମାତା ଅସୁବିଧାର ସମ୍ମୁଖୀନ ହେଲେ ଏଲଡରଲାଇନ ହେଲ୍ପଲାଇନ ୧୪୫୬୭ ରେ ସହାୟତା ନେଇପାରିବେ।

ଶେଷରେ ଜିଲ୍ଲାପାଳ ଶ୍ରୀ ସାହୁ ବରିଷ୍ଠ ନାଗରିକମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ ସେମାନେ ଏବେ ମଧ ଯୁବା ଅବସ୍ଥାରେ ଅଛନ୍ତି ଏବଂ ନୂତନ ପିଢ଼ିକୁ ଗ୍ରହଣ କଲେ ସମସ୍ୟାର ସମାଧାନ ସହଜ ହେବ। ଯୁବ ପିଢ଼ି ମଧ ସେମାନଙ୍କୁ ଗ୍ରହଣ କରିବା ଉଚିତ କାହିଁକି ନା ସେମାନେ ମଧ ଦିନେ ସେହି ଅବସ୍ଥା ରେ ପହଁଚିବେ।

# ପିଲା ଚୋରି ଏବଂ ଡାହାଣୀ ସନ୍ଦେହର ଅପପ୍ରଚାରରୁ ଦୂରେଇ ରହିବା ପାଇଁ ସଚେତନତା କାର୍ଯ୍ୟକ୍ରମ




ବୈଶିଙ୍ଗା, ୨୫/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ପିଲା ଚୋରୀକୁ ନେଇ ଗୁଜବ ଉଠିବା ଏବଂ ଏଥିରେ ନିରୀହ ଲୋକ ମୃତାହତ ହେବା ଓ ଡାହାଣୀ ସନ୍ଦେହ ରେ ଜୀବନରୁ ମାରି ଦିଆଯାଉଥିବା ଘଟଣା କୁ ନେଇ ବିଭିନ୍ନ ଥାନାରେ ମାମଲା ରୁଜୁ ହେବା ପରେ ସାଧାରଣ ଲୋକଙ୍କ ମନରେ ଆତଙ୍କ ଖେଳି ଯାଇଛି । ଏଥିରୁ ନିବୃତ ରହିବା ସହିତ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଲି ଗତକାଲି ମଙ୍ଗଳବାର ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ବରିଷ୍ଠ ନାଗରିକ ମଞ୍ଚରେ ସମସ୍ତଙ୍କୁ ଅନୁରୋଧ କରିଥିଲେ ଏଥି ସହିତ ପ୍ରତି ଥାନା ଇଲାକାରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ବୈଶିଙ୍ଗା ପୋଲିସ ପକ୍ଷରୁ ସାଧାରଣ ଜନତା , ନିର୍ବାଚିତ ପ୍ରତିନିଧି ଏବଂ ସାମ୍ବାଦିକ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଥାନାର ଅଭ୍ୟର୍ଥନା କକ୍ଷରେ ଅନୁଷ୍ଠିତ ହୋଇଥିଲା । ଥାନାଧିକାରୀ ବାରିଣି ଦାସ ଏହି କାର୍ଯ୍ୟକ୍ରମ ରେ ଅଧକ୍ଷତା କରି ଗୁଜବରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଏଥି ସହିତ ନିଜ ନିଜ ପିଲାମାନଙ୍କ ପ୍ରତି ଯତ୍ନବାନ ହେବା ପାଇଁ ଅଭିଭାବକ ଙ୍କୁ ପରାମର୍ଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ପାଇଁ ପୋଲିସ ତରଫରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଗାଁ ଗଣ୍ଡା ବୁଲି ବୁଲି ପ୍ରଚାର କରିବା ପାଇଁ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ତରଫରୁ ପୋଲିସକୁ ପ୍ରସ୍ତାବ ଦିଆ ଯାଇଥିଲା । ପ୍ରତି ପଞ୍ଚାୟତରେ ମଧ ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନ କରାଇବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା ।

# ଡାହାଣୀ, ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ଦୂରୀକରଣ କର୍ମଶାଳା

## ଶିକ୍ଷା ଓ ସ୍ୱାସ୍ଥ୍ୟ ସହ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀର ପ୍ରସାର ହେଲେ ଅନ୍ଧବିଶ୍ୱାସ ଦୂର ହୋଇପାରିବ




ବାରିପଦା , ୨୫/୨ (ନି.ପ୍ର): ପ୍ରାଚୀନ ଯୁଗରେ ଗୁଣିଗାରେଡ଼ି, ଯାଦୁବିଦ୍ୟା, ତନ୍ତ୍ରସାଧନ, ଝଡ଼ାଫୁଙ୍କା ଆଦି ଅନ୍ଧବିଶ୍ୱାସରେ ଲୋକମାନେ ଅଧିକ ବିଶ୍ୱାସ କରୁଥିଲେ। ଏବେ ବିଜ୍ଞାନର ଅଗ୍ରଗତି ପରେ ମଧ କେତେ ଲୋକଙ୍କ ମନରୁ ଏହି ଅନ୍ଧବିଶ୍ୱାସ ଦୂର ହୋଇପାରୁନାହିଁ। ଫଳରେ ଏହାକୁ ନେଇ ବିଭିନ୍ନ ପ୍ରକାର ଅପରାଧ ଘଟୁଛି। ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଯୋଗୁଁ ଏକାଧିକ ଜୀବନ ଯାଉଛି। ଏକବିଂଶ ଶତାବ୍ଦୀରେ ଏହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ମୟୁରଭଞ୍ଜ ଜିଲ୍ଲାପରିଷଦ ହଲରେ ଡାହାଣୀ ପ୍ରଥା ନିଷେଧ, ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ନିବାରଣ ପାଇଁ ପୂର୍ବାଞ୍ଚଳ ପୋଲିସ ଜୋନ ବାଲେଶ୍ୱର ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ପିନାକ ମିଶ୍ର କାର୍ଯ୍ୟକ୍ରମରେ ପୌରହିତ୍ୟ କରି ଉପସ୍ଥିତ ପୋଲିସ ଅଫିସର ଏବଂ ଜିଲ୍ଲା ମାନଙ୍କର ଅନ୍ୟାନ୍ୟ ଅଫିସର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିନିଧି ମାନଙ୍କୁ ଅନ୍ଧ ବିଶ୍ୱାସର ବିଭିନ୍ନ ଦିଗ ପ୍ରତି ସଚେତନ କରେଇ ଥିଲେ। ମୟୁରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଲି ସ୍ୱାଗତ ଭାଷଣ ରଖି କର୍ମଶାଳାର ମହତ୍ୱ ବିଷୟରେ ଅବଗତ କରିଥିଲେ। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଯୋଗଦେଇ ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରଥାକୁ ସଚେତନତା ମାଧମରେ ଦୂର କରିବା ସହ ଅନ୍ଧବିଶ୍ୱାସ ଦୂରୀକରଣ ସମ୍ପର୍କରେ ବ୍ୟାପକ ସଚେତନତା ଆବଶ୍ୟକ ଥିବା ମତ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗରେ ଅନୁଷ୍ଠିତ ୬ଟି ଅଧିବେସନରେ ପୂର୍ବତନ ସୂଚନା କମିଶନ ଶସିପ୍ରଭା ବିନ୍ଧାଣୀ, ଅବସରପ୍ରାପ୍ତ ବିଚାରପତି ନମିତା ଦାସ, ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଅଧାପକ ସୁଜୋୟ କୁଣ୍ଡୁ ପ୍ରମୁଖ ଯୋଗଦେଇ ଗୁଣିଗାରେଡ଼ିର ଭୟାବୟତା ସମ୍ପର୍କରେ ଅବଗତ କରି ଶିକ୍ଷା ଓ ସ୍ୱାସ୍ଥ୍ୟ ସହ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀର ପ୍ରସାର କରିପାରିଲେ ଅନ୍ଧବିଶ୍ୱାସ ଦୂର ହୋଇ ପାରିବ ବୋଲି କହିଥିଲେ। ସେହିପରି ଅନ୍ଧବିଶ୍ୱାସ ବିରୋଧରେ ରହିଥିବା ଆଇନ ସମ୍ପର୍କରେ ଉଲ୍ଲେଖ କରି ଗୁଣିଗାରେଡ଼ି ଓ ଡାହାଣୀ ପ୍ରତି ଲୋକଙ୍କ ଡର ଦୂର କରିବାକୁ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି। ଶେଷରେ ଏଡିରିକ୍ତ ଏସପି ଦୀପକ କୁମାର ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ଔପଦା ପିଏଚସି ଖୁବଶୀଘ୍ର ସି.ଏଚ.ସି ହେବ



ନୀଳଗିରି , ୨୫/୨ (ନି.ପ୍ର): ଔପଦା ବାସୀଙ୍କ ଦୀର୍ଘଦିନର ଦାବୀ ଶେଷରେ ଫଳବତୀ ହେବାକୁଯାଉଛି। ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏନେଇ ଓଡ଼ିଶା ସରକାରଙ୍କ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ମୁଖ୍ୟ ଶାସନସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ସାକ୍ଷାତକରି ବିଶେଷ ଆଲୋଚନା କରିବାପରେ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଗୁରୁତ୍ୱଦେଇ ଖୁବଶୀଘ୍ର ସିଏଚସିକୁ ଅପଗ୍ରେଡ ହେବାର ପ୍ରତିଶ୍ରୁତି ମିଳିଛି। ଆଜି ଭୁବନେଶ୍ୱର ଠାରେ ମାନ୍ୟବର ସାଂସଦ ଉଭୟ ମନ୍ତ୍ରୀ ଏବଂ ମୁଖ୍ୟଶାସନସଚୀବଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲାର ଫକୀରମୋହନ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟଚିକିତ୍ସାଳୟ, ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସହିତ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନାକରି ଏହାର ଆଶୁସମାଧାନ ପାଇଁ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଖୋଦ୍ ମନ୍ତ୍ରୀ ଟେଲିଫୋନ ଯୋଗେ ଆଲୋଚନା କରିଥିଲେ।

# ନୂତନ ବସ୍ତା ଏନଏସି କାର୍ଯ୍ୟାଳୟ ପାଇଁ ହେଲା ଜାଗା ଚିହ୍ନଟ



ବସ୍ତା, ୨୫/୨ (ନି.ପ୍ର): ସରକାରୀ ଭାବେ ମ୍ୟୁନିସିପାଲିଟି ଓ ଏନ ଏ ସି ଘୋଷଣା ହେଲା ପରେ ତା'ର କାର୍ଯ୍ୟାନ୍ୱୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ନୂତନ ବସ୍ତା ଏନ ଏ ସି କାର୍ଯ୍ୟାଳୟ ପାଇଁ ଆଜି ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନ ସର୍ଭେ କରି ଜାଗା ଚିହ୍ନଟ କରାଯାଇଛି।ବସ୍ତାର ବାରମାଡିଆ ମୌଜାସ୍ଥିତ ପୁରାତନ ତହସିଲଦାରଙ୍କ ସରକାରୀ ବାସଗୃହ ସଂଲଗ୍ନ ୯୩ ନଂ ଉନ୍ନତ ଯୋଜନା ଯୋଗ୍ୟ ପ୍ଲଟର ୨୫ ଡେସି ମିଲ ଜାଗାରୁ ୧୩ ଡେସିମିଲ ସ୍ଥାନରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ସ୍ଥିରୀକୃତ ହୋଇଛି।ପ୍ରକାଶ ଥାଉ କି ତହସିଲଦାର ଏହି ମୌଜାର ୯୪ ନଂ ପ୍ଲଟର ୨୪ ଡେସିମିଲ ଜାତୀୟ ରାଜପଥ ବିଭାଗ,୯୮ ନଂ ପ୍ଲଟର ୨୬ ଡେସିମିଲ ପୁରୁଣା ତହସିଲଦାରଙ୍କ କାର୍ଯ୍ୟାଳୟ ,୯୭ ନଂ ପ୍ଲଟ ର ୨୭ ଡେସିମିଲ ପୋଖରୀ ପ୍ରଭୃତି ବିଭିନ୍ନ ପ୍ଲଟ ଅନୁଧାନ କରିବା ପରେ ୯୩ ନଂ ପ୍ଲଟକୁ ଚିହ୍ନଟ କରିଛନ୍ତି। ଏହି ଚିହ୍ନଟ କାର୍ଯ୍ୟରେ ତହସିଲଦାରଙ୍କୁ ରାଜସ୍ୱ ସୁପର ଭାଇଜର ଶୁଭେନ୍ଦୁ ଭୂଷଣ ନାୟକ,ବସ୍ତା ରାଜସ୍ୱ ନିରୀକ୍ଷକ ଚନ୍ଦନ ସେଠୀ,ଅଶୋକ କୁମାର ରାଉଳ ଓ ସ୍ଥାନୀୟ ନେତୃବୃନ୍ଦ ସହଯୋଗ କରିଥିଲେ।

# ସହକାରୀ ଶିକ୍ଷୟତ୍ରୀଙ୍କ ଆତ୍ମହତ୍ୟା

ନୀଳଗିରି , ୨୫/୨ (ନି.ପ୍ର): ନୀଳଗିରି ଏନ୍ ଏ ସି ୨ନଂ ୱାର୍ଡ ଘାଟଘରସାହି ଗ୍ରାମର ନବକିଶୋର ପରିଚ୍ଛାଙ୍କ ଝିଅ ଧାରା ପରିଚ୍ଛା (୩୦) ମଙ୍ଗଳବାର ବିଳମ୍ବିତ ରାତିରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବାର ଦେଖିବାକୁ ମିଳିଛି। ବୁଧବାର ସକାଳେ ପରିବାର ଲୋକେ ଆତ୍ମହତ୍ୟା କରିଥିବାର ଦେଖି ସଙ୍ଗେସଙ୍ଗେ ନୀଳଗିରି ମେଡିକାଲକୁ ଆଣିଥିବା ବେଳେ ଡ଼ାକ୍ତର ମୃତଘୋଷଣା କରିଥିଲେ। ଏନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୂଚନା ଥାଉକି ଧାରା ପରିଚ୍ଛା ସହକାରୀ ଶିକ୍ଷୟତ୍ରୀ ଭାବେ ପୋଡ଼ାଶୂଳ ନିକଟ ଚତର ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଥିଲେ। ଏହି ଦୁଃଖଦ ଘଟଣାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଯକ୍ଷ୍ମା ରୋଗୀମାନଙ୍କୁ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଗଲା




ବାଲେଶ୍ୱର, ୨୫/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ଶାଖା ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲାର ଚିକିତ୍ସାଧୀନ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଠାରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ଶାଖାର ସଚିବ ଶ୍ରୀ ଗଣେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀଯୁକ୍ତ ଚକ୍ରଧର ଜେନା ପରିଚାଳନା କରିଥିବା ବେଳେ ଜିଲ୍ଲା ଜରୁରକାଳୀନ ଅଧିକାରୀ ଶ୍ରୀଯୁକ୍ତ ସାଇ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା. ମନୋଜ କୁମାର ସାହୁ, ଜିଲ୍ଲା କୁଷ୍ଠ ଅଧିକାରୀ ଡା. ସଂଜୀବ କୁମାର ପ୍ରଧାନ ଓ ରାଜ୍ୟ ଯକ୍ଷ୍ମା ଅଧିକାରୀ ଡା. ଅର୍ଘ୍ୟ ପ୍ରଧାନ ଉପସ୍ଥିତ ଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ଦ୍ୱାରା ଜିଲ୍ଲାରେ ୧୫୮୩ ଜଣ ଯକ୍ଷ୍ମା ରୋଗୀଙ୍କୁ ଏହି ପୁଷ୍ଟିକର ଖାଦ୍ୟ ପ୍ୟାକେଟ ଆଗାମୀ ୬ ମାସ ପର୍ଯ୍ୟନ୍ତ ବଣ୍ଟନ କରାଯିବ। ଏହା ଦ୍ୱାରା ଜିଲ୍ଲାରେ ସମସ୍ତ ଯକ୍ଷ୍ମା ରୋଗୀ ପୁଷ୍ଟିକର ଖାଦ୍ୟ ପାଇପାରିବେ ଏବଂ ଉପକୃତ ହେବେ। ଆଜିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାର ୨୫ ଜଣ ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ନିଲେଶ ପଟ୍ଟନାୟକ, ଶରତ ଦାସ ମହାପାତ୍ର, କବି ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥଲେ। ସର୍ବଶେଷରେ ଜିଲ୍ଲା ଯକ୍ଷ୍ମା ସଂଯୋଜକ ବିଶ୍ୱରଂଜନ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଳଦେବ ଜୀଉଙ୍କ ରଥ ନିର୍ମାଣ ଲାଗି ଏକ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର

ଭୁବନେଶ୍ୱର, ୨୫/୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ବଳଦେବ ଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି । ଏଥିନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି ଯେ ବିଗତ କିଛିଦିନ ଧରି ରଥର ୧୪ଟି ଚକର ଅବସ୍ଥା ଠିକ୍ ନଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାରର ବିଘ୍ନ ସୃଷ୍ଟି ହେଉଥିଲା। ଫଳସ୍ୱରୂପ ରଥ ମାଉସୀ ମା'ଙ୍କ ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଂଚି ପାରୁ ନଥିଲା ଏବଂ ପାଖାପାଖି ଦୁଇଦିନ ବଳମ୍ବ ହେଉଥିଲା। ବାହୁଡ଼ା ଯାତ୍ରା ସମୟରେ ମଧ ସମାନ ସ୍ଥିତି ଦେଖା ଯାଉଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ସୃଷ୍ଟି ନ ହୁଏ, ସେଥିପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ଏଥିନେଇ ବିଧି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ନେଇ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି । ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

# ଭାରତରେ ୨୬/୧୧ ଭଳି ଆକ୍ରମଣର ଧମକ ଦେଲା ଲସ୍କର-ଏ-ତୈବା: ଆତଙ୍କୀଙ୍କ ଟାର୍ଗେଟରେ ରାମ ମନ୍ଦିର



ନୂଆଦିଲ୍ଲୀ,୨୫/୨ : ଅପରେସନ୍ ସିନ୍ଦୂରରେ ଅଣ୍ଟା ଭାଙ୍ଗି ପଡ଼ିଥିବା ଆତଙ୍କୀ ସଂଗଠନ ଲସ୍କର-ଏ-ତୈବା(ଏଲଇଟି) ପୁଣିଥରେ ଭାରତକୁ ଖୋଲାଖୋଲି ଧମକ ଦେଇଛି । ଏଲଇଟିର ଉପମୁଖ୍ୟ ତଥା ପହଲଗାମ୍ ଆକ୍ରମଣର ମାଷ୍ଟର ମାଇଣ୍ଡ କୁହାଯାଉଥିବା ସୈଫୁଲ୍ଲା କସୁରୀ, କୋଡ୍ ୱାର୍ଡରେ ଭାରତରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ କରିବା ନେଇ ଚେତାବନୀ ଦେଇଛି । ଜାତୀୟ ଗଣମାଧମରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଆଧାରରେ, ସୈଫୁଲ୍ଲା କସୁରୀ କହିଛି ୨୦୨୫ରେ ଆମେ ଆକାଶ ମାର୍ଗରେ ରାଜୁତି କରିଥିଲୁ, ୨୦୨୬ରେ ସମୁଦ୍ରକୁ କବଜା କରିବୁ। ଆକାଶ ଓ ସମୁଦ୍ର ଏକ କୋଡ୍ ଶବ୍ଦ ପରି ମନେ ହେଉଛି, ଯାହା ଉପକୂଳବର୍ତ୍ତୀ ସହରଗୁଡ଼ିକ ଉପରେ ଆକ୍ରମଣକୁ ସୂଚାଇ ଦେଉଛି। କେବଳ ଏତିକି ନୁହେଁ ବହୁ ପ୍ରତିକ୍ଷିତ ରାମ ମନ୍ଦିର ଉପରେ ବି ବଡ଼ଧରଣର ଆକ୍ରମଣ ନେଇ ସୈଫୁଲ୍ଲା ଇସାରା କରିଛି। ଗୁଇନ୍ଦା ସୂତ୍ର ଅନୁଯାୟୀ, ମୁମ୍ବଇରେ ୨୬/ ୧୧ ଆକ୍ରମଣ ଭଳି ପୁନରାବୃତ୍ତିର ଚେତାବନୀ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୈଫୁଲ୍ଲା ପାକିସ୍ତାନୀ ସେନା ସହଯୋଗରେ କାମ କରିବା କଥା ଖୋଲାଖୋଲି ଭାବରେ ସ୍ୱୀକାର କରିଛନ୍ତି, ଯାହା ପୁଣି ଥରେ ପ୍ରମାଣିତ କରେ ଯେ ପାକିସ୍ତାନ ଆତଙ୍କବାଦୀଙ୍କ ପାଇଁ ଏକ ''ନର୍ସରୀ'' ହୋଇ ରହିଛି।

# ଏସଆର ସାଇନିଂ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

## ରକ୍ତଦେଲେ ୧୦୨, ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୪୫୦ରୋଗୀ



ଖଇରା, ୨୫/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଦେଉଳି ଛକସ୍ଥିତ ଏସଆର ଗ୍ରୁପ କାର୍ଯ୍ୟାଳୟ ପରିସରରେ ସାଇନିଂ ଫାଉଣ୍ଡେସନ ବୁଧବାର ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୋଟ ୧୦୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଭେଷଜ ବିଶେଷଜ୍ଞ ଅନିଲ କୁମାର ବୁଗୁଡି ଓ ଚର୍ମରୋଗ ବିଶେଷଜ୍ଞ ଶ୍ରୀକାନ୍ତ ଆଚାର୍ଯ୍ୟ ୪୫୦ରୁ ଉର୍ଦ୍ଧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ଭାବନା ଟ୍ରଷ୍ଟର ଅଧ୍ୟକ୍ଷ ଯୁବନେତା ଇଂ ରାଜେଶ କୁମାର ମହାକୁଡ ପୌରହିତ୍ୟ କରିଥିବା ବେଳେ ବିଜେପି ଜିଲାସଭାପତି ଈଶ୍ୱର ଚନ୍ଦ୍ର ବେହେରା,ଜିଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ,ଜିଲା ରକ୍ତ ଭଣ୍ଡାରର ମୁଖ୍ୟ ଅଧୀକାରୀ ଡଃ ବସନ୍ତ କୁମାର ଉପାଧ୍ୟାୟ, ଯୁବନେତା ନିଳମାଧବ ପଣ୍ଡା, ତୁଡିଗଡିଆ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଷ୍ଣୁମୋହନ ଶତପଥି, ଗଣ୍ଡିବେଡ ବଣିକ ସଂଘ ସମ୍ପାଦକ ଅଭିମନ୍ୟୁ ରାଉଳ,ସମିତିସଭ୍ୟା ବାସନ୍ତୀ ମହାନ୍ତୀ,ସମାଜସେବୀ ରାମଚନ୍ଦ୍ର ମହାକୁଡ,ଗାୟତ୍ରୀ ଆଶ୍ରମ ପରିଚାଳକ ଦିପ୍ତିକାନ୍ତ ଶାସ୍ତ୍ରୀ ପ୍ରମୁଖ ଯୋଗଦେଇ ଶିବିରର ଉଦ୍ଘାଟନ କରିଥିଲେ । ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ।୨୧ବର୍ଷ ଧରି ସମ୍ଭାବନା କିଭଳି ପ୍ରତିକୂଳ ପରିସ୍ଥିତିରେ ଦିନ ଦୁଃଖିଙ୍କ ସେବା ସହଯୋଗ କରିଆସିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ପୁରୁଷ ରକ୍ତଦାତାଙ୍କୁ ଟି ସାର୍ଟ ଓ ମହିଳାରକ୍ତଦାତାଙ୍କୁ ସାଲ ପ୍ରଦାନ କରାଯାଇଥିଲା । ଟ୍ରଷ୍ଟ ସଦସ୍ୟ ମହେଶ୍ୱର ନାଥ,ଟ୍ରଷ୍ଟି ଅନୁସରଣ ମହାକୁଡ,ଉମେସ ଜେନା, ମାନସ ମୁଦୁଲିଉମେଶ ଗାହାଣ, ଦିପ୍ତିକାନ୍ତ ବେହେରା, ଭକ୍ତହରି ସାହୁ, ଶଶିକାନ୍ତ ରାଉତ, କମଳ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଜନହିତ ଓ ରାଜ୍ୟର ଉନ୍ନତିକୁ ବାଧା ଦେବା ରାଜନୀତି କେବେବି ଗ୍ରହଣ ଯୋଗ୍ୟ ନୁହେଁ : ଭଦ୍ରକ ବିଧାୟକ

ଭଦ୍ରକ, ୨୫/୨ (ନି.ପ୍ର): ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଅଧିବେଶନରେ ଆଜି ଦୃଢ଼ ଓ ତର୍କସଙ୍ଗତ ଭାବେ ମତ ପ୍ରକାଶ କରି ମାନ୍ୟବର ଭଦ୍ରକ ବିଧାୟକ ଶ୍ରୀ ସିତାଂଶୁ ଶେଖର ମହାପାତ୍ର ବିକାଶ ବିରୋଧୀ ମନୋଭାବ ପ୍ରଦର୍ଶନ କରୁଥିବା ବିରୋଧୀ ଦଳକୁ କଡ଼ା ଭାଷାରେ ଭର୍ତ୍ସନା କରିଥିଲେ। ଜନହିତ ଓ ରାଜ୍ୟର ଉନ୍ନତିକୁ ବାଧା ଦେବା ରାଜନୀତି କେବେବି ଗ୍ରହଣ ଯୋଗ୍ୟ ନୁହେଁ ବୋଲି ସେ ସ୍ପଷ୍ଟ ଦୃଢ଼ୋକ୍ତି ରଖିବା ସହ ଭଦ୍ରକ ଜିଲ୍ଲାର ଦୀର୍ଘଦିନର ଦାବିକୁ ସାକାର କରି ବିଶ୍ୱବିଦ୍ୟାଳୟ ନିର୍ମାଣକୁ ସ୍ୱୀକୃତି ଦେଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ସମଗ୍ର ଜିଲ୍ଲାବାସୀଙ୍କ ପକ୍ଷରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଲେ।

# ଖେମିନିଙ୍କ ବାସଭବନ ଉପରେ ୨୫୦ ମୁଜାହିଦ୍ଦିନଙ୍କ ଆକ୍ରମଣ

ନୂଆଦିଲ୍ଲୀ,୨୫/୨ : ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ସରକାରୀ ବାସଭବନ ବେଇତ-ଏ ରହବାରି ଉପରେ ଆକ୍ରମଣ ହୋଇଥିବା ରିପୋର୍ଟ ଆସିଛି। ପିପୁଲ୍ସ ମୁଜାହିଦ୍ଦିନ ନାମ୍ନ ଏକ ସଂଗଠନ ଏହି ଆକ୍ରମଣ କରିଛି। ସଂଗଠନ କହିଛି ଯେ, ଆକ୍ରମଣ କରିଥିବା ଏହାର ୧୦୦ ଜଣ ସଦସ୍ୟଙ୍କୁ ଇରାନ ସେନା ଗିରଫ କରିଛି। କିଛି ସଦସ୍ୟଙ୍କୁ ମଧ ହତ୍ୟା କରାଯାଇଛି। ୧୯୭୯ ଇସଲାମିକ ବିପ୍ଳବ ପରେ ପ୍ରଥମ ଥର ପାଇଁ ଇରାନର ସର୍ବୋଚ୍ଚ ନେତାଙ୍କ ବାସଭବନ ଉପରେ ଯୋଜନାବଦ୍ଧ ଆକ୍ରମଣ କରାଯାଇଛି । ଗଣମାଧମ ରିପୋର୍ଟ ଅନୁଯାୟୀ, ସୋମବାର ୨୫୦ ଜଣ ମୁଜାହିଦ୍ଦିନ କେନ୍ଦ୍ରୀୟ ତେହେରାନରେ ଥିବା ଇସଲାମିକ୍ ଗଣରାଜ୍ୟର ନେତାଙ୍କ କାର୍ଯ୍ୟାଳୟ ଓ ବାସଭବନ ଉପରେ ଆକ୍ରମଣ କରିଥିଲେ। ସମସ୍ତ ମୁଜାହିଦ୍ଦିନ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଥିଲେ। ଇରାନର ମେହର ନ୍ୟୁଜ୍ ଏଜେନ୍ସି ନିଶ୍ଚିତ କରିଛି, ସମୋନଙ୍କ ମଧ୍ୟରୁ କେବଳ ଚାରି ଜଣଙ୍କୁ ଗିରଫ କରାଯାଇଛି । ଇରାନରେ ଉତ୍ତେଜନା ଆରମ୍ଭ ହେବା ପରେ ଖେମିନି ତାଙ୍କ ବାସଭବନ ଛାଡି ଏକ ବଙ୍କରକୁ ଚାଲିଯାଇଥିଲେ। ତାଙ୍କ ପୁଅ, ମୋଜତାବା ଖେମିନି, ତାଙ୍କ ବାସଭବନ ଏବଂ କାର୍ଯ୍ୟାଳୟ ପରିଚାଳନା କରୁଛନ୍ତି । ମୁଜାହିଦ୍ଦିନ ସଂଗଠନ ଦାବି କରିଛି, ଆକ୍ରମଣ ସମୟରେ ଅନେକ ଇରାନୀ ସୈନିକ ମଧ ନିହତ ହୋଇଥିଲେ। ତେବେ ସରକାର ଏହାକୁ ନିଶ୍ଚିତ କରି ନାହାନ୍ତି। ଇରାନ ସଂସଦର ଜାତୀୟ ସୁରକ୍ଷା କମିସନର ସଦସ୍ୟ ଅହମଦ ବଖଶାୟେସ୍ ଆର୍ଦେସ୍ତାନି କହିଛନ୍ତି, କିଛି ଆକ୍ରମଣ ଇସଲାମିକ୍ ଗଣରାଜ୍ୟକୁ ଦୁର୍ବଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଅନୁମାନ୍ କରାଯାଉଛି। କିନ୍ତୁ ଖେମିନିଙ୍କ ବାସଭବନ ଉପରେ ଆକ୍ରମଣ ଉପରେ ମନ୍ତବ୍ୟ ଦେବାକୁ ସେ ମନା କରିଦେଇଛନ୍ତି । ପିପୁଲ୍ସ ମୁଜାହିଦ୍ଦିନ୍ ସଂଗଠନ ୧୯୬୫ ମସିହାରେ ଶାହ ପହଲଭି ଶାସନ ବିରୋଧରେ ଲଢ଼ିବା ପାଇଁ ଗଠିତ ହୋଇଥିଲା । ୧୯୭୯ ମସିହାର ଇସଲାମିକ୍ ବିପ୍ଳବ ସମୟରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ୧୯୯୦ ମସିହା ପର୍ଯ୍ୟନ୍ତ ଏହା ଇରାନରେ ପ୍ରଭାବ ବିସ୍ତାର କରିଥିଲା, କିନ୍ତୁ ଆୟାତୋଲ୍ଲା ଖେମିନିଙ୍କ ସହ ମତଭେଦ ପରେ ଏହାକୁ ନିଷିଦ୍ଧ କରାଯାଇଥିଲା । ୨୦୦୨ ମସିହାରେ, ଏହି ସଂଗଠନ ପ୍ରଥମେ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିଶ୍ୱ ସମ୍ମୁଖରେ ପ୍ରକାଶ କରିଥିଲା। ଏହି ସଂଗଠନର ନେତୃତ୍ୱ ନେଉଛନ୍ତି ମାରିୟମ ରଜାଭି, ଯିଏ ଇରାନକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର କରିବାକୁ ଚାହୁଁଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida